Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 256
Sunday, 23 November 2025
Balasore, Page : 8, ₹ 2/
ବାଲେଶ୍ୱର, ରବିବାର, ୨୩ ନଭେମ୍ବର, ୨୦୨୫
ପୃଷ୍ଠା:୮ , ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ଲାଂଚ ମାମଲାରେ ୨ ପୂର୍ବତନ ଅଧିକାରୀଙ୍କୁ ୩ ବର୍ଷ ଜେଲ

ଭୁବନେଶ୍ୱର, ୨୨/୧୧ (ଆ.ପ୍ର) : ଏକ ଲାଂଚ ମାମଲାର ଶୁଣାଣି କରି ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଅବସରପ୍ରାପ୍ତ କୃଷି ବିଭାଗ ପୂର୍ବତନ ଯୁଗ୍ମ ସଚିବ, ଜଳସମ୍ପଦ ନିର୍ଦ୍ଦେଶକଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବଙ୍କୁ ୩ ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହ ଜରିମାନ ଦଣ୍ଡାଦେଶ ଶୁଣାଇଛନ୍ତି । ଅଭିଯୁକ୍ତମାନେ ହେଲେ ଅବସରପ୍ରାପ୍ତ କୃଷି ବିଭାଗର ପୂର୍ବତନ ଯୁଗ୍ମ ସଚିବ ବିଜୟ ଚନ୍ଦ୍ର ମହାପାତ୍ର ଓ ଜଳସମ୍ପଦ ନିର୍ଦ୍ଦେଶକଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ବେଣୁଧର ମହାନ୍ତି । ତତ୍କାଳ ପାସପୋର୍ଟ ପାଇଁ ଆବେଦନ କରିଥିବା ଜଣେ ଆବେଦନକାରୀଙ୍କ ଠାରୁ ସାର୍ଟିଫିକେଟ ଯାଂଚ ପାଇଁ ଲାଂଚ ନେଇ ଭିଜିଲାନ୍ସ ହାତରେ ଧରାପଡିଥିଲେ ।

ଏସ୍‌ଆଇ ମହାକେଳେଙ୍କାରୀର ଘଂଟାଚକଟା ଆରମ୍ଭ କଲା ସିବିଆଇ

ଭୁବନେଶ୍ୱର, ୨୨/୧୧ (ଆ.ପ୍ର) : ଶୁକ୍ରବାର ରାତିରେ ଦୀର୍ଘ ୮ ଘଂଟା ଜେରା ହେବା ପରେ ପାଟିରୁ ଅଲ କଥା ବାହାରୁନି । ଗଣମାଧ୍ୟମ ପ୍ରଶ୍ନରେ କି ଉତ୍ତର ଦେବେ ଜାଣି ପାରୁନାହାନ୍ତି । ପୋଲିସ SI ପରୀକ୍ଷା ସ୍କାମ ମାମଲାରେ ସିବିଆଇ ଜେରା ହେବା ପରେ ଏମିତି କିଛି ପରୀକ୍ଷାର୍ଥୀଙ୍କ ଅବସ୍ଥା । ୪ ଦିନ ଧରି ବୈଷୟିକ ଯାଂଚ ପରେ ଏହି ମାମଲାରେ ଜଡିତ ୧୧୪ ପରୀକ୍ଷାର୍ଥୀଙ୍କ ଷ୍ଟେଟମେଂଟ ରେକର୍ଡରୁ ହିଁ ଆରମ୍ଭ ହୋଇଛି ସିବିଆଇ ତଦନ୍ତ ଧାରା । ପ୍ରଥମ ପର୍ଯ୍ୟାୟରେ ମୋଟ ୧୦ ଜଣ ପରୀକ୍ଷାର୍ଥୀଙ୍କୁ ସମନ ଜାରି କରାଯାଇଛି । ତେବେ ଶୁକ୍ରବାର ୪ ଜଣ ପରୀକ୍ଷାର୍ଥୀଙ୍କୁ ପାଖାପାଖି ୮ ଘଂଟା ଜେରା କରିବା ପରେ ରାତି ପ୍ରାୟ ସାଢେ ୧୧ଟା ବେଳେ ଛାଡିଥିଲା ସିବିଆଇ । ଆଜି ଆଉ ୬ ଜଣ ସିବିଆଇରେ ହାଜର ହୋଇଥିଲେ । ସକାଳ ସମୟରେ ୨ ଜଣ ପହଂଚିଥିବା ବେଳେ ଅପରାହ୍ନ ୩ଟା ସମୟରେ ଆଉ ୪ଜଣ ସିବିଆଇ କାର୍ଯ୍ୟାଳୟରେ ପହଂଚିଥିଲେ । ଶୁକ୍ରବାର ଜେରାର ସମ୍ମୁଖୀନ ହୋଇଥିବା ସମସ୍ତ ପରୀକ୍ଷାର୍ଥୀ ଖୋର୍ଦ୍ଧା ଅଂଚଳର ହୋଇଥିବା ବେଳେ ଆଜି ହାଜର ସମସ୍ତ ପରୀକ୍ଷାର୍ଥୀ କଟକ ବାଙ୍କୀ ଅଂଚଳର ବୋଲି ଜଣାପଡିଛି । କେଳେଙ୍କାରୀରେ ଗିରଫ ୧୧୪ ପରୀକ୍ଷାର୍ଥୀଙ୍କ ବୟାନ ରେକର୍ଡ କରିବା ସହ ଷଡଯନ୍ତ୍ରକାରୀଙ୍କୁ ଖୋଜୁଛି ସିବିଆଇ । ରାଜ୍ୟ ସରକାରଙ୍କ ସୁପାରିଶ କ୍ରମେ ଗତ ୧୩ ତାରିଖରେ ସିବିଆଇ ମାମଲା ରୁଜୁ କରିଥିଲା । ପରେ କ୍ରାଇମବ୍ରାଂଚ ଓ ବ୍ରହ୍ମପୁର ପୋଲିସ ନିକଟରୁ ସମସ୍ତ ଦସ୍ତାବିଜ ଆଣି ଯାଂଚ କରିବା ପରେ ଆରମ୍ଭ ହୋଇଛି ଖୋଳତାଡ । ଏହାରି ଭିତରେ ସିବିଆଇ ଖୋଜୁଛି, ପୁରା କେଳେଙ୍କାରୀ ପଛରେ ରହିଛି କେଉଁ ପ୍ରଭାବଶାଳୀ ଲୋକଙ୍କର ସମ୍ପୃକ୍ତି ? କିଏ ସେ ଅଫିସର ଯାହାଙ୍କ ପୃଷ୍ଠପୋଷକତାରେ ବଢୁଥିଲେ ଶଂକର ପୃଷ୍ଟି ଭଳି ଦଲାଲ ? କାହା ଛତ୍ରଛାୟା ତଳେ ଚାଲିଥିଲା ଚାକିରି ବିକ୍ରି ସିଣ୍ଡିକେଟ ? କେଉଁଠି ଲୁଚିଛନ୍ତି ଆନ୍ତଃରାଜ୍ୟ ଦଲାଲ ? ୨୫ ଲକ୍ଷ ଟଙ୍କାରେ ପୋଲିସ SI ପଦବି ବିକ୍ରି ହେଉଥିବା ଜାଣିବା ପରେ ୧୧୪ ପରୀକ୍ଷାର୍ଥୀ ଓ ୩ ଦଲାଲଙ୍କ ସହ ୧୧୭ ଜଣଙ୍କୁ ଶ୍ରୀକାକୁଲମରୁ ଗିରଫ କରିଥିଲା ବ୍ରହ୍ମପୁର ପୋଲିସ । ପରେ ମାମଲାର ତଦନ୍ତ ଭାର କ୍ରାଇମବ୍ରାଂଚ ନେଇଥିବା ବେଳେ ଏଥିରେ ସଂପୃକ୍ତ ଥିବା ଦଲାଲ ମୁନା ମହାନ୍ତି, ପଂଚ ସପ୍ତ ମାଳିକ ଶଂକର ପୃଷ୍ଟି, ସିଲିକନ ଟେକ୍ ମୁଖ୍ୟ ସୁରେଶ ନାୟକ ସମେତ ୧୨ ଜଣଙ୍କୁ ଗିରଫ କରାଯାଇଥିଲା ।

ସାରା ରାଜ୍ୟରେ ସମାନ ହେବ ବାଲି ଦର, ଏମଏସପି ଲାଗୁ କରିବେ ସରକାର

ଭୁବନେଶ୍ୱର, ୨୨/୧୧ (ଆ.ପ୍ର) : ଆଉ ଚାଲିବନି ମନମାନି । ସାବାଡ଼୍ ହେବେ ବାଲି ମାଫିଆ । ସାରା ରାଜ୍ୟରେ ସମାନ ହେବ ବାଲି ଦର । ଏଣିକି ବେଆଇନ ଭାବେ ବାଲି ଉତ୍ତୋଳନ କରି କେହି ବିକ୍ରି କରିପାରିବେନି । ବାଲି ପାଇଁ ସରକାର ଏମଏସପି ଲାଗୁ କରିବେ । ଲିଜଧାରୀ ଆଉ ମନଇଚ୍ଛା ଦର ବଢାଇ ପାରିବେନି । ସରକାର ନିର୍ଦ୍ଧାରିତ କରିଥିବା ଏମଏସପି ଦରରେ ହିଁ ବାଲି ବିକ୍ରି ହେବ । ଏମଏସପି ଲାଗୁ ହେଲେ ସାରା ରାଜ୍ୟରେ ଦର କମିବା ସହ ଲୋକଙ୍କୁ ସୁଲଭ ମୂଲ୍ୟରେ ମିଳିବ । ବାଲି ଉତ୍ତୋଳନ ପାଇଁ ଇ-ଅକ୍ସନ ହେବନି । ଇ-ଲଟେରୀ ମାଧ୍ୟମରେ ଖଣି ଲିଜ୍ ଦିଆଯିବ । ଏଣିକି ସରକାର ବାଲି ଗଚ୍ଛିତ କରି ରଖିବା ପାଇଁ ଷ୍ଟୋରେଜ୍ ଲାଇସେନ୍ସ ଦେବେ । ବିନା ଷ୍ଟୋରେଜ୍ ଲାଇସେନ୍ସରେ ବାଲି ଓ ଅନ୍ୟ ଲଘୁ ଖଣିଜ ପଦାର୍ଥ କେହି ବେଆଇନ ଭାବେ ଗଚ୍ଛିତ କରି ରଖିପାରିବେ ନାହିଁ । ଶୁକ୍ରବାର କ୍ୟାବିନେଟ ବୈଠକରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ, ୨୦୧୬ରେ ସଂଶୋଧନ କରିଛନ୍ତି । କ୍ୟାବିନେଟ ନିଷ୍ପତ୍ତି ପରେ ଏନେଇ ବଡ଼ ସୂଚନା ଦେଲେ ଖଣି ମନ୍ତ୍ରୀ ବିଭୂତି ଜେନା ।

ଘୂର୍ଣ୍ଣିବଳୟ ରୂପ ନେଲା ଲଘୁଚାପ, ୪୮ ଘଂଟାରେ ଅବପାତ ସମ୍ଭାବନା

ଭୁବନେଶ୍ୱର, ୨୨/୧୧ (ଆ.ପ୍ର) : ନଭେମ୍ବର ୨୨ ତାରିଖରେ ବଙ୍ଗୋପସାଗରରେ ଏକ ନୂତନ ଲଘୁଚାପକ୍ଷେତ୍ର ସୃଷ୍ଟି ହୋଇଛି । ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ପରବର୍ତ୍ତୀ ସମୟରେ ଏହା ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବା ସହ ୨୪ ତାରିଖରେ ଆହୁରି ଘନୀଭୂତ ହୋଇ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ପରବର୍ତ୍ତୀ ୪୮ ଘଂଟାରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଆହୁରି ଅଧିକ ଘନୀଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ୪୮ ଘଂଟାରେ ଏହା ଅବପାତର ରୂପ ନେବ । ଏହା ବାତ୍ୟାରେ ପରିଣତ ହେବ ଏବଂ ତାହା ଓଡ଼ିଶାରେ ମାଡ଼ ହୋଇପାରେ ବୋଲି ଭାରତୀୟ ପାଣିପାଗ ବିଭାଗ(IMD) ପକ୍ଷରୁ କୁହାଯାଇଛି ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମାଲାକ୍କାରେ ଆଜି ଏକ ଦୁର୍ବଳ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି । ଏହା ୨୪ ତାରିଖରେ ଦକ୍ଷିଣ ଆଣ୍ଡାମାନ ସାଗରରେ ଅବପାତ ରୂପ ନେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରିବ । ସେହି ୨୪ ତାରିଖରେ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତ ଏବଂ ୨୬ରେ ବାତ୍ୟାରେ ପରିଣତ ହେବ । ଶୀଘ୍ର ଘନୀଭୂତ ହୋଇ ଉତ୍ତର କିମ୍ବା ଉତ୍ତର-ଉତ୍ତରପଶ୍ଚିମ ଦିଗରେ ଗତି କରି ୨୮ ତାରିଖରେ ଭୀଷଣ ବାତ୍ୟାର ରୂପ ନେଇପାରେ । ବିଭିନ୍ନ ମଡେଲ୍ କହୁଛନ୍ତି ଯେ ୨୯ ଓ ୩୦ ତାରିଖରେ ଅତି ଭୀଷଣ ବାତ୍ୟା ହୋଇ ଦକ୍ଷିଣ-ପଶ୍ଚିମ ଓ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗରକୁ ମୁହାଁଇବ । ଏହା ଆନ୍ଧ୍ର ଓ ଓଡ଼ିଶା ଉପକୂଳ ମୁହାଁଇବାର ଅଧିକ ସମ୍ଭାବନା ରହିଛି । ତେବେ ନିର୍ଦ୍ଦିଷ୍ଟ ଭାବେ ଏହା କେଉଁଠି ଲ୍ୟାଣ୍ଡଫଲ୍ କରିବ ତାହାର ସମୟ କିମ୍ବା ସ୍ଥାନ ଆକଳନ କରିବା ଏବେ ସମ୍ଭବପର ନୁହେଁ । କାରଣ ଏହି ପ୍ରଣାଳୀ ବର୍ତ୍ତମାନ ପ୍ରାରମ୍ଭିକ ଅବସ୍ଥାରେ ରହିଛି । ଲ୍ୟାଣ୍ଡଫଲ୍ ପାଇଁ ଆହୁରି ସପ୍ତାହେ ସମୟ ରହିଥିବାରୁ ଆକଳନ ଠିକ୍ ଭାବେ ହୋଇ ପାରୁନାହିଁ । ସମ୍ଭାବ୍ୟ ବାତ୍ୟା ଯେଉଁଠାରେ ଲ୍ୟାଣ୍ଡଫଲ୍ କଲେ ମଧ୍ୟ ବର୍ଷାର ସମ୍ଭାବନା ରହିଥିବା ନେଇ ସେ ଆକଳନ କହିଛନ୍ତି । ଆଇଏମଡି ଅନୁଯାୟୀ, ନଭେମ୍ବର ୨୪ ସୁଦ୍ଧା ଏହି ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ଡିପ୍ରେସନରେ ପରିଣତ ହେବାର ସମ୍ଭାବନା ଅଛି । ଏହି ପ୍ରଣାଳୀ ପଶ୍ଚିମ-ଉତ୍ତରପଶ୍ଚିମ ଦିଗରେ ଗତି କରି ଆଗାମୀ ୪୮ ଘଂଟା ମଧ୍ୟରେ ଅଧିକ ଶକ୍ତିଶାଳୀ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ, ଓଡ଼ିଶାରେ ଚାରି ଦିନ ଧରି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଉପକୂଳ ଏବଂ ଦକ୍ଷିଣ ଅଂଚଳରେ ସର୍ବାଧିକ ବର୍ଷା ହେବ ବୋଲି ଆଶା କରାଯାଉଛି । ତେବେ ଏଯାଏ ଚାଷୀମାନଙ୍କ ଲାଗି ପାଣିପାଗର କୌଣସି ସତର୍କ ସୂଚନା କୃଷି ବିଭାଗ ପକ୍ଷରୁ ଦିଆଯାଇନାହିଁ ।

ଚୀନ-ତୁର୍କୀରେ ତିଆରି ଅସ୍ତ୍ର ଭାରତ ପଠାଉଥିଲା ପାକିସ୍ତାନ

ନୂଆଦିଲ୍ଲୀ, ୨୨/୧୧(ନ୍ୟୁ.ଏ): ପୁଲିସ୍ ଏହି ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ସହ ୪ ଜଣ ପ୍ରମୁଖ ସଦସ୍ୟଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୦ଟି ଦାମୀ ବିଦେଶୀ ପିସ୍ତଲ ଓ ୯୨ ଜୀବନ୍ତ କ୍ୟାର୍ଟ୍ରିଜ ଜବତ ହୋଇଛି । ଦିଲ୍ଲୀ ପୁଲିସ୍‌କୁ ବଡ଼ ସଫଳତା । ଗୋଟିଏ ଅନ୍ତର୍ଜାତୀୟ ବେଆଇନ୍ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ ଗ୍ୟାଙ୍ଗର ପର୍ଦ୍ଦାଫାସ କରିଛି ପୁଲିସ୍ । ଚାଇନା ଓ ତୁର୍କୀ ନିର୍ମିତ ଅସ୍ତ୍ରଶସ୍ତ୍ର ପାକିସ୍ତାନ ଦେଇ ଏହି ରାକେଟ ଜରିଆରେ ଭାରତକୁ ଚାଲାଣ ହେଉଥିଲା । ଏହି ସିଣ୍ଡିକେଟର ଲିଙ୍କ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ସହ ମଧ୍ୟ ରହିଛି । ଆଇଏସଆଇ ସହାୟତାରେ ଚାଇନା ଓ ତୁର୍କୀ ନିର୍ମିତ ମାରାତ୍ମକ ପିସ୍ତଲ ପାକିସ୍ତାନ ଦେଇ ଭାରତରେ ପହଂଚୁଥିଲା । ପୁଲିସ୍ ଏହି ଗ୍ୟାଙ୍ଗର ପର୍ଦ୍ଦାଫାସ କରିବା ସହ ୪ ଜଣ ପ୍ରମୁଖ ସଦସ୍ୟଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୧୦ଟି ଦାମୀ ବିଦେଶୀ ପିସ୍ତଲ ଓ ୯୨ ଜୀବନ୍ତ କ୍ୟାର୍ଟ୍ରିଜ ଜବତ ହୋଇଛି । ଏହି ଅସ୍ତ୍ରଶସ୍ତ୍ରକୁ ଦିଲ୍ଲୀ ଓ ଏହାର ଆଖପାଖ ଅଂଚଳରେ ଥିବା ଅପରାଧୀମାନଙ୍କୁ ଚାଲାଣ କରାଯାଉଥିଲା । ଏବେ ଗ୍ୟାଙ୍ଗ ପକ୍ଷରୁ କେତେ ସଂଖ୍ୟକ ବନ୍ଧୁକ ଓ ଅନ୍ୟ ଘାତକ ଅସ୍ତ୍ର ଭାରତରେ ବିକ୍ରି କରାଯାଇଛି, ତା'ର ଯାଂଚ ପୁଲିସ୍ କରୁଛି । ବେଆଇନ ବନ୍ଧୁକ ଚାଲାଣ ରାକେଟ ସହ କେଉଁ ଗ୍ୟାଙ୍ଗ ବା ଲୋକମାନେ ଜଡ଼ିତ, ତା'ର ମଧ୍ୟ ଖୋଳତାଡ଼ ଦିଲ୍ଲୀ ପୁଲିସ୍ ଆରମ୍ଭ କରିଦେଇଛି । ସୋଶାଲ ମିଡିଆ, ବ୍ୟାଙ୍କ ତଥ୍ୟ ଓ ମୋବାଇଲ ଫୋନରୁ ଗ୍ୟାଙ୍ଗର ଅନ୍ୟ ସଦସ୍ୟଙ୍କ ସମ୍ପର୍କରେ ସୂଚନା ହାସଲ କରିବାକୁ ଚେଷ୍ଟା କରୁଛନ୍ତି ସୁରକ୍ଷା ଏଜେନ୍ସି । ନଭେମ୍ବର ୧୦ ଦିଲ୍ଲୀ ବିସ୍ଫୋରଣ ପରେ ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ବିଭିନ୍ନ ସ୍ଥାନରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ରେଡ ମଧ୍ୟ କରାଯାଉଛି । ଏହି ରେଡ ବେଳେ ଗ୍ୟାଙ୍ଗ ସମ୍ପର୍କରେ ସୂଚନା ମିଳିଛି । ନଭେମ୍ବର ୧୦ରେ ଦିଲ୍ଲୀର ଲାଲ କିଲ୍ଲା ନିକଟରେ କାର୍ ବୋମା ବିସ୍ଫୋରଣ କରାଯାଇଥିଲା । ଏଥିରେ ୧୫ ଜଣ ପ୍ରାଣ ହରାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଥିଲେ । ବିସ୍ଫୋରଣର କିଛି ଘଂଟା ପୂର୍ବରୁ ଜମ୍ମୁ-କଶ୍ମୀର ଓ ହରିୟାଣା ପୁଲିସ୍ ଗୋଟିଏ ଅନ୍ତଃରାଜ୍ୟ ହ୍ୱାଇଟ କଲାର ଟେରର ମଡ୍ୟୁଲର ପର୍ଦ୍ଦାଫାସ କରିଥିଲା । ଏହାର ଲିଙ୍କ ପାକିସ୍ତାନରେ ସକ୍ରିୟ ଆତଙ୍କବାଦୀ ସଂଗଠନ ଜୈଶ-ଇ-ମହମ୍ମଦ ସହ ରହିଛି । ହରିୟାଣାର ଫରିଦାବାଦରୁ ହ୍ୱାଇଟ କଲାର ଟେରର ମଡ୍ୟୁଲର ପର୍ଦ୍ଦାଫାସ କରିବା ସହ ପୁଲିସ୍ ୨୯୦୦ କେଜିର ବିସ୍ଫୋରକ ଜବତ କରିଥିଲା ।

୩ ସିସିଏମ୍ ନକ୍ସଲ ସମେତ ୩୭ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୨୨/୧୧ (ଆ.ପ୍ର) : ସୀମାନ୍ତ ତେଲେଙ୍ଗାନାର ଡିଜିପିଙ୍କ ନିକଟରେ ୩ ଜଣ ସିସିଏମ ନକ୍ସଲ ସମେତ ୩୭ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ୩ ଜଣ ଷ୍ଟେଟ କମିଟି ମେମ୍ବର ମଧ୍ୟରୁ ତେଲେଙ୍ଗାନା ଷ୍ଟେଟ କମିଟି ମେମ୍ବର କୋୟଡା ସାମ୍ଭୟା ଓରଫ ଆଜାଦ୍ ଓ ଆପ୍ପାସି ନାରାୟଣ ଓରଫ ରମେଶ ଏବଂ ତେଲେଙ୍ଗାନା ଷ୍ଟେଟ କମିଟିର ମେମ୍ବର ହେଉଛି ମୁଚାକି ସୋମଡା । ଏମାନଙ୍କ ନାମରେ ତେଲେଙ୍ଗାନା ରାଜ୍ୟ ସରକାର ୨୦ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ । ଏଥିସହ ଗୋଟିଏ ଏକେ-୪୭ ରାଇଫଲ,ଦୁଇଟି ଏସଏଲଆର ବନ୍ଧୁକ, ୪ଟି ୩୦୩ ରାଇଫଲ ଏବଂ ଗୋଟିଏ ଜିମ୍ମୀ ରାଇଫଲ ସମେତ ୩୪୩ ଜୀବନ୍ତ ଗୁଳି ପୁଲିସକୁ ହସ୍ତାନ୍ତର କରିଛନ୍ତି । ଅନ୍ୟ ନକ୍ସଲମାନେ ହେଲେ ଏସିଏମ ନୁପୋ ଗଂଗା, ପାର୍ଟି ମେମ୍ବର ହେଲେ ମାଡବି ସୁକ୍କା, କୁହ୍ମମ କାମଲା, ପଡ଼ିୟମ ଜଗା, ମିଡ଼ିୟମ ମାଲେ, ଭିକୋ କୋସି, ଉଲକେ ରଜିତା, ସୋଢ଼ି ମାଙ୍ଗି, ଉଲକେ ରନ୍ନା, ଭେଟ୍ଟି ଜଗା, ଓୟାମ ଲେଲି, ମଡ଼ିୟମ ରାନୀ, କୋର୍ସା ଲାକମେ, କଲ୍ମୁ ଭଙ୍ଗି, ହେମଲା ଭୀମେ, କର୍ତାମ ମୋହ୍ନ, ଉଲକେ ବିଟେ, ପୁନେମ ଭଙ୍ଗି, ଆବକା ରାଇମୋତି ଏବଂ କୁଡିୟମ ଦେବା । ଡିଭିଜନାଲ କମିଟି ମେମ୍ବର ହେଲେ ସୁଡି ସୁକ୍କି, ସୋଡି ପାଇକି, ସୋଡି ହିଡ୍ମା, ଡିଭିସିଏମ ମାଡ଼ବୀ ସୋନା, ହେମଲା ଆଡୁମେ, ଏସିଏମ ମୁଚାକି ଜରା, ପିପିସିଏଣ କୁଡାମ ଲକ୍ଷ୍ମୀ, ଏସିଏମ ସୋଡି ସୋମିଡି, ପିପିସିଏମ ପୋଡିୟାମ ମାସେ, ଏସିଏମ ପୋଡିୟାମ ରାନ୍ନୁ, ଏସିଏମ କରମ ମଙ୍ଗଲି, ଏସିଏମ ମାଡବି ମନକେଲି, ପିପିସିଏମ ମାଡବି କୋସା ଏବଂ ନୁପୋ ସୁକ୍କି । ତେବେ ମୋଟ ୩୭ ନକ୍ସଲଙ୍କ ନାମରେ ୧ କୋଟି ୪୧ ଲକ୍ଷ ୫ ହଜାର ଟଂକା ରହିଥିଲା । ପୁଲିସ ସମସ୍ତଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହ ଏକେ-୪୭ ରାଇଫଲ ଧରୁଥିବା ନକ୍ସଲଙ୍କୁ ଅଧିକା ୪ ଲକ୍ଷ ଟଂକା, ଏସଏଲଆର ଧରୁଥିବା ନକ୍ସଲଙ୍କୁ ଅଧିକା ୨ ଲକ୍ଷ ଟଂକା ୩୦୩ ବନ୍ଧୁକ ଧରୁଥିବା ନକ୍ସଲଙ୍କୁ ଅଧିକା ୧ ଲକ୍ଷ ଟଂକା ଏବଂ ଅନ୍ୟ ରାଇଫଲ ଧରୁଥିବା ନକ୍ସଲଙ୍କୁ ମାତ୍ର ୫ ହଜାର ଟଂକା ପ୍ରଦାନ କରାଯାଇଛି । ହିଡମାର ମୃତ୍ୟୁ ପରେ ନକ୍ସଲ ସଂଗଠନ ଦୋହଲି ଯାଇଥିବା ବେଳେ ଜଂଗଲରେ ରହିଯାଇଥିବା ବଳକା ନକ୍ସଲ ଏବେ ଆତ୍ମସମର୍ପଣ ପାଇଁ ତତ୍ପରତା ଦେଖାଉଥିବା କୁହାଯାଇଛି ।

ମାଓବାଦୀଙ୍କ ବିରୋଧରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କର : ଡିଜିପି

ଭୁବନେଶ୍ୱର, ୨୨/୧୧ (ଆ.ପ୍ର) : ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଦୁଇ ଦିନିଆ ବୌଦ୍ଧ, କନ୍ଧମାଳ ଓ ଗଞ୍ଜାମ ଜିଲ୍ଲା ଗସ୍ତ କରି ବିଭିନ୍ନ ପ୍ରସଙ୍ଗରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଜିଲ୍ଲା ଗୁଡିକରେ ଆଇନ ଶୃଙ୍ଖଳା ପରିସ୍ଥିତି, ମାଓବାଦୀ ସମସ୍ୟା, ଗଞ୍ଜେଇ ଚାଷ ଓ ଚାଲାଣ ରୋକିବାକୁ ଏବଂ ଆଗାମୀ ଦିନରେ ଅପରାଧୀ ତଥା ମାଓବାଦୀଙ୍କ ବିରୋଧରେ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିଜିପି ଶ୍ରୀ ଖୁରାନିଆ ଶୁକ୍ରବାର ବୌଦ୍ଧ ଜିଲ୍ଲା ଗସ୍ତରେ ଯାଇ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଶନିବାର କନ୍ଧମାଳ ଜିଲ୍ଲା ଗସ୍ତରେ ଯାଇଥିଲେ । ସେଠାରେ ପେନାମାଳ ସ୍ଥିତ ସିଓବି କ୍ୟାମ୍ପ ଏବଂ ସିଆରପିଏଫ କ୍ୟାମ୍ପକୁ ପରିଦର୍ଶନ କରିଥିଲେ । ଏହି ଅବସରରେ ସେ ଏସଓଜି ଟିମ ଲିଡର, ଡିଭିଏଫ ଯବାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହି ଅବସରରେ ଉପରୋକ୍ତ ସମସ୍ତ ଜିଲ୍ଲାକୁ ନକ୍ସଲ ମୁକ୍ତ ତଥା ଗଞ୍ଜେଇ ମୁକ୍ତ କରିବାକୁ ସମସ୍ତ ଅଧିକାରୀଙ୍କୁ ଆହ୍ୱାନ ଦେଇଥିଲେ । ଅତୀତରେ ମାଓବାଦୀ ମୁକାବିଲା କ୍ଷେତ୍ରରେ ଜିଲ୍ଲା ପୋଲିସ ସକ୍ରିୟ ଭୂମିକା ଗ୍ରହଣ କରିଥିଲା । ଆଗାମୀ ଦିନରେ ଏହାକୁ ଆହୁରି ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ଡିଜିପି ମନ୍ତବ୍ୟକ୍ତ କରିଥିଲେ । ଏତଦବ୍ୟତୀତ ଜିଲ୍ଲାରେ ନକ୍ସଲ ସମସ୍ୟାକୁ ପ୍ରତିହତ କରିବାକୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ବରିଷ୍ଠ ପୋଲିସ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାସହ ଜିଲ୍ଲାରେ ଗଞ୍ଜେଇ ଚାଷ ହେଉଥିବା ଅଂଚଳକୁ ଚିହ୍ନଟ କରି ସମ୍ପୃକ୍ତ ଅଂଚଳକୁ ସଂପୂର୍ଣ୍ଣ ନଷ୍ଟ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଜିଲ୍ଲାରେ ଗଞ୍ଜେଇ ଚୋରା ଚାଲାଣ ଉପରେ ରୋକ ଲଗାଇବାକୁ ସ୍ୱତନ୍ତ୍ର ବ୍ଲୁପ୍ରିଂଟ ପ୍ରସ୍ତୁତ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ଉପଖଣ୍ଡ ଗସ୍ତରେ ଆସି ବରିଷ୍ଠ ପୋଲିସ ଅଧିକାରୀଙ୍କ ସହ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ । ଉପଖଣ୍ଡରେ ଅପରାଧ ଓ ଅପରାଧୀ ତଥା ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ଦିଗରେ କାର୍ଯ୍ୟ କରିବାକୁ ପୋଲିସ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଡିଜିପିଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅଭିଯାନ) ସଂଜୀବ ପଣ୍ଡା, ଆଇଜି (ଦକ୍ଷିଣାଂଚଳ) ନୀତି ଶେଖର, ଆଇଜି (ଅପରେସନ) ଡ଼. ଦୀପକ କୁମାର, ଏସପି (ରାୟଗଡା) ସ୍ୱାଥୀ ଏସ. କୁମାର,ଏସପି (କନ୍ଧମାଳ) ହରିଶ ବି. ସି., ଗଞ୍ଜାମ ଏସପି ଶୁଭେନ୍ଦୁ ପାତ୍ରଙ୍କ ସମେତ ବିଏସଏଫ ଓ ସିଆରପିଏଫର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଓଡ଼ିଶା ମଣ୍ଡପ ବାସ୍ତବରେ ଅତ୍ୟନ୍ତ ସୁଦୃଶ୍ୟ ଓ ଭବ୍ୟ ଭାବେ ପ୍ରସ୍ତୁତ କରାଯାଇଛି : ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୧୧ (ଆ.ପ୍ର) : ସମୃଦ୍ଧ ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହିତ ସମାନ୍ତରାଳ ଭାବେ ପ୍ରଗତି ଓ ଆଧୁନିକତାକୁ ଆଦରି ନେଇ ସବୁ ବର୍ଗର ଲୋକମାନଙ୍କ ସାମଗ୍ରୀକ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧ ବୋଲି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୃଢୋକ୍ତି ପ୍ରକାଶ କରିବା ସହିତ ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ଦିଗରେ ସମସ୍ତେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ । ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଆଜି ପାଳିତ ଓଡ଼ିଶା ରାଜ୍ୟ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ବିଷୟବସ୍ତୁ ଯଥାର୍ଥରେ ଆମ ସ୍ୱପ୍ନ ଓ ସମ୍ଭାବନାକୁ ପ୍ରତିପାଦିତ କରିବା ସହିତ ପ୍ରଯୁକ୍ତି ବିଦ୍ୟାର ସଫଳ ଉପଯୋଗ ମାଧ୍ୟମରେ ସିଲିକନ୍ ସେମିକଣ୍ଡକ୍ଟର୍ ଚିପ୍ ଭଳି ସୂକ୍ଷ୍ମାତିସୂକ୍ଷ୍ମ ଅତ୍ୟାଧୁନିକ ଉତ୍ପାଦ ପ୍ରସ୍ତୁତି କ୍ଷେତ୍ରରେ ଓଡ଼ିଶାକୁ ନୂତନ ପରିଚୟ ପ୍ରଦାନ କରିବ ବୋଲି କହିଥିଲେ । ଏହା ଆମ ଅର୍ଥନୀତିକୁ ସୁଦୃଢ କରିବ ଏବଂ ନୂତନ କର୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରିବ । ନବୀକରଣୀୟ ବିଦ୍ୟୁତ ଶକ୍ତିର ଉତ୍ପାଦନ, ବ୍ୟାପକ ବୃକ୍ଷଚାରା ରୋପଣ ମାଧ୍ୟମରେ ପରିବେଶ ସନ୍ତୁଳନ ରକ୍ଷା ଏବଂ ପରବର୍ତ୍ତୀ ପିଢୀ ପାଇଁ ଏକ ସୁନ୍ଦର ପୃଥିବୀ ଛାଡିଯିବା ଆଭିମୁଖ୍ୟ ନେଇ ଆମ ନୀତି ଓ ଯୋଜନା ପ୍ରଣୟନ କରିବା ସହିତ ତାର କାର୍ଯ୍ୟାନ୍ୱୟନ ଆମର ପ୍ରାଥମିକତା ରହିଛି ବୋଲି ଉପସ୍ଥିତ ଗଣମାଧ୍ୟମକୁ ସୂଚନା ଦେଇଥିଲେ । ସେ କହିଥିଲେ ଯେ, ଉତ୍କର୍ଷ ଓଡ଼ିଶା : ମେକ-ଇନ-ଓଡିଶା କନକ୍ଲେଭ ମାଧ୍ୟମରେ ବିଶ୍ୱର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ଓଡ଼ିଶା ପ୍ରତି ଆକର୍ଷିତ କରିବା ହେଉ, ଓଡିଶାର ସୁଦକ୍ଷ ଯୁବଗୋଷ୍ଠୀ ଓ ସେମାନଙ୍କ ଷ୍ଟାର୍ଟ-ଅପ ଉତ୍ପାଦକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିବାକୁ ଅଥବା ଓଡିଶାରେ ଉତ୍ପାଦିତ ଶ୍ରୀଅନ୍ନ ବିସ୍ତୃତ ଖାଦ୍ୟ ବିଶ୍ୱ ବଜାର ସୁବିଧା ଉପଲବ୍ଧ କରିବାକୁ ନିକଟ ଅତୀତରେ ଅନ୍ତର୍ଜାତୀୟ ମିଲେଟ କନଭେନସନ ଆୟୋଜନ ହେଉ, ପ୍ରତ୍ୟେକ କ୍ଷେତ୍ରରେ ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନରେ ଓଡିଶାର ପ୍ରଗତିଶୀଳ ନୀତିକୁ ସମଗ୍ର ବିଶ୍ୱ ସକାରାତ୍ମକ ଦୃଷ୍ଟିରେ ଦେଖୁଛି । ୪୪ତମ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା ୨୦୨୫ର ନବମ ଦିବସରେ ଭାରତ ମଣ୍ଡପମ ପରିସରସ୍ଥ ମୁକ୍ତାକାଶ ନାଟ୍ୟଶାଳାରେ ଆଜି ଆୟୋଜିତ ଓଡିଶା ରାଜ୍ୟ ଦିବସ ସମାରୋହର ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଏହି ସମାରୋହକୁ ଉଦଘାଟନ କରିବା ସହିତ ଉତ୍କଳ ପ୍ରସଙ୍ଗ ଏବଂ ଓଡ଼ିଶା ରିଭ୍ୟୁ ପତ୍ରିକା ଦ୍ୱୟର ସ୍ୱତନ୍ତ୍ର ସଂଖ୍ୟାର ଶୁଭ ଉନ୍ମୋଚନ କରିଥିଲେ । ଏଥିସହିତ, ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମାଝୀ ଓଡ଼ିଶା ମଣ୍ଡପ ପରିଦର୍ଶନରେ ଆସି ବିଭିନ୍ନ ବିଭାଗର ଷ୍ଟଲ୍ ଅଧିକାରୀ, ଶିଳ୍ପୀ ଓ ବୁଣାକାରଙ୍କ ସହ ବାର୍ତ୍ତାଳାପ କରି, ଓଡିଶାର ଗୌରବମୟ ଅତୀତକୁ ବଜାୟ ରଖିବା ସହ ଓଡ଼ିଶାକୁ ଆତ୍ମନିର୍ଭର ଓଡ଼ିଶାରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟ ଦିବସ ଅବସରରେ, ଭୁବନେଶ୍ୱର ନୃପୁର ଅନୁଷ୍ଠାନରେ କଳାକାରମାନଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟାଭିନୟ, ଦିଗପହଣ୍ଡି(ଗଞ୍ଜାମ)ର ବିଚିତ୍ର ବର୍ଣ୍ଣାଳୀ ନାଟ୍ୟ ସଂସଦ ତରଫରୁ ପଶୁମୁଖା ନୃତ୍ୟ, ସୁବର୍ଣ୍ଣପୁର ସ୍ଥିତ ଗୁମକୁଦୁମାର କଳାକାରମାନଙ୍କ ସମ୍ବଲପୁରୀ ନୃତ୍ୟ, କନ୍ଧମାଳ ଜିଲ୍ଲାର ନୂତନ କଳା ସଂସଦର ଶିଙ୍ଗନୃତ୍ୟ ଏବଂ କଳାହାଣ୍ଡିର ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନର ଘୁମୁରା ନୃତ୍ୟ ପରିବେଷଣ ହୋଇଥିଲା । ଏହି କାର୍ଯ୍ୟକ୍ରମରେ, ସାଂସଦ ଶ୍ରୀ ପ୍ରତାପ ଷଡଙ୍ଗୀ, ଶ୍ରୀ ନିରଞ୍ଜନ ବିଶି, ଶ୍ରୀ ସୁଜିତ କୁମାର, ପୂର୍ବତନ ସାଂସଦ ଶ୍ରୀ ଅମର ପଟ୍ଟନାୟକଙ୍କ ସମେତ ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ନ୍ୟାୟମୂର୍ତ୍ତି ଶ୍ରୀମତୀ ସାବିତ୍ରୀ ରଥ, ଶିଳ୍ପ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ଶାସନ ସଚିବ ହେମନ୍ତ ଶର୍ମା, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ନୂଆଦିଲ୍ଲୀରେ ଅବସ୍ଥାପିତ ଓଡ଼ିଶାର ପ୍ରମୁଖ ଆବାସିକ ଆୟୁକ୍ତ ବିଶାଲ ଗଗନ, ସ୍ୱତନ୍ତ୍ର ଆବାସିକ ଆୟୁକ୍ତ ରିତୁ ଅରୋରା, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ, ବୈଷୟିକ ନିର୍ଦ୍ଦେଶକ ଗୁରବୀର ସିଂହଙ୍କ ସହ ବିଭାଗୀୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି

ଭୁବନେଶ୍ୱର, ୨୨/୧୧ (ଆ.ପ୍ର) : ଓଡ଼ିଶା ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ୨୭ ତାରିଖରୁ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ମହାମହିମ । ରାଷ୍ଟ୍ରପତି ୨୭ ତାରିଖରେ ବିଧାନସଭା ଶୀତ ଅଧିବେଶନକୁ ସମ୍ବୋଧନ କରିବେ । ସେହିଦିନ ରାଜଭବନରେ ରାତ୍ରୀଯାପନ କରିବେ । ୨୮ ତାରିଖରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଶେଷ କରି ପୁଣି ଥରେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଆସନ୍ତା ୨୭ରୁ ଆରମ୍ଭ ହେବ ବିଧାନସଭାର ଶୀତକାଳୀନ ଅଧିବେଶନ । ଏହି ଅଧିବେଶନର ପ୍ରଥମ ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୃହକୁ ସମ୍ବୋଧିତ କରିବେ । ୨୮ରେ ଗୃହରେ ସରକାର ପ୍ରଥମ ଅତିରିକ୍ତ ବଜେଟ୍ ଆଗତ କରିବେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଗୃହରେ ଉପସ୍ଥାପିତ କରିବେ । ଏହା ଉପରେ ଡିସେମ୍ବର ୪, ୫ ଓ ୬ରେ ଆଲୋଚନା ହେବ । ୮ ତାରିଖରେ ଏ ସଂପର୍କିତ ବ୍ୟୟମଞ୍ଜୁରୀ ବିଲ୍ ଗୃହରେ ଆଗତ ହେବ । ବିଧାନସଭାର ଏହି ଶୀତ ଅଧିବେଶନ ଡିସେମ୍ବର ୩୧ ଯାଏ ଚାଲିବ । ତେବେ [illegible] ବେଶ ସରଗରମ ହେବ ବୋଲି [illegible] । ରାଷ୍ଟ୍ରପତି ଓଡ଼ିଶା ଗସ୍ତରେ ଆସି ଗୃହକୁ ସମ୍ବୋଧିତ କରିବା ବେଶ ଉଲ୍ଲେଖନୀୟ [illegible] ।

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ସେଇଠୁ ଆରମ୍ଭ
SEITHO ARAMBHA
ରବିବାର, ୨୩ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୨

ଜିଲ୍ଲା ସ୍ତରୀୟ ସର୍ଗିଫୁଲ୍ କାର୍ଯ୍ୟକ୍ରମ ଉଦଘାଟିତ

ନବରଙ୍ଗପୁର, ୨୨/୧୧ (ଆ.ପ୍ର) : ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକାଙ୍କ ସଭାପତିତ୍ୱରେ ପାପଡାହାଣ୍ଡି ବାଳିକା ବିଦ୍ୟାଳୟ ପରିସରରେ ଜିଲ୍ଲା ସ୍ତରୀୟ ସର୍ଗିଫୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡକ୍ଟର ମହେଶ୍ୱର ସ୍ୱାଇଁ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିବା ସହ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଉଦବୋଧନ ଦେଇ ଛାତ୍ର ଛାତ୍ରୀଙ୍କୁ ଖାଇବା ରହିବା କିମ୍ବା ପାଠ ପଢାରେ ଅସୁବିଧା ଯେପରି ନ ହେବ ସେଥିପାଇଁ ଜିଲ୍ଲା ପ୍ରଶାସନ ସବୁବେଳେ ତତ୍ପର ଅଛି ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟତମ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ତପନ କୁମାର ଖୁଂଟିଆ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଜିଲ୍ଲା ମଙ୍ଗଳ ବିଭାଗ ଶିକ୍ଷା ଅଧିକାରୀ କୈଳାସ ମହାରଣା, ପାପଡାହାଣ୍ଡି ଥାନା ଅଧିକାରୀ ପ୍ରଦୀପ ଜେନା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଭରତ ଚନ୍ଦ୍ର ସାହୁ, ସତ୍ୟବ୍ରତ ବେହେରା, ପାପଡ଼ାହାଣ୍ଡି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ବେହେରା ମଂଚାସିନ ଥିଲେ । ସଭାପତିତ୍ୱ ଅଭିଭାଷଣରେ ଜିଲ୍ଲା ମଙ୍ଗଳ ଅଧିକାରୀ ଶ୍ରୀ ପଲକା ସମସ୍ତ ଛାତ୍ର ଛାତ୍ରୀ ଭବିଷ୍ୟତରେ ଜଣେ ଜଣେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ କିମ୍ବା ଡାକ୍ତର ହେବା ପାଇଁ ସ୍ୱପ୍ନ ଦେଖିବାକୁ କହିଥିଲେ ଏବଂ ସେହି ସ୍ୱପ୍ନକୁ ସାକାର କରିବା ନିମନ୍ତେ ଏବେ ଠାରୁ ଚେଷ୍ଟା କରିବା ଉଚିତ୍ ବୋଲି ନିଜ ବକ୍ତବ୍ୟରେ ସମସ୍ତଙ୍କୁ ପ୍ରେରଣା ଦେଇଥିଲେ । ମୁଖ୍ୟଅତିଥି ଜିଲ୍ଲାପାଳ ଏବଂ ଅନ୍ୟ ଅତିଥି ମାନଙ୍କ ଦ୍ୱାରା ଛାତ୍ର ଛାତ୍ରୀଙ୍କ ଦ୍ୱାରା ରଚିତ ସର୍ଗୀଫୁଲ ନାମରେ ଏକ ପୁସ୍ତକ ଉନ୍ମୋଚନ କରିଥିଲେ । ଶେଷରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ ଧନ୍ୟବାଦ୍ ଅର୍ପଣ କରିଥିଲେ । ମଂଚ କାର୍ଯ୍ୟକ୍ରମ ସରିବା ପରେ ଅତିଥି ମାନେ ବିଭିନ୍ନ ବିଦ୍ୟାଳୟରୁ ଆଣିଥିବା ବିଜ୍ଞାନ ପ୍ରକଳ୍ପକୁ ନେଇ ଅନୁଷ୍ଠିତ ବିଜ୍ଞାନ ମେଳାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ ସେହିପରି ନିକଟସ୍ଥ ପଡିଆ ରେ ଅନୁଷ୍ଠିତ ବିଦ୍ୟାଳୟ ସ୍ତରୀୟ ଉଭୟ ବାଳକ ଓ ବାଳିକାଙ୍କୁ ନେଇ ଅନୁଷ୍ଠିତ ଭଲିବଲ୍ ପ୍ରତିଯୋଗିତା ଉଦ୍ଘାଟନ କରିଥିଲେ । ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବକ୍ତୃତା, ଚିତ୍ରାଙ୍କନ, ତର୍କ, ସୃଜନଶୀଳ ଲିଖନ, କୁଇଜ୍, ଏକକ ଏବଂ ଦଳଗତ ନୃତ୍ୟ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ସୂଚନା ଯୋଗ୍ୟ ଯେ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ ବ୍ଲକ୍‌ରୁ ତିନି ହଜାରରୁ ଅଧିକ ଛାତ୍ର ଛାତ୍ରୀଙ୍କ ସମାବେଶ ଦେଖିବାକୁ ମିଳିଛି । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମଙ୍ଗଳ ବିଭାଗର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ବିଭାଗର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରୁଛନ୍ତି ।

କୋତମେର ଓଭରହେଡ ପାଣି ଟାଙ୍କି ଅଚଳ

ଧର୍ମଗଡ଼, ୨୨/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଟିପିଗୁଡା ଗ୍ରାମ ପଂଚାୟତ କୋତମେର ଠାରେ ଉତ୍କଟ ଜଳ ସଙ୍କଟ ଦେଖାଦେଇଛି । ଏ ପରି ପ୍ରେକ୍ଷୀରେ ଜଳ ସଙ୍କଟ ଦୂର କରିବା ପାଇଁ ସରପଂଚଠୁ ବିଡ଼ିଓ ଉପ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ ସମସ୍ୟାର ସମାଧାନ ହୋଇ ନ ଥିବା ଗ୍ରାମବାସୀ କହିଛନ୍ତି । ସୂଚନା ମତେ ଗ୍ରାମର ବାହାରେ ଦୀର୍ଘ ୨ ବର୍ଷ ହେବ ଓଭର ହେଡ ଟ୍ୟାଙ୍କ ନିର୍ମାଣ ହୋଇଅଛି । ଗ୍ରାମବାସୀ କହିବା ଅନୁଯାୟୀ କେବଳ ଗୋଟିଏ ମାସ ଠିକ ଭାବରେ ପିଇବା ପାଣି ଗାଁକୁ ପାଇପ ଯୋଗେ ଯୋଗାଇ ଦିଆଗଲା । ଆଉ ସେହିଦିନଠୁ ଅଚଳ ଯୋଗୁଁ ଦୀର୍ଘ ମାସ ହେବ ପାନୀୟ ଜଳ ସଙ୍କଟ କୋତମେରରେ ଦେଖା ଦେଇଥିବା ଗ୍ରାମବାସୀ କହିଛନ୍ତି । ଯାହାଫଳରେ ବାହାର ନଳକୂପ,କୂଅ ପାଣି ପିଇ ବିଭିନ୍ନ ରୋଗରେ ଲୋକେ ଆକ୍ରାନ୍ତ ହେଉଥିବା ପ୍ରକାଶ କରିଥିଲେ ।ଏ ନେଇ ଗ୍ରାମବାସୀ ଜଳ ସଙ୍କଟର ସ୍ଥାୟୀ ସମାଧାନ ନିମନ୍ତେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ ଏଥି ପ୍ରତି ଦୃଷ୍ଟି ଦେଇ ନ ଥିବା ପ୍ରକାଶ କରିଛନ୍ତି । ଯାହାକୁ ନେଇ ଗ୍ରାମରେ ଉତେଜନା ଦେଖାଦେଇଛି । ଏନେଇ ଧର୍ମଗଡ଼ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲୁ କିନ୍ତୁ ଯୋଗାଯୋଗ ହୋଇ ପାରିଲା ନାହିଁ । ଗ୍ରାମବାସୀ କହିବା ମୁତାବକ ଯଦି ସମସ୍ୟାର ସମାଧାନ ଶୀଘ୍ର ନ ହେଲେ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ପାଇଁ ଚେତାବନୀ ଦେଇଛନ୍ତି ।

୩୪ତମ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ

ଅସ୍ତରଙ୍ଗ, ୨୨/୧୧ (ଆ.ପ୍ର) : ଅସ୍ତରଙ୍ଗ ବ୍ଲକ ଜନତା ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ବ୍ଲକ ସ୍ତରୀୟ ୩୪ତମ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା-୨୦୨୫ ଅନୁଷ୍ଠିତ ହୋଇଯାଇଛି ।ବାର୍ଷିକ ପରୀକ୍ଷାରେ ବ୍ଲକ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ରୀ ଦିବ୍ୟାଶ୍ରୀ ଦାଶ ବିଜ୍ଞାନ ମେଳାକୁ ଉଦଘାଟନ କରିଥିଲେ ।ଉଦ୍ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ପଂଚାୟତ ସମିତି ଅଧକ୍ଷା ଆରତୀ ନାୟକ,ମୁଖ୍ୟ ବକ୍ତା ଭାବେ ଜଗତସିଂହପୁର ସାଂସଦ ପ୍ରତିନିଧି ବିବାକର ଛାଟୋଇ, ସମ୍ମାନିତ ଅତିଥି ଭାବେ ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ ସ୍ୱାଇଁ,କୋରଣା ପଂଚାୟତ ସରପଂଚ ମଧୁସ୍ମିତା କାଣ୍ଡି, ସମିତି ସଭ୍ୟା କମଳା ରାଉତ, ଅସ୍ତରଙ୍ଗ ମଣ୍ଡଳ ସହ ଶିକ୍ଷାଧିକାରୀ ମଙ୍ଗୁଳି ଚରଣ ଦାସ, ଅସ୍ତରଙ୍ଗ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁଶାନ୍ତ କୁମାର ପରିଡା, ଉଦୟପୁର ଆଂଚଳିକ ସାଧନା ସଂଯୋଜକ ଦୁର୍ଯ୍ୟୋଧନ ନାୟକ, ଅସ୍ତରଙ୍ଗ ବ୍ଲକ ଓଷ୍ଟା ସଂଗଠନର ସମ୍ପାଦକ ସନ୍ତୋଷ କୁମାର ଦାସ, ମିଳିତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ବିପିନ କୁମାର ମହାନ୍ତି, ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ଯୁଗ୍ମ ସମ୍ପାଦକ ଅନାଥ ପରିଡା, ପେନସନଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଭରତ ଚନ୍ଦ୍ର ବିଶ୍ୱାଳ,ଏଂଙ୍କ କ୍ୟାଡର ସଭାପତି ଧୀରେନ୍ଦ୍ର ଦାସ, ଆଂଚଳିକ ସାଧନ ସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାଳୟ ପରିସରରେ ସ୍ଥାପିତ ସ୍ଥାନୀୟ କମ୍ୟୁନିଷ୍ଟ ପାର୍ଟିର ବିରଳ ପୁରୁଷ ସ୍ୱର୍ଗତ ଇନ୍ଦ୍ରମଣି ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ମୁଖ୍ୟ ଅତିଥି ଶ୍ରୀମତୀ ଓ ବକ୍ତା ଶ୍ରୀ ଛାଟୋଇ ନିଜର ବକ୍ତବ୍ୟରେ ଛାତ୍ର ଛାତ୍ରୀଙ୍କର ଉଦ୍ଭାବନ ଓ ଜ୍ଞାନକୌଶଳକୁ ପ୍ରଂଶସା କରିବା ସହ ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ । ପ୍ରତ୍ୟେକ ଛାତ୍ରଛାତ୍ରୀ ଉଦ୍ୟମ କଲେ ପରିଶ୍ରମ କେବେ ବୃଥା ହେବନି ବରଂ ଜ୍ଞାନକୌଶଳ ଭିତିକ ଆବିଷ୍କାର ଦେଶ ଦୁନିଆକୁ ନୂତନ ଦିଗଦର୍ଶନ ଦେବ କହିଥିଲେ ।ସେହିପରି ଅପରାହ୍ନରେ ଅବସରପ୍ରାପ୍ତ ମଣ୍ଡଳ ଶିକ୍ଷାଅଧିକାରୀ ଶାନ୍ତନୁ ପରିଡା,ବିଜ୍ଞାନ ମେଳା ପଦର୍ଶନୀ କମିଟିର ସାଙ୍ଗଠନିକ ସମ୍ପାଦକ ସନ୍ତୋଷ କୁମାର ପରିଡା ପ୍ରମୁଖ ଯୋଗଦେଇଥିଲେ । ଆୟୋଜିତ ବିଜ୍ଞାନ ମେଳା ପ୍ରଦର୍ଶନୀରେ ୧୩୧ଟି ବିଦ୍ୟାଳୟର ୧୧୯ଟି ପ୍ରକଳ୍ପ ସ୍ଥାନ ପାଇଥିଲା ବେଳେ ତନ୍ମଧ୍ୟରୁ ଜିଲ୍ଲାସ୍ତରକୁ ୭ଟି ପ୍ରକଳ୍ପ ଯିବାକୁ ମନୋନୀତ ହେବା ସୂଚନା ରହିଛି । ଆୟୋଜିତ କାର୍ଯ୍ୟକ୍ରମରେ ଜନତା ଉଚ୍ଚ ବିଦ୍ୟାଳୟ ଓ ଅନ୍ୟ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

ରାୟଗଡ଼ରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ, ୨୦୨୫, ପାଳନ



ତାରିଖ, ୨୨/୧୧ (ଆ.ପ୍ର) : ରାୟଗଡ଼ ଜିଲ୍ଲାରେ ପ୍ରକଳ୍ପ ନିର୍ଦ୍ଦେଶକ, ଜଳଛାୟାଙ୍କ ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ଦିନ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ, ୨୦୨୫. ମହା ସମାରୋହରେ ପାଳିତ ହୋଇଯାଇଛି । ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମାଁ ମାନେ ଏହି କାର୍ଯ୍ୟକ୍ରମ ରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ, ରାୟଗଡ଼ ଶ୍ରୀ ମୃଣ୍ମୟ ପଣ୍ଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ଏସ୍. କେ. ଏହେସାନ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ରାୟଗଡ଼ ଶ୍ରୀ ସୁଶାନ୍ତ କୁମାର ରଉତ, ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି, ରାୟଗଡ଼ ଶ୍ରୀ ସଙ୍କର ଚାଲାଣ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ, ମୃତିକା ସଂରକ୍ଷଣ ଏବଂ ଜଳଛାୟା ବିଭାଗ ଶ୍ରୀ ସମ୍ପଦ ସ୍ୱରୂପ ସାମଲ ଯୋଗ ଦେଇଥିଲେ । ଏହି ଅବସରରେ ସଫଳ ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ରାୟଗଡ଼ ଜିଲ୍ଲାର ମତ୍ସ୍ୟ ବିକାଶ କ୍ଷେତ୍ରରେ କାର୍ଯ୍ୟଧାରା ଉପରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଜର ଅଭିଭାଷଣ ରଖିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସହକାରୀ ମତ୍ସ୍ୟ ଅଧିକାରୀ, ମୁଖ୍ୟାଳୟ, ରାୟଗଡ଼ ସୁଶ୍ରୀ ପ୍ରାତିଶ ନନ୍ଦା ପଟ୍ଟନାୟକ ଆଲୋଚନା କରିଥିଲେ । ଏହା ସହିତ ମତ୍ସ୍ୟ ସମ୍ପଦର ସୁରକ୍ଷା, ଜଳ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଦିଗ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତିର ବିକାଶ ପାଇଁ ପ୍ରାଣୀ ପାଳନ କୁକୁଡ଼ା ପାଳନ ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ ସେ ସମ୍ପର୍କରେ ବିଶେଷଭାବେ ଅତିଥିମାନେ ମତ୍ସ୍ୟ ଚାଷୀଙ୍କର ଦୃଷ୍ଟିଆକର୍ଷଣ କରଥିଲେ । ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ଚାଷୀ ତଥା ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ପ୍ରାଣୀ ସମ୍ପଦକୁ ନିରୋଗ ଏବଂ ନିରାମୟ ରଖିବା ସହ ରାୟଗଡ଼ ଜିଲ୍ଲା କିପରି ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିଜର ମାତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାରେ ମତ୍ସ୍ୟ ବିଭାଗର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ସହାୟତା କରିଥିଲେ ।

ଜିଲ୍ଲା ପରାମର୍ଶଦାତା କମିଟି ପିସିପି ଏନଡିଟିର ତୃତୀୟ ବୈଠକ ଅନୁଷ୍ଠିତ

ରାୟଗଡ, ୨୨/୧୧ (ଆ.ପ୍ର) : ଜିଲ୍ଲାପାଳ ଶ୍ରୀ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲା ପରାମର୍ଶଦାତା କମିଟି ପିସିପି ଏନ ଡିଟିର ତୃତୀୟ ବୈଠକ । ଏହି ବୈଠକରେ ଜିଲ୍ଲାରେ ଥିବା ସମସ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଗୁଡ଼ିକୁ ନିୟମିତ ଯାଂଚ କରାଯିବା ସହ ବେଆଇନ କ୍ଲିନିକ୍ ଗୁଡ଼ିକୁ ଉପରେ ଚଢ଼ାଉ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ । ଏହା ସହିତ ଲିଙ୍ଗ ନିରୂପଣ ନିଷେଧ ଆଇନ ଓ ଇନଫର୍ମର ଇନସେନଟିଭ ସ୍କିମର ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବାକୁ ଗୁରୁତ୍ୱ ଦିଆ ଯାଇଛି । ଏହି ଇନଫର୍ମର ଇନସେନଟିଭ ସ୍କିମରେ ଯଦି କେହି ଲିଙ୍ଗ ନିରୂପଣ କରୁଥିବା ଅଲଟ୍ରାସାଉଣ୍ଡ କେନ୍ଦ୍ର, ଡାକ୍ତରଖାନା କିମ୍ବା ଯେକୌଣସି ବ୍ୟକ୍ତି ବା ସଂସ୍ଥା ବିଷୟରେ ସୂଚନା ପ୍ରଦାନ କରନ୍ତି, ତେବେ ସୂଚନାକାରୀଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବାର ବ୍ୟବସ୍ଥା ରହିଛି । ଏଥିରେ ସୂଚନା ଦାତାଙ୍କ ନାମ ଗୋପନ ରହିବ । ଏହି ଯୋଜନାର ବ୍ୟାପକ ପ୍ରସାର ପ୍ରଚାର ହେଲେ ଅଧିକରୁ ଅଧିକ ସୂଚନା ମିଳିପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି । ରାୟଗଡ଼ା ଜିଲ୍ଲାରେ ହଜାରେ ପୁଅ ରେ ଅଛନ୍ତି ୯୫୬ କନ୍ୟା ରାଜ୍ୟ ତୁଳନାରେ ଜିଲ୍ଲାର ଜିଲ୍ଲାର ସ୍ଥିତି ଭଲ ରହିଥିଲେ ମଧ୍ୟ ଗୁଣୁପୁର, ରାୟଗଡ଼ା ଓ ରାମନଗୁଡ଼ା ଭଳି ବ୍ଲକ ଗୁଡିକରେ ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା କମ ରହିଛି । ତେବେ ଏହି ସବୁ ବ୍ଲକ ସମେତ ଅନ୍ୟାନ୍ୟ ସମସ୍ତ ବ୍ଲକ୍ ଗୁଡିକରେ କିଭଳି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ବଢ଼ି ପାରିବ ସେଥିପାଇଁ ଦୃଷ୍ଟି ଦେବାକୁ ଏହି ବୈଠକରେ ନିଷ୍ପତି ହୋଇଛି । ବର୍ତ୍ତମାନ ଏକକ ସନ୍ତାନକୁ ଅଧିକାଂଶ ଦମ୍ପତି ଗୁରୁତ୍ୱ ଦେଉଛନ୍ତି, ଅଧିକାଂଶ ଦମ୍ପତି ଏକମାତ୍ର ସନ୍ତାନ କ୍ଷେତ୍ରରେ ପୁଅଟିଏ ହିଁ ଚାହୁଁଛନ୍ତି । ପୁରୁଷ ପ୍ରଧାନ ବ୍ୟବସ୍ଥା ଆଜି ବି ବଳବତର ଥିବାରୁ ଝିଅମାନଙ୍କୁ ପୂର୍ବଭଳି ଅବହେଳା କରାଯାଉଛି । ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମ ରେ ଜନସଚେତନତା ସୃଷ୍ଟି ପାଇଁ ନିଷ୍ପତି ନିଆଯାଇଛି । ଏହି ବୈଠକରେ ସିଡିଏମ୍ଓ ଡାକ୍ତର ଭି. ସରୋଜିନୀ ଦେବୀ, ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର କିଶୋର କୁମାର ବରାଇ, ଡାକ୍ତର ସଂଜ୍ଞା ଦାସ, ଡାକ୍ତର ହିମାଂଶୁ ଶେଖର ଦାସ, ଆଇନଜୀବୀ ତଥା ସମାଜସେବୀ ଶ୍ରୀମତି ପ୍ରଣତି ପାତ୍ର , ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

ରାଜ୍ୟ ସ୍ତରୀୟ ବିଦ୍ୟାଳୟ କବାଡି ଚମ୍ପିୟାନସିପ : ସୁନ୍ଦରଗଡ଼ ଜିଲ୍ଲା ବାଳକ ଓ ବାଳିକା ବିଭାଗରେ ବାଜିମାତ

ବଣାଇଁ, ୨୨/୧୧ (ଆ.ପ୍ର) : ବଣାଇ ରାଜା ଧରଣୀଧର ଖେଳ ପଡିଆ ଠାରେ ସୁନ୍ଦର ଗଡ଼ ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡା ସଂଗଠନ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତାର ଉଦଯାପନୀ ଦିବସରେ ୧୪ବର୍ଷରୁ କମ ଓ ୧୭ ବର୍ଷରୁ କମ ବାଳକ ବାଳିକା ମାନଙ୍କ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ମୁରଲୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ଉଦଯାପନି ଦିବସରେ ମୁଖ୍ୟ ଅତିଥି ଭାବରେ ଶାରୀରିକ ଶିକ୍ଷା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ସମ୍ମାନିତ ଅତିଥି ଭାବରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ, ବଣାଇ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁନୀଲ ମୁଣ୍ଡ, କରେଇପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଡଗରା, କୁତ୍ରା ଉଚ୍ଚ ବିଦ୍ୟାଳୟ ସଂସ୍କୃତ ଶିକ୍ଷକ ଡ଼ଃ ବିଭୀଷଣ ବାରିକ, ବାଳିକା ଉଚ୍ଚ ବିଦ୍ୟାଳୟ ତଥା ଆୟୋଜକ କାଶୀନାଥ ବେହେରା ଯୋଗ ଦେଇ ଦ୍ୱୀପ ପ୍ରଜ୍ୱଳନ କରି ଶୁଭାରମ୍ଭ କରିଥିଲେ । ଠିକ ସେହିପରି ଉଦଘାଟନୀ ଦିବସରେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ମୁରଲୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ସମ୍ମାନିତ ଅତିଥି ଭାବରେ ବଣାଇ ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ସୁନ୍ଦର ଗଡ଼ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ମାଧ୍ୟମିକ ଶିକ୍ଷା ପରିଷଦ ଓଡିଶା ଉପ ସଭାପତି ଅମୂଲ୍ୟ କୁମାର ପ୍ରଧାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ସହକାରୀ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ପରିଡା, ଶାରୀରିକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନ, ରାଉରକେଲା କ୍ରୀଡା ଉପ ନିର୍ଦ୍ଦେଶକ ସୁଦୀପ୍ତ ନାୟକ, ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଯୋଗ ଦେଇ ଧ୍ୱଜା ରୋହଣ ଦ୍ୱୀପ ପ୍ରଜ୍ୱଳନ ଓ ମଶାଲ ଜାଳି ଶୁଭାରମ୍ଭ କରିଥିଲେ । ଏହି ସମୂହ କବାଡି ପ୍ରତିଯୋଗିତାର ୧୪ବର୍ଷର ଅନ୍ତିମ ମ୍ୟାଚ ବାଳକ ବର୍ଗରେ ସୁନ୍ଦର ଗଡ଼ ଜିଲ୍ଲା ଓ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱରକୁ ହରାଇ ସୁନ୍ଦର ଗଡ଼ ଜିଲ୍ଲା ବିଜେତା ହୋଇଥିଲା । ସେହିପରି ବାଳିକା ବର୍ଗରେ ସୁନ୍ଦର ଗଡ଼ ଜିଲ୍ଲା ଓ ବରଗଡ଼ ଜିଲ୍ଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା ଏଥିରେ ସୁନ୍ଦର ଗଡ଼ ଦଳ ବିଜୟୀ ହୋଇଥିଲା । ଅନ୍ୟ ପଟେ ୧୭ ବର୍ଷରୁ କମ ବାଳକ ବିଭାଗରେ ସୁନ୍ଦରଗଡ଼କୁ ହରାଇ ସମ୍ବଲପୁର ଚାମ୍ପିଅନ ହୋଇଥିବା ବେଳେ ବାଳିକା ବିଭାଗ ରେ ଗଞ୍ଜାମ ସମ୍ବଲପୁରକୁ ହରାଇ ଚମ୍ପିୟାନ ହୋଇଥିଲା । ଚମ୍ପିୟାନ ହୋଇଥିବା କୃତି ଖେଳାଳି ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ଟ୍ରଫି ପ୍ରଦାନ କରା ଯାଇଥିଲା । ଅତିଥି ମାନଙ୍କ ଦ୍ୱାରା ପତାକା ଅବତରଣ ଓ ମଶାଲକୁ ଲିଭାଇ କବାଡି ପ୍ରତିଯୋଗିତାକୁ ସମାପ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ପ୍ରଧାନ ଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀ, ଖେଳ ଶିକ୍ଷକ ଶିକ୍ଷୟିତ୍ରୀ, ସିଆରସିସି ଓ ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଶେଷରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

୧୬ତମ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗିଫୁଲ ୨୦୨୫ ଉଦଯାପିତ

ଜୁନାଗଡ଼, ୨୨/୧୧ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ କୁରୁଗୁଡା ଏସ୍ ଏସ୍ ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସର୍ଗୀଫୁଲ ୨୦୨୫' ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରବାନ୍ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଏହାର ଶୁଭ ଉଦଘାଟନ କରିଥିଲେ । ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡିଇଓ ରାଧାକାନ୍ତ ଛତ୍ରୀ, ବିଡିଓ ଦେବାଶିଷ କର, ତହସିଲଦାର ବିରୂପାକ୍ଷ ନନ୍ଦ, କୁଟିଆ କନ୍ଧ ଉନ୍ନୟନ ସଂସ୍ଥାର ସ୍ୱତନ୍ତ୍ର ଅଧିକାରୀ ଶରତ ଚନ୍ଦ୍ର ସାହୁ, ଉପ କୋଷାଗାର ଅଧିକାରୀ ରାଧାକାନ୍ତ ନାଏକ, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ରୂପସିଂ ରାଉତ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଶ୍ରୀ ଦୁଶ୍ମନ୍ତ ପଣ୍ଡା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜାନକୀବଲ୍ଲଭ ସାମନ୍ତରାୟ, କୁରୁଗୁଡଣ୍ଡ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ହୃଷୀକେଶ ମେହେର, ଜିଲ୍ଲା ଶିକ୍ଷକ ସଂଘ ସଭାପତି ଶ୍ରୀ ବେଦବ୍ୟାସ ପ୍ରଧାନ ଏବଂ କୁରୁଗୁଡା ବିଦ୍ୟାଳୟ ର ଭାରପ୍ରାପ୍ତ ଅଧକ୍ଷ ଶ୍ରୀ ରଞ୍ଜନ କୁମାର ପଣ୍ଡା ମଂଚାସୀନ ଥିଲେ । ପ୍ରଥମ ଦିବସ ରେ ଭଲିବଲ୍ ପ୍ରତିଯୋଗୀତା ଓ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଭଲିବଲ୍ ରେ ବାଳିକା ବିଭାଗରେ ଲାଞ୍ଜିଗଡ଼ ବ୍ଲକର ବାଣୀ ପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ବାଳକ ବିଭାଗରେ ଥୁଆମୂଳ ରାମପୁର ବ୍ଲକର ଗୋପଳପୁର୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୁରସ୍କୃତ ହୋଇଥିଲେ । ବିଜ୍ଞାନ ପ୍ରଦର୍ଶନୀ ରେ କୁରୁଗୁଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରଥମ, କୁରୁଗୁଡା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ, ଜୁନାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ ତୃତୀୟ, ଗୋପଲପୁର୍ ବାଳିକା ଉଚ୍ଚ ବିଦ୍ୟାଳୟ ଚତୁର୍ଥ, ବାଣୀପଙ୍ଗା ବାଳିକା ଉଚ୍ଚ ବିଦ୍ୟାଳୟ ପଂଚମ, ଓ ଲୁବେନଗଡ଼ ଉଚ୍ଚ ବିଦ୍ୟାଳୟ ପଂଚମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ । ପ୍ରଥମ ସନ୍ଧ୍ୟାକାଳୀନ ଅଧିବେଶନ ରେ କଳାହାଣ୍ଡି ଜୋନ ଶିକ୍ଷା ମଣ୍ଡଳାଧିଶ ଶ୍ରୀ କୈଳାଶ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଧର୍ମଗଡ଼ ଉପ ଜିଲ୍ଲାପାଳ ସୁଶ୍ରୀ ପ୍ରେକ୍ଷା ଅଗ୍ରୱାଲ ଯୋଗଦାନ କରି କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ଉଦଯାପନୀ ଉତ୍ସବରେ ମାନ୍ୟବର ଧର୍ମଗଡ଼ ବିଧାୟକ ଶ୍ରୀ ସୁଧୀର କୁମାର ପଟ୍ଟଯୋଶୀ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ସଂଜୀବ ପଣ୍ଡା, ପ୍ରଶାନ୍ତ ପଣ୍ଡା, ଥବିର ଦୀପ, ସ୍ୱାଗତିକା ମିଶ୍ର, ସୋନାଲିକା ପାତ୍ରୀ, ପ୍ରମୋଦ ଛତ୍ରିଆ, ଶଶୀକାନ୍ତ ମାଝୀ ଏବଂ ଜଗମୋହନ ସାହୁ ପରିଚାଳନା କରିଥିଲେ । ନୃତ୍ୟ ପ୍ରତିଯୋଗୀତାରେ ପୁଣ୍ଡା ଆଶ୍ରମ ସ୍କୁଲ ପ୍ରଥମ, ମଧୁପୁର ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଓ ଭବାନୀପାଟଣା ଅନ୍ୱେଷା ହଷ୍ଟେଲ ତୃତୀୟ ସ୍ଥାନ ଅଧିକାର କରିଥିଲେ । ଲମ୍ବୋଦର ସାହୁ,ସୁବ୍ରତ ପାଣିଗ୍ରାହୀ, ଚକ୍ରଧର ଖାନସମାନ୍ତ, କାଶ୍ମୀଧର ବୋଡ଼କିଆ, ଅସୀମା ବୋରା, ସୂର୍ଯ୍ୟ ପଣ୍ଡା, ଅଶୋକ ସାହୁ, ଦୀପକ ପଣ୍ଡା, ବିଜୟ ବାଗ, ବୀଣାପାଣି ସାମନ୍ତ ଏବଂ ଜନ୍ମେଜୟ ଶବର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମର ସମସ୍ତ ତତ୍ୱାବଧାନ ରେ ବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ପଣ୍ଡା, ବେଦବ୍ୟାସ ପ୍ରଧାନ ଏବଂ ସତ୍ୟଜିତ ପତି ରହିଥିଲେ ।

ଧାମନଗରରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ

ଧାମନଗର, ୨୨/୧୧ (ଆ.ପ୍ର) : ଧାମନଗର ରେ ବରିଷ୍ଠ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି ।ଶନିବାର ସକାଳେ କେନ୍ଦ୍ରମନ୍ତ୍ରୀ ଭଦ୍ରକରୁ ଆସି ପହଂଚିବା ପରେ ଜୟନଗର ମହୋତ୍ସବ ଛକରେ ଧାମନଗର ତରଫରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ବାଲେଶ୍ୱର ବିଧାୟକ ଓ ଭଦ୍ରକ ଜିଲ୍ଲା ସଭାପତି ଭଗବାନ ପଣ୍ଡା, ବିଜେପି ନେତା ଅଶୋକ ପ୍ରହାଣ, କୈଳାସ ଚନ୍ଦ୍ର ମହାପାତ୍ର, ସରୋଜ ମହାପାତ୍ର, ମନୋଜ ମଲ୍ଲିକ, ଅରବିନ୍ଦ ପତି, ନାରିନେତ୍ରୀ ପୁଷ୍ପାଞ୍ଜଳି ବେହେରାଙ୍କ ସମେତ ବହୁ ନେତୃ ମଣ୍ଡଳୀ ଉପସ୍ଥିତ ରହି ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଧାମନଗର ଏନ ଏ ସି ଅନ୍ତର୍ଗତ ଜୟନଗର ମହୋତ୍ସବ ପଡିଆ ଠାରୁ ଏକ ବିଶାଳ ବାଇକ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଐତିହାସିକ ପୀଠ ତଥା ପର୍ଯ୍ୟଟନସ୍ଥଳୀ ଗୋହିରାଟିକିରିକୁ ଯାତ୍ରା କରିଥିଲେ । ସେଠାରେ ଦେଶର ପ୍ରଥମ ଗୃହମନ୍ତ୍ରୀ ତଥା ମହାନ ସ୍ୱାଧୀନତା ସଂଗ୍ରାମୀ ଲୌହମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜନ୍ମ ଜୟନ୍ତୀ ଅବସରରେ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ । ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ନିକଟସ୍ଥ ମଠ ପରିଦର୍ଶନ କରି ସାଧାରଣ ସଭାରେ ଯୋଗ ଦେଇଥିବା ଜଣାପଡିଛି । ଏହି ଅବସରରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବେ ବୋଲି ଗୋହିରାଟିକିରି ଉନ୍ନୟନ ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ପ୍ରକାଶ ଥାଉକି ଏଠି କଥା ଉଠୁଛି ଯେ ମନମୋହନଙ୍କ ଗଡରେ କେନ୍ଦ୍ର ମନ୍ତ୍ରୀଙ୍କ ଗସ୍ତ ସମୟରେ ବିଜେପିର ରାଜ୍ୟ ସଭାପତି ଅନୁପସ୍ଥିତିକୁ ନେଇ ନାନା ପ୍ରକାର ଗୁଜରଣିୟ ସହ ଅସନ୍ତୋଷ ଦେଖା ଦେଇଥିଲା । ଜିଲ୍ଲା ଓ ବ୍ଲକ ପୋଲିସ ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏଙ୍କ ତତ୍ୱାବଧାନରେ ବ୍ୟାପକ ବନ୍ଦୋବସ୍ତ କରାଯାଇଥିବା ବେଳେ ଟ୍ରାଫିକ ସମସ୍ୟା ହେବା ଫଳରେ ଯାନବାହନ ଚଳାଚଳରେ ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା ।

ବାଲୁଗାଁ ମହାବିଦ୍ୟାଳୟରେ ବିଶ୍ୱ ଦର୍ଶନ ଦିବସ ଓ ଜାତୀୟ ସମ୍ମାନ



ଚିଲିକା/ବାଣପୁର, ୨୨/୧୧ (ଆ.ପ୍ର) : ବିଶ୍ୱ ଦର୍ଶନ ଦିବସ ଅବସରରେ ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ବିଜ୍ଞାନରେ ଦର୍ଶନର ପ୍ରାସଙ୍ଗିକତା ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଓ ଦର୍ଶନର ଜନକ ମହାନ ଦାର୍ଶନିକ ସକ୍ରେଟିସଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଅଧାପିକା ମନସ୍ୱିନୀ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧକ୍ଷ ଡ଼କ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ବିଭାଗମୁଖ୍ୟ ଡ଼କ୍ଟର କୈଳାଶ ଚନ୍ଦ୍ର ମହାରଣା ବିଶ୍ୱ ଦର୍ଶନ ଓ ଜାତୀୟ ଆଲୋଚନାଚକ୍ରର ଭିତି ପ୍ରବନ୍ଧ ତଥା ପ୍ରସଙ୍ଗ ଉପସ୍ଥାପିତ କରିଥିଲେ । ଏଥି ସହ ଦର୍ଶନ ପରିବାରର ବାର୍ଷିକ ପତ୍ରିକା ଦାର୍ଶନିକ ଧାରଣାକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ ଭୁବନେଶ୍ୱରସ୍ଥିତ ଆଇ ଆଇଟିର ସହାୟକ ପ୍ରଫେସର ଡ଼କ୍ଟର ଆର ଭେଙ୍କଟ ରାଘବନ ଆଧୁନିକ ବିଜ୍ଞାନରେ ଦର୍ଶନର ପ୍ରାସଙ୍ଗିକତା ଶୀର୍ଷକରେ କହିଲେ ଯେ ଦର୍ଶନ ସମସ୍ତ ଚିନ୍ତନର ମାଧ୍ୟମ,ଏହା ସବୁ ବିଦ୍ୟାର ଉତ୍ସ ଓ ସମସ୍ତ ଜ୍ଞାନ ବିଜ୍ଞାନର ପୁନଃ ମୂଲ୍ୟାୟନ କରିଥାଏ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିଜିଟିଙ୍ଗ ପ୍ରଫେସର ଡ଼କ୍ଟର ଅନୁପ ରାୟ ଆଧୁନିକ ବିଜ୍ଞାନରେ ଭାରତୀୟ ଦର୍ଶନର ପ୍ରଭାବ ସମ୍ପର୍କରେ ଆଲୋଚନା କରି କହିଥିଲେ ଯେ ଭାରତୀୟ ଦର୍ଶନର ଅନେକ ତତ୍ତ୍ୱ ବିଜ୍ଞାନ ଗ୍ରହଣ କରିଛି ଓ ବିଜ୍ଞାନ ଏହା ଦ୍ୱାରା ପରିପୁଷ୍ଟ ହୋଇଛି । ବିଜ୍ଞାନର ପରମ ସିଦ୍ଧାନ୍ତରେ ଦାର୍ଶନିକ ହିଁ ସହାୟକ ହୋଇପାରେ । ସମ୍ମାନିତ ଅତିଥି ଭାବେ ଯୁକ୍ତ ଦୁଇ ଅଧକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ ଯୋଗଦେଇ ବିଜ୍ଞାନ ଓ ଦର୍ଶନ ପରିପୂରକ ବୋଲି କହିଥିଲେ । ଏହାପରେ ଛାତ୍ରୀ ସୋନାଲି ବିଶ୍ୱାସ,ଲୋପା ସେନ, କେ.ପୂଜା ରାଓ, କାଞ୍ଚି ଶବର ଦର୍ଶନ ଓ ବିଜ୍ଞାନ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ । ବିଶ୍ୱ ଦର୍ଶନ ଦିବସ ଉପଲକ୍ଷ୍ୟେ ଅନୁଷ୍ଠିତ ଦର୍ଶନ କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରୀ ସନ୍ଧ୍ୟାରାଣୀ ପାଇକରାୟ, ସରସ୍ୱତୀ ଘଟୁଆରି, ଲୋପା ସେନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ମଂଚ ସଂଚାଳନ କରିଥିଲେ ସନ୍ଧ୍ୟାରାଣୀ ପାଇକରାୟ । ଧନ୍ୟବାଦ ଅର୍ପଣ କରିଥିଲେ ସରସ୍ୱତୀ ଘଟୁଆରି । କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ଯସ୍ମିନ ବଳିଆରସିଂହ, ଅମରେଶ ପାତ୍ର, ରାକେଶ ବେହେରା, ଦୀପକ ସେଠି ।

ଜଳେଶ୍ୱରପୁର ପଂଚାୟତରେ କଂଗ୍ରେସର ସାଙ୍ଗଠନିକ ବୈଠକ

ଭୋଗରାଇ,୨୨/୧୧ (ଆ.ପ୍ର) : ଭୋଗରାଇ ବ୍ଲକ କଂଗ୍ରେସ ପକ୍ଷରୁ ଜଳେଶ୍ୱରପୁର ପଂଚାୟତ ସେହି ଗ୍ରାମର ଭାଗବତ ପ୍ରଧାନଙ୍କ ବାସଭବନରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ କର୍ମୀ ମନ୍ମଥ କୁମାର ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ତଥା ଭୋଗରାଇ ନିର୍ବାଚନ ମଣ୍ଡଳୀ ନେତା ସଦାଶିବ ଦାସ, ୩୩ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଦୀପ ନାୟକ, ମନ୍ଦାରସାହି ସରପଂଚ ମମତା ସାହୁ, ନିତ୍ୟାନନ୍ଦ ଦାସ, ରାଜାରାମ ମଣ୍ଡଳ, ଶମ୍ଭୁନାଥ ସେଠୀ, ଗୋବିନ୍ଦ ବେହେରା ପ୍ରମୁଖ ଉପସ୍ଥିତ ହୋଇ ଆଗାମୀ ପଂଚାୟତ ନିର୍ବାଚନରେ ଦଳକୁ ସୁଦୃଢ କରିବା ପାଇଁ ଆଲୋଚନା କରାଯାଇଥିଲା । ଶେଷରେ ନାରୀନେତ୍ରୀ ମୀନାରାଣୀ ସୁର ଧନ୍ୟବାଦ ପ୍ରଦାନ କରିଥିଲେ । ଏହି ବୈଠକରେ ପଂଚାୟତର ଶତାଧିକ ବରିଷ୍ଠ କର୍ମୀମାନେ ଉପସ୍ଥିତ ଥିଲେ ।

ଇପିଏଫ୍ ପାଣ୍ଠିର ପେନସନ୍‌ଭୋଗୀଙ୍କ ବୈଠକ

ବାଲେଶ୍ୱର, ୨୨/୧୧ (ଆ.ପ୍ର) : କେନ୍ଦ୍ର ସରକାରଙ୍କ ପରିଚାଳିତ ସଂସ୍ଥା ଭବିଷ୍ୟନିଧି ପାଣ୍ଠିରୁ ମାସିକ ପେନସନ୍ ପାଉଥିବା ପେନସନର୍ସମାନଙ୍କ ବୈଠକ 'ଏ ଅରୁଣ ଦେ ସ୍ମୃତି ପରିଷଦ' କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ବାଲେଶ୍ୱର ଜିଲ୍ଲା କମିଟିର ଉପସଭାପତି ହରିଶ୍ଚନ୍ଦ୍ର ସାହୁ ବୈଠକରେ ଅଧ୍ୟକ୍ଷତା କରିଥିଲେ । ଜିଲ୍ଲା ସଂପାଦକ ବିଷ୍ଣୁ ପ୍ରସାଦ ମହାନ୍ତି ଓ ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ କେନ୍ଦ୍ର ଓ ରାଜ୍ୟସ୍ତରରେ ଆସୋସିଏସନ୍ ଗ୍ରହଣ କରିଥିବା ବିଭିନ୍ନ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ । ସର୍ବନିମ୍ନ ମାସିକ ପେନସନ୍ ୯ ହଜାର ଟଙ୍କା ଓ ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଅଧିକ ବେତନ ପାଉଥିବା କର୍ମଚାରୀଙ୍କୁ ଅଧିକ ପେନସନ୍ ଏବଂ ମାସିକ ପେନସନ୍ ସହ ମହଙ୍ଗା ଭତ୍ତା ଦାବିରେ ଆସନ୍ତା ଡିସେମ୍ବର ୯ ଓ ୧୦ ତାରିଖରେ ଦିଲ୍ଲୀରେ ସଂସଦ ଭବନ ସମ୍ମୁଖରେ ଗଣବିକ୍ଷୋଭ ପାଇଁ ନିଷ୍ପତ୍ତି ନିଆଯାଇଥିବାର ସେମାନେ ଜଣାଇଥିଲେ । ଓଡ଼ିଶାର ରାଜଭବନ ସମ୍ମୁଖରେ ଗଣଧାରଣା ପ୍ରସ୍ତାବକୁ ସ୍ଥଗିତ ରଖାଯାଇଛି । ଦେଶର ସମସ୍ତ ରାଜ୍ୟର ରାଜ୍ୟପାଳଙ୍କ ଦପ୍ତର ସମ୍ମୁଖରେ ଆସନ୍ତା ଜାନୁୟାରୀ ମାସରେ ଗଣଧାରଣା ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଛି । ଏହି ପ୍ରସ୍ତାବକୁ ରାଜ୍ୟ କମିଟିକୁ ପଠାଇବାକୁ ନିଷ୍ପତ୍ତି ନିଆଗଲା । ନୂତନ ସଭ୍ୟ ଗ୍ରହଣ ଓ ପୁରାତନ ସଭ୍ୟମାନଙ୍କର ବାର୍ଷିକ ନବୀକରଣକୁ ଅଧିକ ଗୁରୁତ୍ୱ ଦେବାକୁ ଉପସ୍ଥିତ ସଭ୍ୟମାନଙ୍କୁ ଦାୟିତ୍ୱ ଦିଆଯାଇଛି । ଆଲୋଚନାରେ ସର୍ବଶ୍ରୀ ଶ୍ୟାମସୁନ୍ଦର ଜେନା, ଜଳଧର ପଣ୍ଡା, ନିତ୍ୟାନନ୍ଦ ନଟ, ଶରତ ଚନ୍ଦ୍ର ବରାଳ, ହରିହର ଆଚାର୍ଯ୍ୟ ଓ ଦୀପକ ପଟ୍ଟନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ଉତ୍ତାକର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ରାଜ୍ୟସ୍ତରୀୟ ହରିହର ଦାଶ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ

ବାଲେଶ୍ୱର, ୨୨/୧୧ (ଆ.ପ୍ର) : ବାର୍ ଏସୋସିଏସନ୍, ବାଲେଶ୍ୱର ଆନୁକୂଲ୍ୟରେ ଆଇନଜୀବୀ ହରିହର ଦାଶ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ପରମିଟ୍ ଫିଲ୍‌ଡ୍‌ରେ ଆରମ୍ଭ ହୋଇଛି । ବାଲେଶ୍ୱର ଜିଲ୍ଲା ତଥା ଦୌରାଜଜ୍ ଶ୍ରୀଯୁକ୍ତ ସତ୍ୟନାରାୟଣ ମିଶ୍ର ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁରବିକାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖେଳାଳୀ, ଆୟୋଜକ ଓ ସମସ୍ତ ଟିମ୍‌ର ପରିଚାଳକମାନଙ୍କୁ ଉତ୍ସାହିତ କରିବା ସହିତ ବାଲେଶ୍ୱର ବାର୍ ଏସୋସିଏସନ୍‌ର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବୋର୍ଡ଼ ଅଫ୍ ରେଭେନ୍ୟୁ, କଟକ ଓ ମଧୁ ବାରିଷ୍ଟର୍ କ୍ରିକେଟ୍ ଟିମ୍ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମଧୁ ବାରିଷ୍ଟର୍ କ୍ରିକେଟ୍ ଟିମ୍ ବିଜୟ ଲାଭ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବାର୍ ଏସୋସିଏସନ୍, ବାଲେଶ୍ୱର ଓ ଟ୍ୟାକ୍ସ ବାର୍ ଏସୋସିଏସନ୍ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବାର୍ ଏସୋସିଏସନ୍, ବାଲେଶ୍ୱର ବିଜୟଲାଭ କରିଥିଲା । ଆସନ୍ତାକାଲି ହାଇକୋର୍ଟ ବାର୍ ଏସୋସିଏସନ୍, କଟକ୍ ଓ ମୋଟର ଭେହିକ୍ଲ ବାର ଆସୋସିଏସନ୍, କଟକ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଓ ଭୁବନେଶ୍ୱର ବାର ଆସୋସିଏସନ୍ ଓ ସେଣ୍ଟ୍ରାଲ ଏଡ଼୍‌ମିନିଷ୍ଟ୍ରେଟିଭ୍ କ୍ରିମିନାଲ୍ ବାର ଆସୋସିଏସନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଖେଳ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଚାଲୁରହିବ । ଆୟୋଜକମାନଙ୍କ ତରଫରୁ ଦର୍ଶକମାନେ ବ୍ୟାପକ ଭାବେ ଉପସ୍ଥିତ ରହି ଖେଳ ଉପଭୋଗ କରିବାକୁ ଅନୁରୋଧ କରାଯାଇଛି । ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ତ୍ରିଲୋଚନ ଦାଶ, ପ୍ରଦୀପ କର ଆବାହକ, ଅଭିଜିତ୍ ପଣ୍ଡା ନିର୍ଦ୍ଦେଶକ, ସୁଶୀଲ୍ ଦତ୍ତ ପରିଚାଳକ ଓ ଗୌତମ ଭୋଇ ଭାଷ୍ୟକାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମନୋଜ ନାୟକ, ଦୀପକ ଦାଶ, ରଘୁନାଥ ପ୍ରଧାନ, ହରେକୃଷ୍ଣ ଦାଶ, କମଲ ଜାଫର୍, ଅମର ସିଂହ ଓ୍ୱାଲିଆ, ତୁଷାରକାନ୍ତି ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, କେଶବ ଆଚାର୍ଯ୍ୟ, ନୃସିଂହ ନାୟକ, ଅଶୋକ ସେନାପତି, ସୁଧାଂଶୁ ଦାସ, ଅବଦୁଲ୍ ମଜିଦ୍, ଦେବବ୍ରତ ଦାସ, ଜୟନ୍ତ ସାହୁ, ରାମନାରାୟଣ ଦେ, ହେମଲତା ମହାପାତ୍ର, ବୀରେନ୍ ଜେନା, ମାନଗୋବିନ୍ଦ ସେଠୀ ଓ ଅନ୍ୟାନ୍ୟ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ । ସରୋଜ ବେହେରାଙ୍କୁ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଘୋଷଣା କରି ଟ୍ରଫି ପ୍ରଦାନ କରାଯାଇଥିଲା ।

ଲୁଣଭାବି ଥିମେଟ ଖାଇଦେଲେ ଶିଶୁ

ନୀଳଗିରି, ୨୨/୧୧ (ଆ.ପ୍ର) : କୌତୁହଳରେ ହେଉଥିବା ଶିଶୁଖେଳ ହୋଇଗଲା ଶିଶୁଙ୍କ ପାଇଁ କାଳ । ଅବୋଧ ଶିଶୁ ବା କଣ ଜାଣିଥିଲେ କେଉଁଟା ଲୁଣ ଓ କେଉଁଟା ବିଷ । ସହେଇ ଧରି ଆରମ୍ଭ ହୋଇଥିଲା ବୋହୂବୋହୂକା ଖେଳ ହେଲେ ଖେଳସରିଲା ବେଳକୁ ବଦଳିଥିଲା ପରିସ୍ଥିତି । ସେଇ ବୋହୂବୋହୂକା ଖେଳ ହୋଇଥିଲା ସେମାନଙ୍କ ପାଇଁ କାଳ । ସିଧା ଚୁଲି ମୂଳରୁ ପିଲାମାନେ ପହଂଚିଥିଲେ ଡାକ୍ତରଖାନା ଶଯ୍ୟାରେ । ଅଜାଣତରେ ଲୁଣ ଭାବି ମିଛିମିଛିକା ପ୍ରସ୍ତୁତ ହୋଇଥିବା ତରକାରିରେ ପଡି ତିନୋଟି ପଣଷ ପତ୍ରରେ ଖାଦ୍ୟ ଭାଗ କରାଯାଇ ପିଆଜ ସହ ଖାଇଥିଲେ ଶିଶୁମାନେ । କିଏ ବା ଜାଣିଥିଲା ଏଇ ମିଛି ମିଛିକା ଖେଳ ସେମାନଙ୍କ ପାଇଁ କାଳ ହୋଇଯିବ । ବିଷକୁ ଖାଇ ଗୁରୁତର ହେବା ସହ ଜୀବନ ସହିତ ସଂଘର୍ଷ କରୁଛନ୍ତି ତିନି ଜଣ କୋମଳମତୀ ଶିଶୁ । ଶିଶୁମାନଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ଏବେ ଗାଁରେ ଖେଳିଯାଇଛି ଦୁଃଖର ପରିବେଶ । ଘରେ ଥିବା ବୁଢୀ ମା ମଧ୍ୟ ନାତିଆର କଥା ମନେପକେଇ ଆଖିରୁ ଲୁହ ଝରାଉଛି । ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନୀଳଗିରି ବ୍ଲକ ମହିଷାପଟା ପଂଚାୟତ ଶାଳବଣୀ ଗ୍ରାମରେ । ଅଜାଣତରେ ଫରାଡମ ନାମକ ବିଷ ଖାଇ ୩ ଜଣ ଶିଶୁ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି ।ସୂଚନା ମୁତାବକ ଉକ୍ତ ଗ୍ରାମର ବାବୁଲା ସିଂ ପୁଅ ଯୁବରାଜ ସିଂ(୮), ଅକ୍ଷୟ ସିଂଙ୍କ ଝିଅ ଇନ୍ଦୁରେଖା ସିଂ(୫)ରମେଶ ସିଂଙ୍କ ପୁଅ ଘନଶ୍ୟାମ ସିଂ(୪) ଅପରାହ୍ନ ସମୟରେ ସାଙ୍ଗ ହୋଇ ବୋହୁବୋହୂକା ଖେଳୁଥିଲେ । ଏବଂ ଛୋଟ ଛୋଟ ସହେଇରେ ମାଟି ରଖି ଭାତ ଡାଲି ଓ ବିଭିନ୍ନ ତରକାରୀ ମାନ ପ୍ରସ୍ତୁତ କରିଥିଲେ ।ଘରେ ଥିବା ଫରାଡମକୁ ଲୁଣ ଭାବି ଆଣିବା ସହ ଘରୁ ପିଆଜ ଆଣି ଉକ୍ତ ଫରାଡମକୁ ଗୋଳେଇ ଖାଇଥିଲେ । ଘରର ସମସ୍ତ ପରିବାର ଲୋକେ ଉକ୍ତ ସମୟରେ ବିଲକୁ ଧାନ କାଟିବା ପାଇଁ ଯାଇଥିଲେ । ଘରକୁ ଫେରିବା ପରେ ଶିଶୁ ମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡିବାର ଦେଖି ସେମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସ୍ଥିତି ଶଙ୍କାପନ୍ନ ହେବାରୁ ଯୁବରାଜଙ୍କୁ ପ୍ରଥମେ ରେମୁଣା ମେଡିକାଲ କଲେଜ ଓ ପରେ କଟକ ସ୍ଥାନାନ୍ତରିତ କରାଯାଇଛି । ଘନଶ୍ୟାମ ଓ ଇନ୍ଦୁରେଖା ରେମୁଣା ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି । ଏଭଳି ଘଟଣା ପରେ ଗାଁରେ କୋହୁଆ ଭୟ ସୃଷ୍ଟି ହୋଇଛି । ପିଲାମାନଙ୍କୁ କେହି ବି ଏକୁଟିଆ ଛାଡି କୁଆଡେ ଯାଉନାହାନ୍ତି । ଏବେ ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟବସ୍ଥାରେ ସୁଧାର ଆସିଥିବା ଜଣାପଡିଛି ।

ମଇତାପୁର -ଅବଝୁଣା ରାସ୍ତାର ଶୁଭ ଭିତି ପ୍ରସ୍ତର ସ୍ଥାପନ

ସିମୁଳିଆ, ୨୨/୧୧ (ଆ.ପ୍ର) : ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମଇତାପୁର -ଅବଝୁଣା ଦୀର୍ଘ ୮କିମି ରାସ୍ତାକୁ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ମଇତାପୁର ଛକ ନିକଟରେ ନଡ଼ିଆ ଫଟାଇ ଫିତା କାଟି ଶୁଭ ଶିଳାନ୍ୟାସ କରିଥିଲେ । ଏହି ରାସ୍ତାର‌ଯାହାର ଅଟକଳ ମୂଲ୍ୟ ୪କୋଟି ୫୫ଲକ୍ଷ ୪୭ହଜାର ୬୯୧ଟଙ୍କା ଅଟେ । ଏହି

ଅବସରରେ ମଇତାପୁର ଛକ ନିକଟରେ ଏକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଉପାଧ୍ୟକ୍ଷ ହିମାଦ୍ରି ନନ୍ଦିନୀ ମହାପାତ୍ର, ଜିଲ୍ଲା ପରିଷଦ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ମହିଳା ମୋର୍ଚ୍ଚା ବିଜେପି ଜିଲ୍ଲା ସମ୍ପାଦିକା ଭାରତୀ ମଲ୍ଲିକ, ଅମ୍ପା ବ୍ଲକ ସଭାପତି ରମାକାନ୍ତ ପରିହାରୀ, ମାର୍କୋଣା ମଣ୍ଡଳ ସଭାପତି ଅଭିନାଶ ବେହେରା, ଜିଲ୍ଲା ଯୁବମୋର୍ଚ୍ଚା ସମ୍ପାଦକ ଅକ୍ଷୟ ବିଶ୍ୱାଳ, ରାଧାକାନ୍ତ ମିଶ୍ର, ବିଜେପି ବିଧାନସଭା ପ୍ରଭାରି ନିରାକାର ପଣ୍ଡା, ପୂର୍ବତନ ସରପଂଚ ରାଜ ବାରିକ, ଲକ୍ଷ୍ମୀଧର ମହାନ୍ତି, ଏସଡ଼ିଓ ସଞ୍ଜୟ କୁମାର ସାହୁ, କନିଷ୍ଠ ଯନ୍ତ୍ରୀ ସତ୍ୟନାରାୟଣ ଚାନ୍ଦ, ରବିନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ବାଲି ଗାଡି ଲୁଟ ଘଟଣା-୨ ମାସ ପରେ ଧରା ହେଲା ମୁଖ୍ୟ ଅଭିଯୁକ୍ତ, ଖୁଂଟାରୁ ଜବତ ହେଲା ଗାଡି



ନୀଳଗିରି, ୨୨/୧୧ (ଆ.ପ୍ର) : ମାରଣାସ୍ତ୍ର ଦେଖାଇ ପୋଲିସ ପାଖରୁ ଜବତ ଟ୍ରାକ୍ଟର ଛଡାଇ ନବା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ ।୨ ମାସ ପରେ ମୁଖ୍ୟ ଅଭିଯୁକ୍ତ ରାଜପ୍ରସାଦ ପ୍ରଧାନକୁ(ବାଲୁଗୁ) ଘରୁ ଗିରଫ କରି ୩୬୩/୨୫ରେ ଏକ ମାମଲା ରୁଜୁ କରି କୋର୍ଟ ଚାଲଣ କଲା ନୀଳଗିରି ପୋଲିସ । ଖୁଂଟାରୁ ଜବତ ହେଲା ଓଡି୦୧ଏୟୁ୬୯୦୦ ନମ୍ବର ବିଶିଷ୍ଟ ସିଙ୍ଗ୍ ବାଲି ଟ୍ରାକ୍ଟର । ସୂଚନା ମୁତାବକ ସେପ୍ଟେମ୍ବର ମାସ ୯ ତାରିଖରେ ନୀଳଗିରି ପୋଲିସ ଓ ଖଣି ବିଭାଗ ମିଳିତ ଭାବରେ ସୋନ ନଦୀର ତିନିଦେଶ ଘାଟରେ ବେଆଇନ ବାଲି ଚୋରାଚାଲାଣ ବେଳେ ଚଢାଉ କରିଥିଲେ । ପରେ ଉକ୍ତ ଗାଡିକୁ ଅଯୋଧ୍ୟା ଫାଣ୍ଡିକୁ ନେଇ ଯାଉଥିବା ସମୟରେ ପ୍ରତାପପୁର ଛକ ନିକଟରେ ୧୦-୧୫ ଯୁବକ ବାଇକରେ ଆସି କନେଷ୍ଟବଳଙ୍କୁ ଭୁଜାଲି ଦେଖାଇ ଜବତ ଟ୍ରାକ୍ଟରକୁ ନେଇଯାଇଥିଲେ । ପରେ ନୀଳଗିରି ଥାନାରେ ଅଭିଯୋଗ ପରେ ଅଧିକ ତଦନ୍ତ ଜାରି ରଖିଥିଲା ନୀଳଗିରି ପୋଲିସ । ଉକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି । ମୟୁରଭଞ୍ଜ ଜିଲ୍ଲା ଖୁଂଟା ଅଂଚଳରେ ଲୁଚାଯାଇଥିବା ଟ୍ରାକ୍ଟରକୁ ମଧ୍ୟ ଜବତ କରାଯାଇଛି ।

ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା ଉତ୍ସବ

ନୀଳଗିରି, ୨୨/୧୧ (ଆ.ପ୍ର) : ନୀଳଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳରେ ଭାଗ ନେଇଥିବା ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିଥିଲେ । ସମ୍ମାନିତ ଅତିଥି ଭାବେ ସମାଜସେବୀ କୃପାସିନ୍ଧୁ ମହାପାତ୍ର, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜୟକୃଷ୍ଣ ବାରିକ, ରବୀନ୍ଦ୍ର ବାରିକ, ସମ୍ପାଦକ ପ୍ରଦୀପ କୁମାର ବେହେରା ଓ କୋଷାଧ୍ୟକ୍ଷ ହୃଷିକେଶ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ । ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନାରେ ସହଯୋଗ କରିଥିଲେ ।

ଅକ୍ସିଜେନ ଅଭାବରୁ କୁନି ପୁଅର ମୃତ୍ୟୁ ଅଭିଯୋଗ

ବାଲିଆପାଳ, ୨୨/୧୧ (ଆ.ପ୍ର) :୧୦୮ ଗାଡି ଚରମ ଅବହେଳା ସାଙ୍ଗକୁ ରାସ୍ତାରେ ଅକ୍ସିଜେନ ସରିଯିବାରୁ ଜେଣ ୧୦ ମାସର ନାବାଳକ ଶିଶୁର ଜୀବନ ଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାର ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନୀରିହ ଅଭିଭାବକ ଜଣଙ୍କ କାନ୍ଦି କାନ୍ଦି ରୋଗୀ କଲ୍ୟାଣ ସମିତି ବୈଠକେର ସମସ୍ତଙ୍କଠାରେ ନେହୁରା ହେବା ଘଟଣା ସାଧାରଣରେ ଆଲୋଚନା ବିଷୟ ହୋଇଛି । ସୂଚନାରୁ ପ୍ରକାଶ ଜଳେଶ୍ୱର ବ୍ଲକ ବାଇଗଣବାଡିଆ ପଂଚାୟତ ଘଂଟିଆଣି ଗ୍ରାମର ରାମକୃଷ୍ଣ ନନ୍ଦାଙ୍କ ଧର୍ମପତ୍ନୀ ତାଙ୍କ ୧୦ ମାସର ପୁଅ ଦେବାଶିଷ ସହ ତାଙ୍କ ବାପ ଘର ବାଲିଆପାଳ ଥାନା ଇକଡପାଳଗ୍ରାମେର ରହିଆସୁଥିଲେ । ଗତ ୧୭ ତାରିଖେର ଦେବାଶିଷଙ୍କ ଦେହ ଅସୁସ୍ଥ ହେବାରୁ ସନ୍ଧ୍ୟାରେ ପରିବାର ଲୋକ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ । ଡାକ୍ତର ଖାନରେ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ନଥିବା ବେଳେ ଚିକିତ୍ସାଧୀନ ଡାକ୍ତର ପିଲାଟିକୁ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ପେର ପିଲାଟିର ସଂପର୍କୀୟ ୧୦୮ ଆମ୍ବୁଲାନ୍ସକୁ କଲ କରିବା ପେର ୧୦୮ ଆମ୍ବୁଲାନ୍ସ ଡାକ୍ତରଖାନା ପହଂଚିଥିଲା । ଆମ୍ବୁଲାନ୍ସ ଚାଳକ ବ୍ୟତୀତ ଅନ୍ୟ କର୍ମଚାରୀ ମାନେ କେହି ନଥିବାରୁ ଚାଳକ ନିଜେ ପିଲାଟିକୁ ଅକ୍ସିଜେନ ଦେଇ ଗାଡି ଟି ନେଇଯାଇଥିଲେ । ତେବେ ରାସ୍ତାରେ ଅକ୍ସିଜେନ ସରିଯାଇଥିଲା । ପେର ଚାଳକ ଜଣଙ୍କ ଅନ୍ୟ ଏକ ଗାଡିକୁ ଡକାଇ ୨୦ ମିନିଟ ପେର ପିଲାଟିକୁ ରେମୁଣା ମେଡିକାଲକୁ ପଠାଇଥିଲେ । ତେବେ ସେଠାରେ ଡାକ୍ତର ପିଲାଟିକୁ ମୃତ ଘୋଷଣା କରିଥିଲେ । ଏହି ଘଟଣାରେ ପରିବାର ଲୋକ ଭାଙ୍ଗିପଡିବା ସହ ତାଙ୍କର ପିଲାର ମୃତ୍ୟୁ ପାଇଁ ୧୦୮ ଆମ୍ବୁଲାନ୍ସକୁ ଦାୟୀ କରିଛନ୍ତି । ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହେଉଥିବା ବେଳେ ପିଲାଟିର ବାପା ମା ବୈଠକେର ଉପସ୍ଥିତ ସିଡିଏମଓ ,ବସ୍ତା ବିଧାୟିକା ସୁବାସିନୀ ଜେନା,ଇନଚାର୍ଜ ଡା.ପ୍ରୀତମ କୁମାର ସାହୁଙ୍କ ନିକଟେର କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ବିଧାୟିକା ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଇଛନ୍ତି ।

ଆଉଟସୋର୍ସିଂ କର୍ମଚାରୀଙ୍କ 'ପୋଷ୍ଟକାର୍ଡ' ଅଭିଯାନ ଓ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ବାଲେଶ୍ୱର, ୨୨/୧୧ (ଆ.ପ୍ର) : ସହରସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପରେ ଆଉଟସୋର୍ସିଂ କର୍ମଚାରୀଙ୍କ ତରଫରୁ ପୋଷ୍ଟକାର୍ଡ ଅଭିଯାନର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସରକାରୀ ଦପ୍ତରରେ ଦୀର୍ଘବର୍ଷ ଧରି ଆଉଟସୋର୍ସିଂ କର୍ମଚାରୀମାନେ କାର୍ଯ୍ୟ କରିଆସୁଛନ୍ତି । ସ୍ୱଳ୍ପ ବେତନ, ଅନିଶ୍ଚିତତା ଭବିଷ୍ୟତ ମଧ୍ୟରେ ଗତି କରୁଥିଲେ ମଧ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ବିଷୟରେ ବିଚାର କରିନାହାନ୍ତି । ଛଟେଇ ବନ୍ଦ ସହ ସ୍ଥାୟୀ ଚାକିରୀ ନିମନ୍ତେ ଭାରତର ପ୍ରଧାନମନ୍ତ୍ରୀ, ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଏବଂ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ନିବେଦନ କରିଛନ୍ତି ହଜାର ହଜାର ଆଉଟସୋର୍ସିଂ କର୍ମଚାରୀ । ବହୁବାର ଶାନ୍ତିପୂର୍ଣ୍ଣ ଧର୍ମଘଟ ପରେ ସରକାର ପ୍ରତିଶ୍ରୁତି ଦେଇ ମଧ୍ୟ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ଦେଇନାହାନ୍ତି ବରଂ କୌଣସି କାରଣ ନଥାଇ ଅତ୍ୟନ୍ତ ନିଷ୍ଠୁର ଭାବେ ଛଟେଇ କରୁଛନ୍ତି । ଯଦି ସରକାର ଚଳିତ ମାସ ଶେଷ ସୁଦ୍ଧା ଆଲୋଚନା ନ କରନ୍ତି ତାହେଲେ ଆସନ୍ତାମାସକୁ ବାଧ୍ୟହୋଇ ରାଜରାସ୍ତାକୁ ଓହ୍ଲାଇବୁ ବୋଲି ମହାସଂଘର ରାଜ୍ୟ ସାଧାରଣ ସମ୍ପାଦକ ମାନସ ଦାସ କହିଛନ୍ତି । ମହାସଂଘର ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ଶାସମଲ କହିଛନ୍ତି ପୋଷ୍ଟକାର୍ଡ ଅଭିଯାନ ମାଧ୍ୟମରେ ଆମେ ଶୀର୍ଷକ ବିଚାରକ ମଣ୍ଡଳୀଙ୍କୁ ଅବଗତ କରିଛୁ । ଆର୍ଥିକ ଅଗ୍ରସର ରାଜ୍ୟରେ କର୍ମଚାରୀଙ୍କ ଛଟେଇ ବନ୍ଦ ସହ ସ୍ଥାୟୀ ଚାକିରୀ ପ୍ରଦାନ କରି ଅସହାୟ ଆଉଟସୋର୍ସିଂ କର୍ମଚାରୀଙ୍କ ପ୍ରତି ନ୍ୟାୟ ପ୍ରଦାନ କରନ୍ତୁ । ଦୀର୍ଘବର୍ଷ ଧରି ଆଉଟସୋର୍ସିଂରେ ରହି ସରକାରୀ କାର୍ଯ୍ୟକୁ ସୁଚାରୁରୂପେ ତୁଲାଉଥିବା କର୍ମଚାରୀ ଅବସର ସମୟକୁ ୧୦-୧୨ ହଜାର ଟଙ୍କା ଦରମା । ତେଣୁ ଆଗାମୀ ଦିନରେ ରାଜ୍ୟ ସରକାର ଆଉଟସୋର୍ସିଂ କର୍ମଚାରୀଙ୍କ ବିଷୟରେ ବିଚାର ନକଲେ ଜିଲ୍ଲାରୁ ହଜାରହଜାର କର୍ମଚାରୀ ନିଜ ପରିବାର ସହ ଆନ୍ଦୋଳନରେ ବସିବୁ ବୋଲି ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ବିଭିନ୍ନ ସରକାରୀ ଦପ୍ତରର ଆଉଟସୋର୍ସିଂ କର୍ମଚାରୀ ଯୋଗଦାନ କରିଥିଲେ । ଶେଷରେ ଜିଲ୍ଲା ଗଣମାଧ୍ୟମ ସଂଯୋଜକ ସତ୍ୟଗୋପାଳ ଓଝା ଏବଂ ସତ୍ୟଜିତ ଦତ ଧନ୍ୟବାଦ ଜ୍ଞାପନ କରିଥିଲେ ।

ପ୍ରଧାନ ଶିକ୍ଷକ ଷଡ଼ାନନ ଘଡ଼ାଇଙ୍କ ସେବା ନିବୃତ ସମ୍ବର୍ଦ୍ଧନା ସଭା

ଭୋଗରାଇ, ୨୨/୧୧ (ଆ.ପ୍ର) : ଭୋଗରାଇ ବ୍ଲକର ଅନ୍ୟତମ ଅଗ୍ରଣୀ ତଥା ପୁରାତନ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ଅନନ୍ତିଆ ପଂଚାୟତ ଅନ୍ତର୍ଗତ ନୂଟୁରା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅବସରକାଳୀନ ପ୍ରଧାନଶିକ୍ଷକ ଷଡ଼ାନନ ଘଡ଼ାଇଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ ପୂର୍ବତନ ସିଆରସିସି ବିକ୍ରମ କେଶରୀ ବେହେରା ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ଅନନ୍ତିଆ ଆଂଚଳିକ ସାଧନ କେନ୍ଦ୍ର ସିଆରସିସି ଦିଲ୍ଲୀପ କୁମାର ଦତ, ମୁଖ୍ୟବକ୍ତା ଭାବେ ପୂର୍ବତନ ସିଆରସିସି ଅମିତା ଜେନା, ସମ୍ମାନିତ ବକ୍ତା ଭାବେ ନସିରାବାଦ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାଦଲ କୁମାର ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ଅନନ୍ତିଆ ନାଏବ ସରପଂଚ ସନ୍ତୋଷ କୁମାର ଗିରି, ସାମ୍ବାଦିକ ସୁରେଶ ମହାନ୍ତି, ଖେଡ଼ସାହି ସରକାରୀ ଉନ୍ନୀତ ଉ. ପ୍ରା. ବିଦ୍ୟାଳୟର ଶିକ୍ଷକ ବାପୁଜୀ ଘଡ଼ାଇ ପ୍ରମୁଖ ଯୋଗ ଦେଇ ବିଦାୟୀ ପ୍ରଧାନଶିକ୍ଷକ ଶ୍ରୀ ଘଡ଼ାଇଙ୍କ ବହୁମୁଖୀ ପ୍ରତିଭା, ଛାତ୍ରବତ୍ସଳତା, ଅନୁଷ୍ଠାନ ପ୍ରତି ପ୍ରଗାଢ ଆତ୍ମୀୟତା ଓ ଉନ୍ନତ ଶିକ୍ଷଣ ଶୈଳୀ, କର୍ତ୍ତବ୍ୟନିଷ୍ଠା ଆଦି ସମ୍ପର୍କରେ ଆଲୋଚନା କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁକୁମାର ଗିରି ମଂଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ, ପ୍ରଧାନ ଶିକ୍ଷକ ଅନୁପ କୁମାର ମହାନ୍ତି ସ୍ୱାଗତ ଅଭିଭାଷଣ ସହିତ ମାନପତ୍ର ପଠନ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ । ବିଦାୟୀ ଶିକ୍ଷକ ଶ୍ରୀ ଘଡ଼ାଇଙ୍କୁ ବିଦ୍ୟାଳୟର ଶିକ୍ଷକ, ଛାତ୍ରଛାତ୍ରୀ, ପରିଚାଳନା କମିଟି, ଅନନ୍ତିଆ ଆଂଚଳିକ ସାଧନ କେନ୍ଦ୍ର (କ୍ଲଷ୍ଟର) ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଉତରୀୟ, ବସ୍ତ୍ର ପରିଧାନ, ଉପଢ଼ୌକନ ଓ ବିଭିନ୍ନ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ପରିଚାଳନା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସରଗି ଫୁଲ -୨୦୨୫ ଅନୁଷ୍ଠିତ

ନୀଳଗିରି, ୨୨/୧୧ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣବିଭାଗ ଆନୁକୂଲ୍ୟରେ ନୀଳଗିରି ବ୍ଲକ୍ ବଣଭୂଇଁ ସରକାରୀ (ଏସଏସଡି) ଉଚ୍ଚବିଦ୍ୟାଳୟ ପରିସରରେ, ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସରଗି ଫୁଲ' ଅନୁଷ୍ଠିତ ହୋଇଯାଇଛି । ଦିବସବ୍ୟାପୀ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରରୁ ୪୩ଟି ଜନଜାତି, ଜାତି ପଛୁଆବର୍ଗ ଓ ସଂଖ୍ୟାଲଘୁ ବିଦ୍ୟାଳୟର ଛାତ୍ର/ଛାତ୍ରୀ ଭାଗ ନେଇଥିଲେ । ରାଜ୍ୟ ସରକାର ଏହି ଛାତ୍ରଛାତ୍ରୀମାନଙ୍କର ଅନ୍ତର୍ନିହିତ ଗୁଣାବଳୀର ବିକାଶସହିତ ସମାଜର ମୁଖ୍ୟସ୍ରୋତରେ ସାମିଲକରିବାର ଅଭିନବପ୍ରୟାସ କିଛିକାଂଶରେ ସଫଳ ହୋଇଥିବା ପରିଲକ୍ଷିତ ହୋଉଛି । କନିଷ୍ଠ ଓ ବରିଷ୍ଠ ଦୁଇଟିବିଭାଗ କରାଯାଇ ବିଜ୍ଞାନ ପ୍ରଦର୍ଶନୀ, ଭଲିବଲ ସଙ୍ଗୀତ, ନୃତ୍ୟ, ଏକକ ଅଭିନୟ, ତର୍କ, ବକ୍ତୃତା, ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା । ଜିଲ୍ଲା ସମାଜମଙ୍ଗଳ ବିଭାଗ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଅନ୍ତିମପର୍ଯ୍ୟାୟ ତଥା ଉଦଯାପନୀ ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ଡ଼ଃ ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବରେ ଯୋଗଦେଇ ରାଜ୍ୟସରକାରଙ୍କ ଏହି ପ୍ରୟାସ ଏକ ସୁନ୍ଦର ପଦକ୍ଷେପ ବକ୍ତବ୍ୟ ରଖିବା ସହିତ ପ୍ରାକୃତିକ ପରିବେଶରେ ବଢ଼ି ନିଜର ସଂସ୍କୃତି, ପରମ୍ପରାକୁ ଉଜ୍ଜିବିତ ରଖିବା ସହ ଶିକ୍ଷାକୁ ମୂଳଭିତି କରି ଛାତ୍ରଛାତ୍ରୀ ଆଗ୍ରହ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ । ବଣଭୂଇଁ ଏସଏସଡି ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ମଧୁସ୍ମିତା ପରିଡା ମଂଚରେ ସଭାପତିତ୍ୱ କରିଥିଲାବେଳେ ଶିକ୍ଷକ ବିଭୂତି ଭୂଷଣ ପ୍ରଧାନ ମଂଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମର ସୂତ୍ରଧର ତଥା ଜିଲ୍ଲାମଙ୍ଗଳ ଅଧିକାରୀ ଦେବାଶିଷ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବହୁ ମୂଲ୍ୟବାନ ଉପଦେଶ ଦେଇଥିଲେ । ସମ୍ମାନିତଅତିଥି ନୀଳଗିରି ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ବାଲେଶ୍ୱର ଜିଲ୍ଲା ଶିକ୍ଷକସଙ୍ଘର ନେତା ତଥା ବରପଦା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଶ୍ୱମ୍ଭର ଧଳ, ବୈଷ୍ଣବବନ୍ଧ ସେବାଶ୍ରମର ପ୍ରଧାନଶିକ୍ଷୟତ୍ରୀ କୁଞ୍ଜଲତା ସାହୁ ପ୍ରମୁଖ ମଂଚାସିନ ରହି ଆଦିବାସୀ ପିଲାମାନଙ୍କ ପାଇଁ ସରକାର ଯତ୍ନବାନ ଥିବା ବକ୍ତବ୍ୟ ରଖିବା ସହିତ ପିଲାମାନଙ୍କର ଦକ୍ଷତାକୁ ପ୍ରଶଂସା କରିଥିଲେ । ସନ୍ଧ୍ୟାର ଏହି ମନୋରମ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପରେପରେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରାଛାତ୍ରୀ ମାନଙ୍କର ଦେଶାତ୍ମବୋଧକ ନୃତ୍ୟ, ଆଦିବାସୀ ପାରମ୍ପରିକ ନୃତ୍ୟ ଉପସ୍ଥିତ ଜନତାଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । କନିଷ୍ଠ ଓ ବରିଷ୍ଠ ବିଭାଗରେ କୃତି ଛାତ୍ରଛାତ୍ରୀ ରାଜ୍ୟସ୍ତରକୁ ଉତୀର୍ଣ୍ଣ ହୋଇଥିବାରୁ ସେଠାରେ ତାଙ୍କର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବେ ବୋଲି ଆଶା ପ୍ରକଟ କରାଯାଇଛି ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସଂସ୍କାରରୁ ଶୁଦ୍ଧିକରଣ

ମନୁଷ୍ୟ ଜୀବନରେ ସଂସ୍କାରର ବଡ଼ ମହତ୍ତ୍ୱ ରହିଥାଏ । ସଂସ୍କାରର ମୂଳ ଅର୍ଥ ଶୁଦ୍ଧିକରଣ ବା ପରିମାର୍ଜନ ଅଟେ । ଏବଂ ଏହି ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ନିଜର ସହଜ ପ୍ରବୃତ୍ତି ଗୁଡ଼ିକର ପୂର୍ଣ୍ଣ ବିକାଶ କରି ନିଜର ଏବଂ ସମାଜର ଉଭୟର କଲ୍ୟାଣ କରିଥାଏ । ଏହି ସଂସ୍କାର ହିଁ ମନୁଷ୍ୟର ପ୍ରକୃତ ଶୁଦ୍ଧିକରଣ କରିଥାଏ ଏବଂ ମନୁଷ୍ୟ ଭିତରେ ପବିତ୍ରତା ଆଣିଥାଏ । ଯେଉଁ ଶୁଦ୍ଧିକରଣ ଦ୍ୱାରା ମନୁଷ୍ୟର ଶରୀର, ମନ ଓ ମସ୍ତିଷ୍କ ବଳବାନ୍ ହୋଇ ସେ ସମାଜରେ ନିଜର ଭୂମିକା ଆଦର୍ଶର ସହ ପାଳନ କରିପାରିଥାଏ । ଆମର କଥା , ବାର୍ତ୍ତା, ବ୍ୟବହାର ଏବଂ ଆଚରଣରେ ହିଁ ଆମ ସଂସ୍କାର ଲୁଚି ରହିଥାଏ । ଯାହାକି ଆମକୁ ସମାଜରେ ପୂର୍ଣ୍ଣତା ଅର୍ଥାତ୍ ପୂର୍ଣ୍ଣ ସଦସ୍ୟତା ପ୍ରାପ୍ତି କରାଇଥାଏ । ଆମ ହିନ୍ଦୁ ଧର୍ମର ସଂସ୍କୃତି ଏହି ସଂସ୍କାର ଉପରେ ହିଁ ଆଧାରିତ ଅଟେ । ଆମ ଋଷି - ମୁନି ମାନେ ମନୁଷ୍ୟ ଜୀବନକୁ ପରିମାର୍ଜିତ ଅର୍ଥାତ୍ ପବିତ୍ର କରିବା ପାଇଁ ହିଁ ଏହି ସଂସ୍କାରର ଆବିଷ୍କାର କରିଥିଲେ । ଆମ ଭାରତୀୟ ସଂସ୍କୃତିର ମହାନତା ଏହି ସଂସ୍କାରରୁ ହିଁ ଅବଗତ ହୋଇଥାଏ । ବ୍ୟାସ ସ୍ମୃତିରେ ଷୋଳଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଏବଂ ଆମ ଧର୍ମ ସଂସ୍କୃତିରେ ମଧ୍ୟ ମୁଖ୍ୟ ରୂପରେ ଏହି ଷୋଳ ଗୋଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଯଥା :- ଗର୍ଭାଧାନ ସଂସ୍କାର, ପୁଂସବନ ସଂସ୍କାର, ସୀମନ୍ତୋନ୍ନୟନ ସଂସ୍କାର, ଜାତକର୍ମ ସଂସ୍କାର, ନାମକରଣ ସଂସ୍କାର, ନିଷ୍କ୍ରମଣ ସଂସ୍କାର, ଅନ୍ନପ୍ରାଶନ ସଂସ୍କାର, ମୁଣ୍ଡନ୍ ସଂସ୍କାର, କର୍ଣ୍ଣବେଧନ ସଂସ୍କାର, ବିଦ୍ୟାରମ୍ଭ ସଂସ୍କାର, ଉପନୟନ ସଂସ୍କାର, ବେଦାରମ୍ଭ ସଂସ୍କାର, କେଶାନ୍ତ ସଂସ୍କାର, ସମାବର୍ତ୍ତନ ସଂସ୍କାର, ବିବାହ ସଂସ୍କାର ଓ ଅନ୍ତ୍ୟେଷ୍ଟି ସଂସ୍କାର ଇତ୍ୟାଦି । ଆମ ଦେଶର ମହାନ୍ ସଂସ୍କୃତି ଏକ ପ୍ରକାର ଏହି ସଂସ୍କାରର ହିଁ ଅଟେ । ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ବଡ଼ ମହତ୍ତ୍ୱ ରହିଥାଏ । ଏହି ସଂସ୍କାରର ହିଁ ଜୀବନର ଆଭୂଷଣ ହୋଇଥାଏ ଯାହା ବ୍ୟକ୍ତିର ମୂଲ୍ୟ ଏବଂ ସମ୍ମାନ କୁ ବହୁତ୍ ମାତ୍ରାରେ ବଢ଼ାଇ ଥାଏ । ଯେପରି ସୁନାକୁ ଆମେ ଯେତେ ନିଆଁରେ ପକାଇବା ସେ ସେତେ ଅଧିକ ଚିକ୍ ମିକ କରିବ, ଠିକ୍ ସେହିପରି ଜଣେ ବ୍ୟକ୍ତି ମଧ୍ୟ ଯେତେ ପରିମାର୍ଜିତ ଅର୍ଥାତ୍ ସଂସ୍କାରି ହେବ ସେ ସେତେ ଅଧିକ ସମାଜରେ ସଫଳ ଏବଂ ସମ୍ମାନିତ ହେବ । ଗୋଟିଏ ଶିଶୁର ମନ ଉପରେ ବଡ଼ ମାନଙ୍କ ଦ୍ୱାରା ହେଉଥିବା ସମସ୍ତ କଥା, ବାର୍ତ୍ତା ଏବଂ କାର୍ଯ୍ୟର ବହୁତ୍ ବଡ଼ ପ୍ରଭାବ ପଡ଼ିଥାଏ । ଗୋଟିଏ ଛୋଟ ପିଲା ଅର୍ଥାତ୍ ଶିଶୁ ଯାହା ଦେଖିବା, ଶୁଣିବ ଅନ୍ୟମାନଙ୍କ ଠାରୁ ସେ ସବୁ ହିଁ ତାହାର ସଂସ୍କାର ପାଲଟି ଯାଇଥାଏ । ଜୀବନର ପ୍ରାରମ୍ଭିକ ଦିନ ମାନଙ୍କରେ ଯେଉଁ ସଂସ୍କାର ଗୁଡ଼ିକ ଭରା ଯାଇଥାଏ ତାହା ହିଁ ପରବର୍ତ୍ତୀ ସମୟରେ ତାର ପ୍ରକୃତ ଜୀବନ ପାଲଟି ଯାଇଥାଏ । ଆମେ ଯଦି ପ୍ରାଚୀନ କାଳ ଅଥବା ଇତିହାସ କୁ ଦେଖିବା ତାହେଲେ ବହୁତ୍ ଗୁଡ଼ିଏ ଉଦାହରଣ ଆମକୁ ମିଳିବ ଯେଉଁ ମାନେ କି ନିଜ ଜୀବନର ଆରମ୍ଭରେ ହିଁ ନିଜ ପିତା,ମାତା ଅଥବା ନିଜ ଗୁରୁଜନ ମାନଙ୍କର ବ୍ୟବହାର ଓ ଆଚରଣରେ ହିଁ ପ୍ରଭାବିତ ହୋଇ ନିଜକୁ ଏକ ସଂସ୍କାରବାନ୍ କରାଇ ବହୁତ୍ ପ୍ରତିଷ୍ଠିତ ହୋଇପାରିଛନ୍ତି ଏବଂ ନାଁ କମାଇ ପାରିଛନ୍ତି । ବ୍ୟକ୍ତିର ଚରିତ୍ର ଏହି ସଂସ୍କାରରୁ ହିଁ ପରିମାର୍ଜିତ ହୋଇପାରିଥାଏ । ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଭଲ ହୋଇଥାଏ, ସେ ବ୍ୟକ୍ତିର ଚରିତ୍ର ମଧ୍ୟ ସେତେ ଅଧିକ ଭଲ ହୋଇଥାଏ । ଏବଂ ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଖରାପ ହୋଇଥାଏ, ସେ ବ୍ୟକ୍ତିର ସଂସ୍କାର ମଧ୍ୟ ସେତେ ଅଧିକ ହିନ ହୋଇଥାଏ ।ଶିକ୍ଷା ଠାରୁ ମଧ୍ୟ ସଂସ୍କାର ଅଧିକ ମହତ୍ତ୍ୱ ରହିଅଛି ।କାରଣ ଜଣେ ବ୍ୟକ୍ତି କେବଳ ଯେ ପାଠ ପଢ଼ି ଶିକ୍ଷିତ ହୋଇଗଲେ ଯେ ସେ ସଂସ୍କାରି ହୋଇଥାଏ ତାହା ନୁହେଁ, ଜଣେ ଅପାଠୁଆ ବ୍ୟକ୍ତି ମଧ୍ୟ ଉତ୍ତମ ସଂସ୍କାରର ହୋଇପାରିବ । ଏବଂ ଜଣେ ବ୍ୟକ୍ତିର ସଂସ୍କାରରୁ ହିଁ ସେ ବ୍ୟକ୍ତିର ପରିବାର ଏବଂ ପରିବେଶ ଜଣା ପଡ଼ି ଯାଇଥାଏ । ସେଥି ଲାଗି ପ୍ରତ୍ୟେକ ବ୍ୟକ୍ତି ନିହାତି ଭାବେ ସଂସ୍କାରି ହେବା ଉଚିତ୍ ।କାରଣ ଉତ୍ତମ ସଂସ୍କାର ହିଁ ସର୍ବ ଶ୍ରେଷ୍ଠ , ଶୁଦ୍ଧ ଓ ପବିତ୍ର ଅଟେ । ଏହି ସଂସ୍କାର ବିନା ମନୁଷ୍ୟ ଏବଂ ସମାଜ ଅନ୍ଧକାର ଅଟେ । ସଂସ୍କାର ହିଁ ଜୀବନର ଅସ୍ତିତ୍ୱ ଅଟେ । ଯାହା ମନୁଷ୍ୟ କୁ ଉଚିତ୍ ରାସ୍ତାରେ ଅଗ୍ରସର କରାଇଥାଏ ।

ସେବା ହିଁ ଭକ୍ତି

॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥

ଆମ୍ଭେମାନେ ସବୁ ସେବକ । କାରଣ ଆମେ ସଦା ସର୍ବଦା ସେବା କାମରେ ନିୟୋଜିତ ରହୁଛେ । 'ସେବା' ପ୍ରକୃତରେ କ'ଣ ? ଏହା ଏକ ମାର୍ଗ ଯାହା ମାଧ୍ୟମରେ, ଭକ୍ତି ପ୍ରକଟିତ ହୋଇଥାଏ ? ଭକ୍ତିର ପରିଣାମ କ'ଣ ସେବା ନା ଏହା ଭକ୍ତିର କାରଣ ? ଏହା ଗୋଟିଏ ମାଧ୍ୟମ ଯାହା ଜରିଆରେ ଭକ୍ତି ନିବେଦିତ ହୁଏ ବା ପରିବର୍ତ୍ତିତ ହୁଏ ? ନା, ଏହା ଭକ୍ତିର ନିଦର୍ଶନ ନୁହେଁ ବା ଭକ୍ତିର ଫଳ ନୁହେଁ । ଭକ୍ତିର ସାରମର୍ମ ହେଉଛି ସେବା, ଭକ୍ତର ଶ୍ୱାସ ପ୍ରଶ୍ୱାସ ହିଁ ସେବା, ଏହା ଭକ୍ତର ସ୍ୱଭାବ । ଯେଉଁ ଅନୁଭୂତିରୁ ଭକ୍ତ ବୁଝିପାରେ ଯେ ପ୍ରତ୍ୟେକ ଜୀବ ଈଶ୍ୱରଙ୍କ ସନ୍ତାନ, ପ୍ରତ୍ୟେକ ଶରୀର ତାଙ୍କର ମନ୍ଦିର ଓ ପ୍ରତ୍ୟେକ ସ୍ଥାନ ତାଙ୍କର ବାସଗୃହ, ସେହି ଅନୁଭୂତିରୁ ସୃଷ୍ଟି ହୁଏ ସେବା ଭାବ । ସେବା ସର୍ବଶ୍ରେଷ୍ଠ ସାଧନା । ଏହା ସର୍ବଶ୍ରେଷ୍ଠ ଆଧ୍ୟାତ୍ମିକ ଶୃଙ୍ଖଳା । ଆମ୍ଭେମାନେ ସେବା କରିବାର ଏକ ମହାନ ସୁଯୋଗ ଲାଭ କରିଛେ । ଆଧ୍ୟାତ୍ମିକ ଉନ୍ନତି ଦୃଷ୍ଟିରୁ, ଜନ ସମାଗମ ସମୟରେ ଆମର ସେବା କାର୍ଯ୍ୟ, ଜପ ଧ୍ୟାନ ଠାରୁ ବହୁଗୁଣରେ ଅଧିକ ସହାୟକ ହୋଇଥାଏ । ଆମେ ଭାବ ନାହିଁ ଯେ ସେବା ମାଧ୍ୟମରେ ଆମେ ବିଶ୍ୱର ପୁନର୍ଗଠନ ବା ସଂସ୍କାର ଆଣି ଦେଇପାରିବା । ସେ କାମ ହାସଲ କରିବା ନକରିବା ବଡ଼ କଥା ନୁହେଁ । କିନ୍ତୁ ସେବାର ପ୍ରକୃତ ଫଳ ଅତି ପ୍ରାଞ୍ଜଳ । ଏହା ଆମକୁ ସୁଗଠିତ କରେ, ଆମଠାରେ ସଂସ୍କାର ଆଣେ । ସାଧନା ହିସାବରେ ସେବା କରିଯିବା । ଆମେ ବିନମ୍ର ହେବା ଯାହାଫଳରେ ସୁଖି ହେବା । ଆମେ ଅନ୍ୟର ପ୍ରଗତିରେ ସାହାଯ୍ୟ କରୁଛେ ବୋଲି ଭାବିବା ନାହିଁ ଓ ନିଜର ଉନ୍ନତି କରିବା । ଜପ ଓ ଧ୍ୟାନ ସହିତ ମିଶାଇସେବା କରିବା ଉଚିତ । କହିବାକୁଗଲେ ଏହା ଜପ ଓ ଧ୍ୟାନର ପ୍ରତ୍ୟକ୍ଷ ପ୍ରୟୋଗ । ଈଶ୍ୱରଙ୍କ ପ୍ରିୟ ସେହି ଦରିଦ୍ର ଓ ଦୁର୍ଗତମାନଙ୍କୁ ଚତୁଃପାର୍ଶ୍ୱରେ ଦେଖି ସୁଦ୍ଧା କେହି କେବେ ଈଶ୍ୱରଙ୍କ ଧ୍ୟାନରେ ବସି ରହିପାରେ ?

ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି 'ଯେଉଁ ହାତ ଅନ୍ୟକୁ ସାହାଯ୍ୟ କରିବା ଶିଖି ନାହିଁ, ସେ ରୁଦ୍ଧ ଦ୍ୱାରା କୋଠରୀରେ ବସି ମାଳା ଗଡ଼ାଉ ଥିଲେ ସୁଦ୍ଧା ମୁଁ ସେ ଜପକୁ ତିଳେ ମାତ୍ର ଗୁରୁତ୍ୱ ଦିଏନାହିଁ । ସେ ପ୍ରକାର ଧ୍ୟାନକୁ ମଧ୍ୟ ମୁଁ ଆଦୌ ପସନ୍ଦ କରେନାହିଁ, ଯେଉଁ ଧ୍ୟାନ ତୁମକୁ ଯନ୍ତ୍ରଣା ଜର୍ଜରିତମାନଙ୍କ କଷ୍ଟ ପ୍ରତି କାଳ କରିଦିଏ । ଧ୍ୟାନ ହୃଦୟକୁ କଠିନ କରିବା ଅନୁଚିତ । ଧ୍ୟାନ ଦ୍ୱାରା ହୃଦୟ ଲବଣି ତୁଲ୍ୟ କୋମଳ ହେବା କଥା, ସାମାନ୍ୟ ଉତାପରେ ବିଗଳିତ ହୋଇଯିବା କଥା । ପ୍ରତ୍ୟେକଙ୍କ ଅନ୍ତର୍ନିବାସୀ ଭଗବାନଙ୍କୁ ଦର୍ଶନ କରିବାର ମହାନ ସୁଯୋଗ ହେଉଛି ସେବା । ସେବକ ହିସାବରେ କାମ କରି ତୁମର ନିଶ୍ଚୟ ଏସବୁ ଅଭିଜ୍ଞତା ହେବଣି । ସବୁ ପ୍ରକାର ଲୋକଙ୍କୁ ଭେଟୁଛ, କେତେକ ଅତି ସହଯୋଗୀ, କେତେକ ତର୍କବାଦୀ, କେତେକ ବାଧା ଦେବେ, କେତେକ ଧମକ ଦେବେ, ତୁମର କ୍ଷମତା ଓ ଉଦ୍ଦେଶ୍ୟ ବାବଦରେ ମଧ୍ୟ କେତେକ ପ୍ରଶ୍ନ କରିବେ । ଏମାନଙ୍କ ସଂସ୍ପର୍ଶରେ ଆସିବାଟା ମଧ୍ୟ ତୁମ ପାଇଁ ଏକ ପ୍ରକାର ଶିକ୍ଷା । ଏହା ଦ୍ୱାରା ତୁମ ଚରିତ୍ର ଦୃଢ଼ିଭୂତ ହୁଏ ଏବଂ ନିନ୍ଦା ଓ ପ୍ରଶଂସାକୁ ସମାନ ଭାବରେ ଗ୍ରହଣ କରିବାକୁ ତାଲିମ ମିଳିଥାଏ । ବର୍ତ୍ତମାନ ମୁଁ ତୁମକୁ ଯଦି ପଚାରେ ଯେ ସେଇଟି କ'ଣ ଯାହାପାଇଁ ତୁମେ ସର୍ବାଧିକ ବ୍ୟାକୁଳ ? ତୁମେ କହିବ ତାହା ହେଉଛି କୃପା ବା ଅନୁଗ୍ରହ, ନୁହେଁ କି ? ଯେ ପର୍ଯ୍ୟନ୍ତ ତୁମର କଥା ଓ କର୍ମ ସତ୍ୟ ଓ ଧର୍ମାନୁସାରିଣୀ ହେଉଥିବ, ଯେ ପର୍ଯ୍ୟନ୍ତ ତୁମ କଥା ଓ କର୍ମରେ ପ୍ରେମର ମଧୁରତା ଓ ଶାନ୍ତିର ପ୍ରଚୁରତା ଥିବ, ନିଶ୍ଚିନ୍ତରହ, ଅମାପ, ଅଜସ୍ର କୃପା ଲାଭ କରିବ ।'

ଆମେ ସମସ୍ତେ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଅଙ୍ଗ ପ୍ରତ୍ୟଙ୍ଗ ଓ ତାଙ୍କ ଦ୍ୱାରା ହିଁ ପ୍ରତିପାଳିତ । ବାବା କହିଛନ୍ତି 'ତୁମ ସମସ୍ତଙ୍କୁ ନେଇ ମୋ ଶରୀର ଗଠିତ । ସଦ୍‌ଗୁଣ, ବିଶ୍ୱାସ, ଶୃଙ୍ଖଳା ଓ ବିନମ୍ରତା ଭଳି ବାଞ୍ଛିତ ମଧୁର ଗୁଣାବଳୀ ଆହରଣ କଲେ, ତୁମେ ଯେଉଁଠି ଥାଅ ପଛେ, ଯେଉଁ କାମ କରୁଥାଅ ପଛେ, ସାଇ ତୁମର ପୁଷ୍ଟି ସାଧନ କରୁଥିବେ । ତୁମକୁ ଟେକି ଧରୁଥିବେ । ତୁମେ ସାଇଙ୍କ ଅଙ୍ଗର ଗୋଟିଏ ଉପାଦାନ ହୋଇ ଥିବାରୁ ଖୁସି ହେବା ଦରକାର । ଗୋଡ଼ ହୋଇ ଥିବାରୁ କଠିନ ରାସ୍ତା ଉପରେ ଚାଲିବାକୁ ପଡ଼ିବ ବୋଲି ଅଭିଯୋଗ କରନାହିଁ । ମୁଣ୍ଡ ହୋଇ ଶରୀରର ସର୍ବୋଚ୍ଚ ସ୍ଥାନ ଲାଭ କରିଛ ବୋଲି ଗର୍ବ କରନାହିଁ । ଉଭୟ ମଧ୍ୟରେ ସେହି ସମାନ ରକ୍ତ ପ୍ରବାହିତ ହେଉଛି, ଶରୀରର ଅନ୍ୟାନ୍ୟ ଅଙ୍ଗ ପ୍ରତ୍ୟଙ୍ଗ ଭଳି ଏ ଉଭୟଙ୍କ କାମ ବେଶ ଗୁରୁତ୍ୱପୂର୍ଣ୍ଣ । ଶରୀରର ପ୍ରତ୍ୟେକ ଅଙ୍ଗର କାମ ଅତୁଳନୀୟ ।' ତେଣୁ ଉଦାସୀନତାକୁ ପ୍ରଶ୍ରୟ ଦେବା ନାହିଁ । ଏହି ସଂସାରରେ ଆମ୍ଭମାନଙ୍କର ଅଭିନୟଟି ବିଶେଷଭାବେ ସ୍ୱତନ୍ତ୍ର, ଯାହା ଆମେ କେବଳ ଖେଳି ପାରିବା । ଆମେ ମୁଣ୍ଡରେ ଚାଲିପାରିବା ନାହିଁ, ଓ ପାଦ ଦ୍ୱାରା ଭାବି ପାରିନଥାଉ । ଆମେ ଯେଉଁ ଅବସ୍ଥାରେ ଥାଅ ନା ପଛ କେ, ନିଜର ସଦ୍‌ଗୁଣ ବଳରେ ଅନୁଗ୍ରହ ହାସଲ କରିବା ହିଁ ମୁଖ୍ୟ ଉଦ୍ଦେଶ୍ୟ ହେବା ଉଚିତ । ସନ୍ତୋଷ ଠାରୁ ବଡ଼ ଆଉ କୌଣସି ସମ୍ପଦ ନାହିଁ । ପେଟପୁରା ଖାଇଲା ପରେ ଆଉ ଖାଇ ହୁଏନାହିଁ । ଆହୁରି ଅଧିକ ଖାଇବା ପାଇଁ ଯଦି ଆମକୁ ବାଧ୍ୟ କରାଯାଏ ତେବେ ତାହା କଷ୍ଟ ଦାୟକ ହେବ । ନିଜକୁ କଷ୍ଟ ନ ଦେଇ କାମ କରିବାକୁ ହେଲେ ପ୍ରତ୍ୟେକ କାମ ପାଇଁ ଗୋଟିଏ ନିର୍ଦ୍ଧାରିତ ସୀମା ଅଛି, ତାହା ଠାରୁ ଅଧିକ କିଛି କରାଯାଇ ନପାରେ । ଆଗ ଦେଖି ନିଅ ଆମର ମାପ, ଆମର ସୀମା, ଆମର ଶକ୍ତି ଓ କ୍ଷମତା କେତେ ? ସେଇ ଅନୁସାରେ କାମ କରିବା । ଯେଉଁମାନଙ୍କର ସୀମାରେଖା, କ୍ଷମତା ଓ ଶକ୍ତି ଆମଠାରୁ ଅଧିକ ତାଙ୍କ ପ୍ରତି ଈର୍ଷା ପରାୟଣ ହେବାନାହିଁ ଜୀବନର ଲକ୍ଷ୍ୟକୁ ଭଲ ଭାବେ ଚିହ୍ନି ଆଗେଇ ଚାଲିବା ଏହା ହିଁ ଦିବ୍ୟ ଜୀବନ ପାଇଁ ଭଗବାନଙ୍କ ପ୍ରଦତ୍ତ ରାସ୍ତା ।

ସମ୍ପାଦକ, 'ଶ୍ରୀ ସତ୍ୟସାଇ ବାଳବିକାଶ' ଅଲିଶା ବଜାର, କଟକ, ଦୂରଭାଷ : ୯୯୩୭୨୪୨୯୫୫

ଗାନ୍ଧୀ ମଣିଷ : ନବକୃଷ୍ଣ ଚୌଧୁରୀ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଓଡ଼ିଶାରେ ଗାନ୍ଧିବାଦୀ ଅନୁଚିନ୍ତନର ଚିନ୍ତା ଓ ଚେତନାକୁ ଜାଗରଣ କରିଥିବା ବିଶିଷ୍ଟ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଆଜି ହେଉଛି ପବିତ୍ର ଜନ୍ମତିଥି । ତମାମ୍ ଜୀବନ ସାଧାରଣ ମେହନତି ଲୋକଙ୍କ ପାଇଁ ଉତ୍ସର୍ଗ କରିଥିବା ସେହି ସଂଗ୍ରାମୀ ବୀରକର୍ଣ୍ଣଧାର ଏକଦା କହିଥିଲେ 'ତୁମେ ଯେତେବେଳେ କୌଣସି କାମ କରିବାକୁ ଗଲାବେଳେ ସଂଶୟରେ ପଡ଼ିଥିବ ଯେତେବେଳେ ଲକ୍ଷ୍ୟ କରିବ ତୁମ କାମଟି ଯଦି ସମାଜର ସବୁଠାରୁ ତଳିଆ ଶ୍ରେଣୀର ଲୋକଙ୍କ ମଙ୍ଗଳ କରୁଛି ତ ତୁମେ ନିର୍ଭୟରେ ଆଗେଇ ଚାଲ' । ନବକୃଷ୍ଣ ଚୌଧୁରୀଙ୍କ କେବଳ ବେଶଭୂଷା ନୁହେଁ ବରଂ ତାଙ୍କ ଜୀବନାଦର୍ଶ ଥିଲା ସମ୍ପୂର୍ଣ୍ଣ ରୂପେ ଅତ୍ୟନ୍ତ ସାଧାସିଧା ଓ ନିରାଡ଼ମ୍ବର । ସମାଜର ତଳସ୍ତରରେ ଜୀବନ ଜୀବିକାକୁ ନେଇ ଅହର୍ନିଶ ସଂଗ୍ରାମ କରୁଥିବା ଲୋକଙ୍କ ପାଇଁ ସେ ସର୍ବଦା କାମ କରୁଥିଲେ । ତାଙ୍କରି ନେତୃତ୍ୱରେ ଚାଷୀ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନ ଦ୍ୱାରା ବର୍ଷ ବର୍ଷ ଧରି ଜମିଦାରୀ ଓ ରାଜାମହାରାଜଙ୍କ ରାଜକୀୟ ଶାସନକୁ ଲୋପ କରି ସାଧାରଣ ଲୋକଙ୍କ ଏକ ଯୁଗ ସୃଷ୍ଟି କରିଥିଲା । ସେ ହେଉଛନ୍ତି ଭାରତର ପ୍ରଥମ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟର ଭାଷାକୁ ସରକାରୀ ଭାଷା ଭାବରେ ନିଷ୍ଠାପର ଭାବରେ ପ୍ରଚଳନ କରାଇ ବେଶ୍ ପ୍ରଶଂସା ଭାଜନ ହୋଇଥିଲେ କେବଳ ସେତିକି ନୁହେଁ ଛୋଟମୋଟର ମାମଲାକୁ କୋର୍ଟ କଚେରୀକୁ ନନେଇ ଗ୍ରାମ୍ୟସ୍ତରରେ ଅଦାଲତ ଗଠନ କରି ନିରପେକ୍ଷ ବ୍ୟକ୍ତିତ୍ୱମାନଙ୍କ ଦ୍ୱାରା ନ୍ୟାୟ ପ୍ରଦାନର ସେ ବ୍ୟବସ୍ଥା କରାଇଥିଲେ । ଏହାସହ ମହାଜନୀ ଋଣ ନେଇ କ୍ଷତିଗ୍ରସ୍ତ ଲୋକଙ୍କ ସୁରକ୍ଷା ପାଇଁ ସେ ବିଧିବଦ୍ଧ ଭାବେ ଆଇନ ପ୍ରଣୟନ କରିଥିଲେ । ଶାସନ ଓ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କେବଳ କେନ୍ଦ୍ର ସରକାର ନୁହେଁ ଭାରତର ବିଭିନ୍ନ ରାଜ୍ୟ ସରକାରମାନେ ଆଦର୍ଶଣୀୟ ଭାବରେ ଏହାକୁ ଅନୁକରଣ କରିଥିଲେ । ତାଙ୍କ ସମୟରେ ରାଜ୍ୟରୁ ସମସ୍ତ ପ୍ରକାର ନିଶାର ମୂଳୋତ୍ପାଟନ କରିବା ପାଇଁ ବିଧିବଦ୍ଧ ଭାବେ ନିଶାନିବାରଣ ଆଇନ ପ୍ରଣୟନ କରିଥିଲେ ।

ବର୍ତ୍ତମାନ ସରକାର ସାଧାରଣ ଶ୍ରେଣୀର ଲୋକମାନଙ୍କ ପାଇଁ ଟଙ୍କିକିଆ ଚାଉଳ ଠାରୁ ଚଷାପୁଅ ପାଇଁ ମୋବାଇଲ ଠାରୁ ସାଇକେଲ ଯୋଗାଇ ଦେଉଥିଲେ ବି ନିଶା ନିବାରଣ ଉପରେ ସେପରି କିଛି ସରକାରୀ ଅଙ୍କୁଶ ରହୁନଥିବାରୁ ସାଧାରଣ ଲୋକଟି ନିଜର ପରିଶ୍ରମର ମୂଲ୍ୟକୁ ନିଶାପାଣିରେ ଉଡାଇ ଦେଇ ନିଜ ଜୀବନକୁ ବରବାଦ୍ କରିବା ସହ ନିଜ ପରିବାରକୁ କ୍ଷତବିକ୍ଷତ କରୁଛି ।ଆଜିର ରାଜନୀତିରେ ଅର୍ଥ ସବୁକିଛି । କ୍ଷମତାକୁ ନିଜ ପାଖରେ ବର୍ଷ ବର୍ଷ ଧରି ବଂଶ ବୁନିଆଦିର ଜାଗିର ପରି ରଖିବା ପାଇଁ ନେତାମାନେ ନିଜର ସମସ୍ତ ବ୍ୟକ୍ତିତ୍ୱକୁ ସମର୍ପି ଦେଉଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ଥିଲା ସଂପୂର୍ଣ୍ଣ ରୂପେ ଭିନ୍ନ । ତାଙ୍କ ଶାସନ ସମୟରେ ସେ ଏହି ରାଜ୍ୟର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମର ଦାୟିତ୍ୱକୁ ବେଶ୍ ନିଷ୍ଠାପର ଭାବରେ ତୁଲାଉଥିଲେ । ସବୁକିଛି କାମ ଶାସନ ଓ ପ୍ରଶାସନ ଉପରେ ଲଦି ନଦେଇ ବ୍ୟକ୍ତିଗତ ଭାବରେ ସେ ସରକାରୀ ଆଇନ ଓ ବିଧି ବ୍ୟବସ୍ଥାକୁ ନଜରରେ ରଖି ସୁପରିଚାଳନା କରୁଥିଲେ । ସେ ଅନୁଭବ କରିଥିଲେ ଯେ ସେ ସମୟର ସାମାଜିକ ବିଧି ବ୍ୟବସ୍ଥା ଓ ସରକାରୀ କଳର ଢାଂଚା ଜନାଭିମୁଖୀ ନହେଲେ ଏହା ଲୋକମାନଙ୍କ ପାଇଁ ଫଳପ୍ରସୂ ହୋଇପାରିବ ନାହିଁ । ନିଜ ସାଧୁତା ଓ ବ୍ୟକ୍ତିଗତ ଜୀବନର ଆଦର୍ଶ ପାଇଁ ସେ ସମଗ୍ର ଭାରତବର୍ଷରେ ନିଜର ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଭିନ୍ନ ଗଣଆନ୍ଦୋଳନରେ ନିଜକୁ ସାମିଲ କରି ଅନେକ ଯୋଜନାର ଖସଡ଼ାକୁ ବେଶ୍ ପ୍ରଶଂସନୀୟ ଭାବରେ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟଙ୍କ ସମୟରେ ନକ୍ସଲ ଦମନ ନାମରେ ଯେଉଁପରି ଭାବରେ ଦମନଲୀଳା ଚାଲିଥିଲା ତାହାକୁ ପଶ୍ଚିମବଙ୍ଗର ନେତାମାନେ ଏହା ବିରୁଦ୍ଧରେ ପଦୁଟିଏ କହିବାକୁ ସକ୍ଷମ ହୋଇନଥିଲା ବେଳେ ସେ ସମୟରେ କୋଲକତା ବିଶ୍ୱବିଦ୍ୟାଳୟର ଏକ ବୁଦ୍ଧିଜୀବିଙ୍କ ସମାବେଶରେ ଏହାକୁ ବିରୋଧ କରି ଯେଉଁ ଜ୍ଞାନ ଗର୍ଭକ ଭାଷଣ ଦେଇଥିଲେ ତାହାକୁ କୋଲକତାର ବଡ଼ ବଡ଼ ଆଗଧାଡ଼ିର ସମ୍ବାଦପତ୍ରମାନେ ଉଚ୍ଚପ୍ରଶଂସା କରି ଏହା ଉପରେ ଲେଖନୀ ଚାଳନା କରିଥିଲେ । ସାରା ଭାରତର ଜରୁରୀ କାଳୀନ ପରିସ୍ଥିତିରେ ତତ୍କାଳୀନ ଓଡ଼ିଶାର ଜନଆନ୍ଦୋଳନର ନେତୃତ୍ୱର କର୍ଣ୍ଣଧାର ସେ ସାଜିଥିଲେ । ନିଜ ଜୀବନର ଶେଷ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ବିଭିନ୍ନ ଜନଆନ୍ଦୋଳନର ନେତୃତ୍ୱ ନେଇଥିଲେ ବି ସେ କେବେ ବି କ୍ଷମତାକୁ ଫେରିବାକୁ ଲାଳାୟିତ ହୋଇନଥିଲେ । ସେ ଭଲଭାବେ ଜାଣିଥିଲେ ଯେ ସମାଜର ମୌଳିକ ପରିବର୍ତ୍ତନ କେବଳ ସମ୍ଭବପର ଲୋକେ ଦୁର୍ଦ୍ଦଶାର କାରଣ ଜାଣିଲେ ଓ ତାକୁ ବଦଳାଇବା ଲାଗି ସଂକଳ୍ପ କଲେ । ଆଜିର ରାଜନୈତିକ, ନୈତିକ ଓ ସାମାଜିକ ଅବକ୍ଷୟ ବଢ଼ି ବଢ଼ି ଚାଲିଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ପରି ନିରାଡ଼ମ୍ବର ଓ ଆଦର୍ଶଣୀୟ ନେତୃତ୍ୱକୁ ପ୍ରତିଟି ଓଡ଼ିଆ ଖୋଜୁଛନ୍ତି । ନବକୃଷ୍ଣ ଚୌଧୁରୀଙ୍କ ଦୃଷ୍ଟିଭଙ୍ଗୀ ଥିଲା ବେଶ୍ ସାଧାରଣ । ସମାଜର ତଳସ୍ତରର ଲୋକଙ୍କ ବିକାଶ ହେଲେ ସାମାଜିକ ବିଧିବ୍ୟବସ୍ଥା ସୁଦୃଢ଼ ହେବାସହ ଓଡ଼ିଶା ପ୍ରଗତିରେ ଆଗେଇ ପାରିବ ବୋଲି ସେ ବିଶ୍ୱାସ ରଖିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ମୋ : ୯୯୩୭୧୭୨୮୧୦

ସୁସ୍ଥତାର ମନ୍ତ୍ର

॥ ଡାକ୍ତର ପ୍ରଫୁଲ୍ଲ କୁମାର ଦାସ ॥

ବର୍ତ୍ତମାନ ଥଂଟା ଟିକିଏ ବଢ଼ିଛି । କେତେକଙ୍କ କ୍ଷେତ୍ରରେ ତଂଟି ପାଖରେ ଟିକେ ଦରଜ ହେଉଥାଏ । ମୁଣ୍ଡ ଭରା ଭରା ଲାଗେ । ନାଁ ଜ୍ୱର ନାହିଁ । କାଶ ବି ହେଉନି । କ'ଣ କରୋନା ହୋଇଗଲା କି ? ଏହି ଭୟ ଏବେ ବି ଅନେକଙ୍କ ଭିତରେ । ଭୟାବହ କରୋନାକୁ ମନେ ପକାଇ ଅନେକଙ୍କ ଭିତରେ ଏକ ପ୍ରକାର ଅହେତୁକ ଭୟ ଓ ନାନା ଆଶଙ୍କା ସବୁ ଘୁରି ବୁଲୁଛି । ବାସ୍ତବ ଯଦିଓ ତାହା ନୁହେଁ । କିନ୍ତୁ ଏହି ଭୟ କାରଣରୁ ଅନେକ ଲୋକ ମାନସିକ ଭାବେ ଅସୁସ୍ଥ ହୋଇପଡୁଛନ୍ତି । ମାନସିକ ସ୍ୱାସ୍ଥ୍ୟ ବିଗିଡ଼ିଗଲେ ଏହା ଶରୀର ପ୍ରତି ମଧ୍ୟ ନକାରାତ୍ମକ ପ୍ରଭାବ ପକାଇବ । ସବୁବେଳେ ଚାପରେ ରହିଲେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ବୋଲି ମଧ୍ୟ ଚିକିତ୍ସା ବିଜ୍ଞାନରେ ଉଲ୍ଲେଖ ରହିଛି । ତେଣୁ ଏଭଳି ପରିସ୍ଥିତିରେ ଆମ ସମସ୍ତଙ୍କୁ ଭୟ ଓ ଚାପମୁକ୍ତ ରହିବାକୁ ହେବ । ଭୟ ଓ ଚାପମୁକ୍ତ ରହିବା ପାଇଁ କହିଦେଲେ ଯେ ଜଣେ ସବୁ ପ୍ରକାର ଭୟ ଓ ଚାପରୁ ନିଜକୁ ମୁକ୍ତ କରିପାରିବ ସେ କଥା ବି ନୁହେଁ । ଚାପମୁକ୍ତ ରହିବା ଏକ ପ୍ରକାର କଳା । ଏହି କଳା ଆମକୁ ଆଜିଠୁ, ଏବେଠୁ ଶିଖିବାକୁ ହେବ । କରୋନା ନ ହୋଇ ମଧ୍ୟ କାଳେ ସଂକ୍ରମିତ ହୋଇଥିବାର ଭୟରୁ ଆମକୁ ଦୂରେଇ ରହିବାକୁ ହେବ । ଆମକୁ ସୁସ୍ଥତାର ମନ୍ତ୍ର ଜାଣିବାକୁ ହେବ । ଯଦି ଆମେ ମାନସିକ ସ୍ତରରେ ସୁସ୍ଥ ରହି ପାରିବା ତେବେ ସର୍ବପ୍ରଥମେ ଆସନ୍ତୁ ଆମେ ଈଶ୍ୱରଙ୍କ ଉପରେ ଭରସା ରଖିବା ।

ଭୂତାଣୁ ଆକ୍ରମଣ କୁ ବଂଚିବାକୁ ହେଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ନିହାତି ଆବଶ୍ୟକ । କିନ୍ତୁ ଆମ ଜୀବନଯାପନର ନାନା ସମସ୍ୟା କାରଣରୁ କ୍ରମଶଃ କମିବାରେ ଲାଗିଛି ମଣିଷର ରୋଗ ପ୍ରତିରୋଧକ କ୍ଷମତା । ରୋଗ ପ୍ରତିରୋଧକ ଶକ୍ତି ବଜାୟ ରଖିବା ପାଇଁ କେଉଁ ଅଭ୍ୟାସ ଗୁଡ଼ିକ ଉପରେ ଜୋର ଦେବା ଆବଶ୍ୟକ ଜାଣନ୍ତୁ । ପାଣି ପିଇବାରେ ଅନସୂଆମି କରନ୍ତୁ ନାହିଁ । ଶରୀରରେ ଜଳର ପରିମାଣ କମିଗଲେ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ କମିଯାଏ । ଶରୀରରେ ଜମା ହୋଇଥିବା ଜୀବାଣୁ, ଭୂତାଣୁ ମୂତ୍ର ସହିତ ବାହାରିଯାଆନ୍ତି । କିନ୍ତୁ ପାଣି ପିଇବା କମିଗଲେ ସେଗୁଡ଼ିକ ଶରୀରରୁ ସହଜରେ ବାହାରି ପାରନ୍ତି ନାହିଁ । ଆଉ ଏକ ଅଭ୍ୟାସ ଉପରେ ଗୁରୁତ୍ୱ ଦେବାକୁ ଭୁଲିବେ ନାହିଁ । ତାହା ହେଉଛି ନିୟମିତ ନିଦ୍ରା । ପ୍ରତିଦିନ ଭିନ୍ନ ଭିନ୍ନ ସମୟରେ ଶୋଇବା ଏବଂ ପର୍ଯ୍ୟାପ୍ତ ମାତ୍ରାରେ ନ ଶୋଇବା ନିଦ୍ରା ଯିବାର ଏହି ଦୁଇଟି ବଦଭ୍ୟାସକୁ ଛାଡ଼ିବାକୁ ହେବ । ଅନିୟମିତ ନିଦ୍ରା ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ନଷ୍ଟ କରେ ବୋଲି ଚିକିତ୍ସକମାନେ କୁହନ୍ତି । ସଠିକ ମାତ୍ରାରେ ନିଦ ନ ହେଲେ ଦୁର୍ବଳ ଅନୁଭବ ହୁଏ । ତେଣୁ ରୋଗ ସହିତ ମୁକାବିଲା କରିବାର କ୍ଷମତା ମଧ୍ୟ ପ୍ରଭାବିତ ହୋଇଥାଏ । ରୋଗ ପ୍ରତିରୋଧକ ଶକ୍ତି କମାଇବାରେ ଧୂମପାନର ଭୂମିକା ସବୁଠୁ ଅଧିକ । ତେଣୁ ଏହି କୁଅଭ୍ୟାସଗୁଡ଼ିକୁ ଆଜି ହିଁ ବିଦାୟ ଜଣାନ୍ତୁ । ଧୂମପାନ କରୁନଥିଲେ ମଧ୍ୟ ଯିଏ ଧୂମପାନ କରିଥିବେ ତାଙ୍କ ସଂସ୍ପର୍ଶରୁ ମଧ୍ୟ ଦୂରେଇ ରହିବାର ଅଭ୍ୟାସ ଗଢ଼ି ତୋଳନ୍ତୁ । ସବୁବେଳେ ଗୋଟିଏ ଜାଗାରେ ବସି ରହିବା ବଦଳରେ ଟିକେ ଚଲାବୁଲା କରିପାରିବେ । ଘର ଭିତରେ ହିଁ ନିଜ କାମ ନିଜେ କରିବାର ଅଭ୍ୟାସ ଆପଣାନ୍ତୁ । ନିଜ ପୋଷାକ ନିଜେ ସଫା କରନ୍ତୁ, ଶୁଖାନ୍ତୁ, ଇସ୍ତ୍ରୀ କରନ୍ତୁ । ଫଳରେ ଲଣ୍ଡ୍ରି ଯିବାର ଅଭ୍ୟାସ କମିବ । ଆଉ ଆପଣ ସେଇ ବାହାନାରେ ଟିକେ କାମ କରିପାରିବେ ଯାହା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ହେବ । ଉପସ୍ତାହରେ ଥରେ ଘର ଝଡ଼ା, ପୋଛା ଆଦି କରନ୍ତୁ । ଦେଖିବେ ଥକ୍କା ଲାଗିବ ନିଶ୍ଚୟ । କିନ୍ତୁ ଆପଣଙ୍କୁ ଶୋଷ ହେବ । ଭୋକ ବି ଭଲ କରି ଲାଗିବ । କାରଣ ଏସବୁ କାମ କଲାବେଳେ ଶରୀରରୁ ଝାଳ ତ ବାହାରିବ ନିଶ୍ଚୟ । ଶେଷରେ ରହିଲା ମନକୁ ହାଲୁକା ରଖିବାର ଅଭ୍ୟାସ ସୃଷ୍ଟି କରିବା । ମାନସିକ ଭାବେ ଚାପମୁକ୍ତ ରହିବାର ଅନେକ ଉପାୟ ଅଛି । ଯେଉଁ ଉପାୟଟି ଆପଣଙ୍କ ପାଇଁ ସହଜ ହେଉଛି ସେଇଟିକୁ ବାଛି ନିଅନ୍ତୁ ।

ଖାଦ୍ୟାଭ୍ୟାସରେ ଆଣନ୍ତୁ ପରିବର୍ତ୍ତନ । ତେଣୁ ଏହି ସମୟରେ ଖିଆପିଆ ଉପରେ ନଜର ଦେବା ନିହାତି ଆବଶ୍ୟକ । ବଢ଼ାଇବାକୁ ହେବ ରୋଗ ପ୍ରତିରୋଧକ କ୍ଷମତା । କ'ଣ ଖାଇବେ, କେଉଁ ଖାଦ୍ୟ ଏଡ଼ାଇ ଚାଲିବେ ଏସବୁ କଥା ଭୁଲିଗଲେ ଚଳିବ ନାହିଁ । ତେଣୁ ନିଜ ଶରୀରର ଆବଶ୍ୟକତା ଅନୁସାରେ ଆମକୁ ଡାଏଟ ମାନି ଚଳିବାକୁ ହେବ । ଡାଏଟିସିଆନ ଓ ନ୍ୟୁଟ୍ରିଶନିଷ୍ଟ ମାନଙ୍କ ଅନୁସାରେ ଯେଉଁ ମାନଙ୍କର ପେଟର ସମସ୍ୟା ରହିଛି ବା ଅତ୍ୟଧିକ ଏସିଡିଟି ଅଛି ସେମାନେ ଲେମ୍ବୁ, ଭିନେଗାର ମିଶିଥିବା ଖାଦ୍ୟ ଏଡାଇ ଚାଲନ୍ତୁ । ଯଦି ଭିଟାମିନ ସି ପାଇଁ ନିହାତି ଲେମ୍ବୁ ଖାଇବାକୁ ପଡୁଥାଏ ତେବେ ଡାଲିରେ ଲେମ୍ବୁ ରସ ମିଶାଇ ଖାଇପାରିବେ । କିନ୍ତୁ ଖାଲି ପେଟରେ ଆଦୌ ନୁହେଁ । ଫଳ, ପନିପରିବା, ଶାଗ ଆଦି ଅଧିକ ପରିମାଣରେ ଖାଇବାକୁ ହେବ । କେବଳ ଭିଟାମିନ ସପ୍ଲିମେଂଟ ଭାବରେ ମିଳୁଥିବା ଟାବଲେଟ ଗିଳିଦେଲେ ଯେ କାମ ସରିଲା ଏଭଳି ଭାବନାରୁ ନିବୃତ ରହିବାକୁ ହେବ । ଏମିତି ଖାଦ୍ୟ ଯେଉଁଥିରେ ଭିଟାମିନ ଏ, ସି, ଡି ଏବଂ ଜିଙ୍କ ରହିଛି ସେଗୁଡ଼ିକ ଖାଇବା ଉପରେ ଜୋର ଦିଅନ୍ତୁ । ଦହି, ଫଳ ଆଦି ଦେଇ ପାନୀୟ ତିଆରି କରି ପିଇପାରିବେ । ବାଦାମ, ବଟର ଆଦି ଅଳ୍ପ ଅଳ୍ପ କରି ଖିଆ ଯାଇପାରିବ । କେବଳ ଅଧିକ ପାଣି ପିଇଦେଲେ ଚଳିବ ନାହିଁ । ଅଦା, ଗୋଲମରିଚ ମିଶା ଚା, ଚିକେନ କିମ୍ବା ଭେଜିଟେବଲ ସୁପ, ଫଳରସ, ପଇଡ଼ ପାଣିକୁ ମଧ୍ୟ ଡାଏଟରେ ବାଧ୍ୟତାମୂଳକ ଭାବରେ ସାମିଲ କରନ୍ତୁ । ଅଧିକ ଦୁର୍ବଳ ଲାଗୁଥିଲେ ମଝିରେ ମଝିରେ ଗ୍ଲୁକୋଜ ଡି, ଇଲେକ୍ଟ୍ରୋଲାଇଟ ପାନୀୟ ମଧ୍ୟ ପିଇପାରିବେ । କୋଭିଡ୍ ସଂକ୍ରମିତ ହେବା ପରେ ଅନେକଙ୍କ ସ୍ୱାଦ ବାରିବାର କ୍ଷମତା ଚାଲିଯାଇଥାଏ । ତେଣୁ ଖାଇବାରେ ସମସ୍ୟା ହୋଇଥାଏ । ତେଣୁ ପାଟିକୁ ଭଲ ଲାଗିବ ବୋଲି ଅଧିକ ତେଲମସଲା ଦିଆ ଚଟାପଟ ଖାଦ୍ୟ ଖାଇଦେଲେ ଚଳିବ ବୋଲି ଯଦି କେହି ଭାବୁଥାନ୍ତି ତେବେ ସେହି ଭାବନାରୁ ଦୂରରେ ରୁହନ୍ତୁ । ଅଳ୍ପ ତେଲ ମସଲାରେ ମଧ୍ୟ ସୁଆଦିଆ ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ ।

ବର୍ତ୍ତମାନ ମଣିଷ ଚାହିଁଲେ ବି ଖୁସି ରହିପାରୁନାହିଁ । ଭୟର ବାତାବରଣ ଭିତରେ ଖୁସି ରହିବା ସମସ୍ତଙ୍କ ପକ୍ଷରେ ସହଜ ହୋଇନପାରେ । ଚିକିତ୍ସା ବିଜ୍ଞାନ ମଧ୍ୟ ଏକଥା ସ୍ୱୀକାର କରିଛି । ଯେ ଖୁସି ରହୁଥିବା ଲୋକମାନେ ଦୀର୍ଘାୟୁ ହୋଇଥାନ୍ତି । ଜାଣନ୍ତି କି ଯୋଗାସନ ମଣିଷକୁ ଖୁସି ରଖିବାରେ ବେଶ ସହାୟକ ହୋଇପାରିବ । ଏକଥା ମନୋବିତ୍‌ମାନେ ମଧ୍ୟ ଜୋର ଦେଇ କହୁଛନ୍ତି । ଆଧୁନିକ ଚିକିତ୍ସା ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରିଛି ଯେ ମଣିଷ ଖୁସିରେ ରହିବାକୁ ଚାହିଁଲେ ଯୋଗର ସହାୟତା ନିଆଯାଇପାରିବ । ତେବେ ସବୁ ଯୋଗମୁଦ୍ରା ନୁହେଁ, ବରଂ କେତୋଟି ନିର୍ଦ୍ଦିଷ୍ଟ ଯୋଗ ମଣିଷକୁ ଖୁସି ରଖିବାରେ ସହାୟକ ହୋଇପାରିବ । ପ୍ରାଣ ଯୋଗକୁ ଖୁସି ଏବଂ ଚାପମୁକ୍ତ ଜୀବନର ମୂଳମନ୍ତ୍ର କୁହାଯାଉଛି । ଏହି ଯୋଗମୁଦ୍ରାକୁ ନିୟମିତ ଅଭ୍ୟାସ କରିବା ଦ୍ୱାରା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ ସମସ୍ୟା ଦୂର ହେଉଥିବାର ପ୍ରମାଣ ମିଳିଛି । ତେବେ ଉଚ୍ଚ ରକ୍ତଚାପ ରୋଗୀମାନେ ଏହି ମୁଦ୍ରା ଅଭ୍ୟାସ କରିବା ପୂର୍ବରୁ ଚିକିତ୍ସକଙ୍କ ସହିତ ପରାମର୍ଶ କରିନେବା ଉଚିତ । ପ୍ରାଣଯୋଗ କରିବା ଦ୍ୱାରା କେବଳ ମନ ଚାପମୁକ୍ତ ରହେନାହିଁ ବରଂ ମନରେ ସକାରାତ୍ମକ ଭାବନା ସୃଷ୍ଟି ହୋଇଥାଏ ଓ ଏକାଗ୍ରତା ବଢ଼ିଥାଏ ।

ସାମଗ୍ରିକ ଭାବେ ସୁସ୍ଥ ରହିବାକୁ ହେଲେ ଯୋଗ ଓ ପ୍ରାଣାୟମ ଅଭ୍ୟାସ ଉପର ଗୁରୁତ୍ୱ ଦିଅନ୍ତୁ । ଜିମ ଯାଇ ବ୍ୟାୟାମ କଲେ ଯେ ସୁସ୍ଥ ରହିବେ ଏମିତି ନୁହେଁ । ନିୟମିତ ଭାବେ ଯୋଗାସନ କରିବା ଦ୍ୱାରା ଆପଣ ସୁସ୍ୱାସ୍ଥ୍ୟର ଅଧିକାରୀ ହୋଇପାରିବେ । ତେବେ ଯୋଗ କରିବା ପୂର୍ବରୁ କେତୋଟି କଥା ମନେ ରଖିବାକୁ ହେବ । ମନଇଚ୍ଛା ଯୋଗାଭ୍ୟାସ କରନ୍ତୁ ନାହିଁ । ୟୁଟ୍ୟୁବ କିମ୍ବା ହ୍ୱାଟସଆପ ଦେଖି ନିଜ ଇଚ୍ଛାନୁସାରେ ଯୋଗାସନ କରିବା ବି ଠିକ ନୁହେଁ । ଯୋଗାଭ୍ୟାସ କରିବା ଆଗରୁ ନିଜ ଶରୀରର ଗଠନ କିପରି ତାହା ବୁଝିବାକୁ ହେବ । ଘର ଭିତରେ ହିଁ ଆପଣ ଏହି ବ୍ୟାୟାମ କରିପାରିବେ । ହାଲୁକା ଗୀତ ଶୁଣି ଶୁଣି ବ୍ୟାୟାମ ଅଭ୍ୟାସ କରନ୍ତୁ । ଏରିବିମିକ ଏକ୍ସରସାଇଜ ସହଜରେ କରାଯାଇପାରିବ । ପ୍ରାଣାୟାମ କ୍ଷେତ୍ରରେ ବି ସେହି ଏକା ନିୟମ ଲାଗୁ ହୋଇଥାଏ । ମନଇଚ୍ଛା ନିଃଶ୍ୱାସ ପ୍ରଶ୍ୱାସ ନେବା ଛାଡ଼ିବା କେବେ ବି ପ୍ରାଣାୟାମ ହୋଇନପାରେ । ପ୍ରାଣାୟାମ କରିବାର ମଧ୍ୟ ଏକ ବିଧି ଅଛି । ସେହି ବିଧି ମାନି ପ୍ରାଣାୟାମ କଲେ ଲାଭ ମିଳିବ । ପ୍ରାଣାୟାମ କରିବା ପୂର୍ବରୁ ଡିପ ବ୍ରିଦିଂ ଏକ୍ସରସାଇଜ କରିପାରିବେ । ମନେ ରଖନ୍ତୁ ଗୋଟିଏ ଦିନରେ ଯୋଗ କି ପ୍ରାଣାୟାମ ଏକ୍ସପର୍ଟ ହେବା ଆଦୌ ସମ୍ଭବ ନୁହେଁ । କିନ୍ତୁ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଆପଣ ଆଜିଠାରୁ ହିଁ ଆପଣେଇ ପାରିବେ ବ୍ୟାୟାମ, ଯୋଗ ଓ ପ୍ରାଣାୟାମ । ସାରା ବିଶ୍ୱ ଜାଣି ସାରିଛି ଭାରତୀୟ ଯୋଗର ମହନୀୟତା ବିଷୟରେ । ତେଣୁ ଆପଣ କାହିଁକି ଏହି ଅଭ୍ୟାସର ଲାଭ ଉଠାଇବେ ନାହିଁ ?

କନସଲ୍‌ଟାଂଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ

ଶବ୍ଦ
ପୃଷ୍ଠା ସଂପାଦନା: କୃଷ୍ଣ କୁମାର ମହାନ୍ତି
ସାପ୍ତାହିକ ସାହିତ୍ୟ ଫର୍ଦ୍ଦ
ବାଲେଶ୍ୱର, ରବିବାର, ୨୩ ନଭେମ୍ବର ୨୦୨୫
ସେଇଠୁ ଆରମ୍ଭ

ଅଣୁଗଳ୍ପ : ଜିନାତମାମ୍ ଦର୍ଜୀ

ମଳୟ ଆଉ ନାଗଫେଣୀ

ଏବେ ଏବେ ସେ ଯୌବନରେ ପାଦ ଥାପିଥିଲା । ଯୌବନଗତ ଉନ୍ମାଦରେ ଉନ୍ମାଦିତ ହୋଇ ବେଶ୍ କିଛି ଆଗକୁ ଚାଲି ଆସିଥିଲା । ଏ ଭିତରେ ଅତିକ୍ରାନ୍ତ କରି ଆସିଥିଲା ଅନେକ ଆମ୍ରକୁଞ୍ଜ, ଯୁଲେଳିଗାଁ, ରୂପେଲି ନଈ, ଫୁଲ ଉଦ୍ୟାନ, ପଳାଶ ବନ, କର୍ଣ୍ଣ ପୋଖରୀ, ପ୍ରଶସ୍ତ ଜଙ୍ଗଲ, ଶାର୍ଦ୍ଦୂଳବଣ ଓ ବିସ୍ତୃତ ମାଳଭୂମି । ଏବେ ସେ ଅବଶ ହୋଇ ପଡିଥିଲା । ନିଃଶ୍ୱାସ ଫୁଲି ଉଠୁଥିଲା । ତଂଟି ଶୁଖି ଆସୁଥିଲା । ଲାଗୁଥିଲା ଏଠି ଉଡୁଥିବା ଧୂଳି ଝଡରେ ସେ ଅଣନିଶ୍ୱାସୀ ହୋଇ ପଡିବ । ସେ ଥମ୍ କିନା ବସି ପଡିଲା ।

ତାର ହଠାତ ମନେ ପଡିଲା - ଏ ବୋଧେ ସେଇ ଜାଗା ଯାହାକୁ ତା ଜେଜେ ମରୁଭୂମି ବୋଲି କହୁଥିଲେ । ମରିବା ଆଗରୁ ସେ ତାକୁ କହି ଯାଇଥିଲେ, "ଏଇଠୁ ବହୁତ ଦୂରରେ ମରୁଭୂମି ବୋଲି ଗୋଟେ ଜାଗା ଅଛି । ସେଠି ନ ଥାଏ କୌଣସି ଫୁଲ କି ନ ଥାଏ କୋଇଲିର କୁହୁ । ଖାଲି ଆଖି ପାଇବା ଯାଏ ଧୂସର ବାଲି ଆଉ କଂଟାବୁଦା.... ।"

ତାକୁ ଆଉ ଅବୁଝା ରହିଲାନି ଯେ ବୁଲୁ ବୁଲୁ ସେ ଖୁବ୍ ଆଗକୁ ଚାଲି ଆସିଛି । ମରୁଭୂମିକୁ ।

ହଠାତ ତାର କୋଇଲି କଥା ମନେ ପଡ଼ିବାକୁ ତା' ପାଟିରୁ 'ଆହାଃ...ମୋ.. କୁହୁ..' ବୋଲି ଏକ ଶିତ୍କାର ବାହାରି ପଡିଲା ।

ସେ ଅବସାଦ ରେ ଘେରିଗଲା ।

ହଠାତ ତା' ଆଖି ପଡିଲା ସାମ୍ନାରେ ଫୁଟି ଥିବା ଏକ ସୁନ୍ଦର ଫୁଲ ଉପରେ । ଅଦ୍ଭୁତ । ଅପୂର୍ବ । ବରଫ ଭଳି ଶୁଭ୍ର ପାଖୁଡା । ଦେଖିଦେବା କ୍ଷଣି ଆଖିରେ ଏକ ଶାନ୍ତି ଛାଇଯିବ । ଆଉ ହୃଦୟରେ ଭରିଯିବ ପବିତ୍ରତା । ବିଧାତା ଏଭଳି ଏମିତି ଏକ ଫୁଲ ଫୁଟେଇ ପାରେ! ଲୋକେ ସ୍ୱର୍ଗରେ ଯେଉଁ ପାରିଜାତ ନାମକ ଫୁଲ ଥାଏ ବୋଲି କୁହନ୍ତି ସେ କ'ଣ ଏଥିରୁ ବି ସୁନ୍ଦର ହୋଇଥିବ!

ଦେଖୁ ଦେଖୁ ଉଭାନ ହେଲା ତାର ସମସ୍ତ ଅବସାଦ । ମନ ପ୍ରଫୁଲ୍ଲତା ଫେରି ପାଇଲା ।

ସେ ମନେ ମନେ ଭାବିବାରେ ଲାଗିଲା, ସେ ଜୀବନରେ କେତେ କେତେ ଫୁଲକୁ ଭେଟିଛି ହେଲେ ଏତେ ସୁନ୍ଦର ଫୁଲ କାହିଁ କେବେ ତ ଦେଖି ନଥିଲା ।

ଜୀବନରେ ଗୋଲାପ, ଶିମିଳି, ପଳାଶ, ପଦ୍ମ, ଆଉ ଚନ୍ଦନ- ସେ ସମସ୍ତଙ୍କ ପ୍ରତି ଆକର୍ଷିତ ହୋଇଥିଲା । ଅନୁରାଗରେ ଅଧୀର ହୋଇ ଗଭୀର ଆଲିଙ୍ଗନରେ ଆବୋରି ନେଇ ସେଇ ମାନଙ୍କ କୋମଳ ତନୁରେ ଚୁମ୍ବନ ଆଙ୍କିଥିଲା । ଅଥଚ ଏମିତି ରୂପବତୀ ତ ସେମାନେ କେହି ନୁହନ୍ତି!

ଦେଖୁ ଦେଖୁ କାମଦେବଙ୍କ ପୁଷ୍ପ ତୀର ତା' ଛାତି ପାରି କରିଗଲା ।

ସେ ଅନୁଭବ କଲା ତା ମନରେ ଏ ଦୂରଦେଶୀ ଫୁଲଟି ପ୍ରତି ଏକ ସମ୍ମୋହନ ଜନ୍ମ ନେଇଛି ।

ସେ ଅଧୀର ହୋଇ ଉଠିଲା ତାକୁ ଏକ ଗଭୀର ଆଲିଙ୍ଗନରେ ଜାବୁଡି ଧରିବାକୁ । ଇଚ୍ଛା ହେଉଥିଲା ତା ଅଧର ପାନ କରି ଏ ମରୁ ତୃଷ୍ଣା ନିର୍ବାପିତ କରିବାକୁ । ତା ଗଳା କେବେଠୁ ଶୁଖି ଆସୁଛି ।

ସେ ପଚାରିଲା, "କିଏ ତୁମେ ସୁନ୍ଦରୀ ? କ'ଣ ତୁମର ନାଁ ?"

ଉତ୍ତର ଆସିଲା, "ନାଗଫେଣୀ ମୋ ନାଁ ପଥିକ । ଏ ମରୁଭୂମି ମୋ ଗାଁ ।"

"ଆଉ..ତୁମେ କିଏ ପଥିକ ?"

"ମୁଁ ? ମୁଁ ମଳୟ । ମଳୟ ପବନ । ଋତୁରାଜଙ୍କ ରାଜକୁମାର ।

ଦୂରର ଖଜୁରୀ ଗଛ ତଳୁ କିଏ ଜଣେ ଗାଇ ଉଠିଲା -

ଧରଣୀର ଏଇ ସୀମାରେ
ବାଦଳ ଚାଦର ଓଢ଼ୀ
ଜହ୍ନ-ତାରା ଯଆଡ଼ି ଘୁମେଇ
ଆରେ ଆସ.. ଆସ... ଆସ..
ଦେଖେଇଦବି ଆସ
ଏଇ ଗାଁରେ ଅଛି ଝିଅ ଜଣେ କେହି
ଆସିବାକୁ ଥିବା ପଥିକର ବାଟ ଚାହିଁ
ଆରେ...ଦେଖେଇଦବି ଆସ ।

ପଥିକ ଆଲିଙ୍ଗନ ପାଇଁ ହାତ ପ୍ରସାରିତ କରି ଆଗକୁ ଦ୍ରୁତ ଗତିରେ ବଢିଲା ବେଳେ, ହଠାତ ଯନ୍ତ୍ରଣାରେ ଚିତ୍କାର କରି ଉଠିଲା । ଏ କ'ଣ ? ଦେହ ସାରା କଂଟା ଗୋଡ଼ୁ! ଏ କି ଅଭଦ୍ରତା ? ଏ କି ପ୍ରକାର ବ୍ୟବହାର ? ରକ୍ତ ଧାର ଧାର ହୋଇ ଝରି ପଡୁଥିଲା ଭଗ୍ନ ହାଲୁଣଯାରେ । ପ୍ରଥମ ଥର ମଳୟ ଅନୁଭବ କରୁଥିଲା କଂଟା ଗୋଡ଼ର ଯନ୍ତ୍ରଣା । ସୁନ୍ଦରତାକୁ ନେଇ ଏତେ ଅହଂକାର ଏ ଦୂରଦେଶୀ ରୂପବତୀର ! ତା ମନରେ ଘୃଣା ଓ ରାଗ ଉଠିଲା ।

ଉତ୍‌କ୍ଷିପ୍ତ ହୋଇ କହିଲା, "ଏତେ ଅହଂକାର କ'ଣ ପାଇଁ ମରୁଭୂମି ସୁନ୍ଦରୀ ? ମୋ ପ୍ରେମର ପ୍ରତିକ୍ରିୟାରେ ଏ ଚୋଟ କାହିଁକି ? କାହିଁକି ଏପରି ଅପମାନନା ? ମୁଁ ଆଗରୁ ଅନେକ ସୁନ୍ଦରୀ ଫୁଲର ସାନିଧ୍ୟ ପାଇଛି । ସେମାନେ ନିସର୍ଗରେ ତାଙ୍କ ହୃଦୟ ସିଂହାସନରେ ସ୍ଥାନ ଦେଇଛନ୍ତି । ମୋ ଆଲିଙ୍ଗନରେ ନିଜକୁ ବିଭୋର ଦେଇ ଝଡି ପଡିଛନ୍ତି ଭୂମି କୋଳରେ । କିନ୍ତୁ କେହିବି ତୁମ ଭଳି ଅଭଦ୍ର ବ୍ୟବହାର କରି ନାହାନ୍ତି । ଯାକୁ କଣ ମୁଁ ରୂପର ଗର୍ବ ଭାବି ଫେରିଯିବି ?

ନାଗଫେଣୀ ଅଦୂରରେ ଉଠିଥିବା ଏକ ଧୂଳି ଝଡକୁ ଚାହିଁ ଗମ୍ଭୀର, ସ୍ଥିର ଅଥଚ ପତଳା ସ୍ୱରରେ କହିଲା, "ହେ ପରଦେଶୀ ରାଜକୁମାର ତୁମେ ସିନା କେଉଁଠି ଦିନରେ ଚୈତ୍ର ସହ ବାହୁଡ଼ି ଯିବ । ହେଲେ ମତେ ଆଗକୁ ବି ଖୁବ ଅପେକ୍ଷା କରିବାକୁ ହେବ । ଅନେକ ଗ୍ରୀଷ୍ମ ଅନେକ ପତ୍ରଝଡ଼ା ଦେଖିବାକୁ ହେବ । ଏଇ ଖରା ମାଡ଼ରେ ବି ଖେଳିବାକୁ ହେବ ଧୂଳି ସହ ଧୂଳିଖେଳ ।'

ମଳୟ ସେଇଠି ବୃତ୍ତାକାରରେ ଘୁରି ଘୁରି ଦେହ ତ୍ୟାଗ କଲା । ତା ଆତ୍ମା ପାଲଟି ଗଲା ସେଇ ମରୁଭୂମିର ଏକ ଧୂଳିବିନ୍ଦୁ । ସେଇ ଧୂଳି ବିନ୍ଦୁ ଜୋର୍‌ରେ ଆସି ବାଜେଇ ହେଲା ନାଗଫେଣୀର ଦେହରେ । ନାଗଫେଣୀ ଧୂଳିରେ ଜର୍ଜ୍ଜ ସନ୍ଧୁ ହୋଇ ଶିହରି ଉଠିଲା । ଆହୁରି... ଆହୁରି.... ଆଲିଙ୍ଗନ ପାଇଁ ଆତୁର ହୋଇ ହାତ କରିନେଲା ପ୍ରସାରିତ ।

ସୂର୍ଯ୍ୟ ମୁଣ୍ଡ ଉପରକୁ ଉଠି ଆସିଲା । ଖଜୁରୀ ଗଛର ଛାଇ ସବୁଠୁ ଛୋଟ ଦେଖା ଯାଉଥିଲା ।

♥ ବରପାଲି, ବରଗଡ଼,

୭୨ ଧାରାବାହିକ ଆଲୋଚନା

କଥାକାରଙ୍କ କଥା : ଡକ୍ଟର ମମତା ପ୍ରିୟଦର୍ଶିନୀ ସାହୁ

କଥାକାର ଅଶୋକ ଚନ୍ଦନ

ସାଂପ୍ରତିକ ମଣିଷର ଅସହାୟତା, ଶୂନ୍ୟତା ବୋଧ ଓ ଉଷ୍ମ ଆବେଗର ତୀବ୍ର ତାଡନାରେ ଯଶସ୍ୱୀ ଗାଳ୍ପିକ ଅଶୋକ ଚନ୍ଦନଙ୍କ ଗଳ୍ପ ସାହିତ୍ୟ ବେଶ୍ ଉଦ୍ଭାସିତ । ଜୀବନବାଦୀ ଦୃଷ୍ଟିକୋଣ, ପରିବେଶର ହୃଦୟସ୍ପର୍ଶୀ ଚିତ୍ରଣ, ଭାଷା ଓ ଶୈଳୀର ସ୍ୱାତନ୍ତ୍ର୍ୟ ତାଙ୍କ ଗଳ୍ପ ଗୁଡ଼ିକୁ କରିଛି ଅନୁଭବୀ ଏବଂ ଅନନ୍ୟ । ଅତି ବାସ୍ତବତାର ବିଶ୍ଳେଷଣ କରି ଭଲର ସବୁରୀ ଓଡ଼ିଆ ଗଳ୍ପ ସାହିତ୍ୟରେ ସେ ଆଣି ପାରିଥିଲେ ଏକ ନିଆରା ସ୍ୱାଦ । ମଣିଷ ଜୀବନର ନିତା ବାସ୍ତବତା ସଂପର୍କରେ ତାଙ୍କ ଗଳ୍ପର ସ୍ୱର ଉନ୍ମୋଚନ ହିଁ ଏହାକୁ ପ୍ରମାଣିତ କରେ ।

ଅସ୍ତିତ୍ୱବାଦର ଛାପ ତାଙ୍କ ଗଳ୍ପଗୁଡ଼ିକୁ କରିଛି ଶକ୍ତିଶାଳୀ । ବାକ୍ୟ ବିନ୍ୟାସ, ଚିତ୍ରକଳ୍ପର ପ୍ରୟୋଗ ମଧ୍ୟ ଗଳ୍ପଗୁଡ଼ିକୁ ଦେଇଛି ଜୀବନନିଷ୍ଠତାର ପରିଚୟ । 'ଅଶୋକ ଏବଂ ଅଶୋକ', 'ପୁନଶ୍ଚ ଅଶୋକ' ଭଳି ଦୁଇଟି ଉଚ୍ଚକୋଟୀର ଗଳ୍ପ ସଂକଳନରେ ରହିଛି ତାଙ୍କର ବହୁ ଗୁଡ଼ିଏ ଗଳ୍ପର ଅବୟବ । ଶୂନ୍ୟତାକୁ ମର୍ମେ ମର୍ମେ ଉପଲବ୍ଧି କରିହୁଏ ତାଙ୍କ ଏହି ଗଳ୍ପ ଗୁଡ଼ିକରେ । ତତ୍‌ସଙ୍ଗେ ସଙ୍ଗେ ମଣିଷର ଦେହଦାହର ଚିତ୍ରକୁ ମଧ୍ୟ ଅନୁଭବି ହୁଏ ।

'ବୃତ୍ତ ଭଙ୍ଗ' ଗଳ୍ପ ଆଧୁନିକ ଯୁଗ ଚେତନା ଓ ଜୀବନବୋଧର ଏକ ମନନଶୀଳ ପ୍ରତିବିମ୍ବ ଭାବରେ ବିଶେଷ ବକ୍ତବ୍ୟ ମୁଖର । ସାଂପ୍ରତିକ ମଣିଷର ଦୈହିକ ବାସ୍ତବତା, ଅଦୃଷ୍ଟ ଭାବାବେଗ, ବ୍ୟକ୍ତିମାନସର ସ୍ୱତନ୍ତ୍ର ଅନୁଭୂତିର ଉପାଦାନରେ ଏହା କୃଷିଦୀପ୍ତ । ଗଳ୍ପ ନାୟକ ଜଣେ ଜାରଜ ସନ୍ତାନ । ସେ ସ୍ୱୟଂ ଏକଥା ଡାଏରୀରେ ଲେଖେ-

'ମୁଁ ଏକ ଜାରଜ ସନ୍ତାନ ।'

ତେଣୁ ଏ ଭାବ ତାକୁ କରିଦେଇଛି ନିଃସଙ୍ଗ । ଦୁନିଆ ସମ୍ମୁଖରେ ଗଳ୍ପ ନାୟକ ଅବିନାଶ ବାବୁ ଏବଂ ସରିତା ଦେବୀଙ୍କ ପୁଅ । ମାତ୍ର ପରିବାରରେ ତା' ଚେହେରା କାହା ସହିତ ବି ମିଶେନି । ଏଇ ଭାବନା ଗଳ୍ପ ନାୟକର ଛାତି ଭିତରେ ଭରି ଦେଇଛି ଶୂନ୍ୟତା । ବିମର୍ଷିତ ବିଶ୍ୱାସ କବଳିତ କରିଛି ତାର ? ସମସ୍ତ ବେଦନାବନଯକୁ । ବାଇଶି ବର୍ଷର ଯୁବକ ମନେ କରିଛି ଜୀବନ ହେଉଛି ପ୍ରମ୍ ।

ଗଳ୍ପ ନାୟକର ଜୀବନ ପ୍ରତି ବୀତସ୍ପୃହ ଭାବନା ତାକୁ କରିଦେଇଛି ଆତ୍ମକେନ୍ଦ୍ରିକ । ଦୈହିକ ଉତ୍ତେଜନାରେ ଉତ୍ତେଜିତ ହୋଇ ସେ ଭୁଲିଛି ଶିଷ୍ଟାଚାର । ଏଇଠି ଗାଳ୍ପିକ ଶ୍ରୀ ଚନ୍ଦନ ମୂଲ୍ୟବୋଧର ଅବକ୍ଷୟକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି ।

'ବୃତ୍ତ ଭଙ୍ଗ' ଭଳି ଅଶୋକଙ୍କ ପ୍ରାୟତ୍ତ ଗଳ୍ପ ପ୍ରତୀକାତ୍ମକ, ସାଙ୍କେତିକ । ଫ୍ରଏଡୀୟ ଚିନ୍ତା ଓ ବେଦନା ପ୍ରବାହରେ ଅଭିବ୍ୟଞ୍ଜିତ । ମଣିଷ ମନର ସଂଗୁପ୍ତ ଭାବନାକୁ ଚିତ୍ରିତ କରିପାରିଥିବା ବାସ୍ତବଧର୍ମୀ କଥାବସ୍ତୁ । ଚରିତ୍ରମାନଙ୍କର ଚିତ୍ରଣ ବି ନିଆରା । ସେମାନଙ୍କ ମନ ଦରକର ଅନ୍ଧାରୀ ଇଲାକାକୁ ଗାଳ୍ପିକ ଟାଣି ଆଣିଛନ୍ତି ଭାବ ଭାବନା । ଦୈହିକ ଇଚ୍ଛା ବି ବାଦ୍ ଯାଇ ନାହିଁ । ଏ ଦୃଷ୍ଟିରୁ ଗାଳ୍ପିକ ଶ୍ରୀ ଚନ୍ଦନ ମନୋଦୟ ବି ପାଲଟି ଯାଇଛନ୍ତି ଅସ୍ତିତ୍ୱବାଦୀ ଜୀବନନିଷ୍ଠ ଗାଳ୍ପିକ ।

'ଅଶୋକ ଏବଂ ଅଶୋକ' ଗଳ୍ପ ସଂକଳନର ଆଉ ଏକ ଶକ୍ତିଶାଳୀ ଗଳ୍ପ ହେଉଛି 'ପ୍ରତ୍ନତାତ୍ତ୍ୱିକ' । ଗଳ୍ପ ନାୟକ ରମେଶ ମହାନ୍ତି ଜଣେ ପ୍ରତ୍ନତତ୍ତ୍ୱବିଦ୍ । ଗବେଷଣା କାର୍ଯ୍ୟରେ ସର୍ବଦା ମଗ୍ନ ରହିଥିବାରୁ ପତ୍ନୀ ସୁଲେଖା ହୋଇଛନ୍ତି ଅବହେଳିତ । ନିଃସଙ୍ଗ ପତ୍ନୀ ସୁଲେଖା ଦାମ୍ପତ୍ୟ ସୁଖରୁ ବଂଚିତ ହୋଇ ଭୋଗିଛନ୍ତି ଦୁଃଖ । ଆଧୁନିକ ଯୁଗରେ ମଣିଷ ପ୍ରତିଷ୍ଠା ଓ କର୍ତ୍ତବ୍ୟ ତାଡନାରେ ପରିବାରକୁ ଭୁଲିଯିବାର ନଜିର ରହିଅଛି ଏ ଗଳ୍ପରେ । ଗାଳ୍ପିକ ଅଶୋକଙ୍କ ଦୃଷ୍ଟି ଅଗୋଚରରୁ ମଣିଷର ଏ ସ୍ଥିତି ବାଦ୍ ଯାଇ ନାହିଁ । ପ୍ରଜ୍ଞା ଦୀପ୍ତ ଗାଳ୍ପିକଙ୍କ ବର୍ଣ୍ଣନା ପରିପାଟୀରେ ମଣିଷର ଅସହାୟତା ସୁନ୍ଦର ଭାବରେ ଚିତ୍ରିତ ହୋଇ ପାରିଛି ।

ସମଗ୍ର ଦିନ ସୁଲେଖା ନିର୍ଜନତାର ବକ୍ଷ ପରିପ୍ରେକ୍ଷା କରିଥାନ୍ତି ସ୍ୱାମୀ ରମେଶଙ୍କୁ । କିନ୍ତୁ ରମେଶ ଅଳ୍ପ ପଣରେ ସ୍ତ୍ରୀ ପ୍ରତି ଅବହେଳା ପ୍ରଦର୍ଶନ କରନ୍ତି । ସୁଲେଖାଙ୍କ ଭଗ୍ନ ଦାମ୍ପତ୍ୟ ଜୀବନକୁ ଗାଳ୍ପିକ ଅଶୋକ ଏକ ପୁରୁଣା ରାଜକୀୟ କାହାଣୀ ସହ ଯୋଡି ଦେଇ ଅତି ନିପୁଣ ଭାବରେ ସାଂପ୍ରତିକ ମଣିଷର ଜୀବନକୁ ବିଶ୍ଳେଷଣ କରିବାରେ ସମର୍ଥ ହୋଇପାରିଛନ୍ତି ।

ଗାଳ୍ପିକ ଅଶୋକଙ୍କ ଭାଷାର ଗାମ୍ଭୀର୍ଯ୍ୟ ପ୍ରତୀକାତ୍ମକ କରିଛି ଗଳ୍ପର ଭାବ ବିନ୍ୟାସକୁ । ସୁଲେଖାଙ୍କ ନିର୍ଜନତା, ଅନ୍ତଃଚେତନର ସଂଗୁପ୍ତ କାମନାର ଅବାରିତ ସ୍ୱର ଅତ୍ୟନ୍ତ ବୌଦ୍ଧିକତାର ସହ ପ୍ରକାଶିତ ହୋଇଛି । ଯାହାକି ଗଳ୍ପକୁ କରିଛି ଜୀବନ୍ତ ।

ସାଂପ୍ରତିକ ମଣିଷର ସାମାଜିକ ଜୀବନର ଧୂସରତା, ଶୂନ୍ୟତା, ଅସହାୟତାକୁ ପ୍ରତ୍ୟକ୍ଷ କରିହୁଏ ପ୍ରଥିତଯଶା ଗାଳ୍ପିକ ଅଶୋକ ଚନ୍ଦନଙ୍କ ଗଳ୍ପରେ । ଅଳ୍ପ ସମୟ ମଧ୍ୟରେ ସଂସାର ତ୍ୟାଗ ତାଙ୍କର ଏ ସାହିତ୍ୟ ପଥରେ ଆଣିଦେଲା ପୂର୍ଣ୍ଣଚ୍ଛେଦ । ମାତ୍ର ଯେତିକି ସମୟ ସେ ସାହିତ୍ୟରେ ମଗ୍ନ ଥିଲେ ସେତକ ଗଳ୍ପ ହିଁ ଓଡ଼ିଆ ସାହିତ୍ୟକୁ ପ୍ରଦାନ କଲା ନୂତନ ଦିଗ ଓ ବାଗ । ଓଡ଼ିଆ କଥା ସାହିତ୍ୟାକାଶରେ ସେ ଜଣେ ଅମଳିନ ଜ୍ୟୋତିଷ୍କ ଏକଥାରେ ଦ୍ୱିମତ ନାହିଁ ।

♥ ସହକାରୀ ପ୍ରଫେସର, ଓଡ଼ିଆ ବିଭାଗ, ଡକ୍ଟର ଚର୍ଣ୍ଣଚରଣ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନ, ସମ୍ବଲପୁର,
ଫୋନ: ୯୩୩୭୦୬୭୧୮୬

ପୁରୁଷ

ଶାଶ୍ୱତୀ ହୋତା

କେବେ ମୃଦୁ ସ୍ୱରେଇ
ତ କେବେ ରୁଷି ଯାଇ
କେବେ ଅଝଟ କରି
ପୁଣି ଦେଖେଇ ହୋଇ
ନାରୀଟିଏ ନିଜ ଭାବନାକୁ
ଅତି ସହଜରେ ବ୍ୟକ୍ତ କରି ଦେଇପାରେ ।
କିନ୍ତୁ ଜଣେ ପୁରୁଷ ?
ସେ ଅଧିକାଂଶ ସମୟ ନିଜ ଭାବନାକୁ
ମନ ଭିତରେ ଚାପି ରଖିଥାଏ ।
କଠୋର ଓ ଶକ୍ତ ଶରୀର ଭିତରେ
ଲୁଚି ରହିଥାଏ ତାର ମଧ୍ୟ
ଏକ ସୁକୋମଳ ହୃଦୟ....
ଯେଉଁଥିରେ ଭରିରହିଥାଏ
ଅନେକ ଇଚ୍ଛା ଓ ଅନୁମାରୀ ସ୍ୱପ୍ନ...
ଯାହାକୁ ସେ ଚିରି ଦେଇ
ପିଞ୍ଜି ଦେଇଥାଏ ଦାୟିତ୍ୱ ନାମକ ଗାତ ଭିତରେ ।
କେବେ ବାପା, ମାଆଙ୍କ ସମ୍ମାନ ରକ୍ଷା ପାଇଁ
ତ କେବେ ସ୍ତ୍ରୀର ଇଚ୍ଛା ପୂରଣ ପାଇଁ
କେବେ ସନ୍ତାନର ଖୁସି ପାଇଁ
ପୁଣି ଭବିଷ୍ୟତର ଚିନ୍ତାକୁ ନେଇ ...
ମୃତ ଇଚ୍ଛା ଓ ଭଙ୍ଗା ସ୍ୱପ୍ନ ଗୁଡ଼ିକର
କବାଖଲି ଦେଇ
ବାଁ[ଚାଲିଥାଏ ନିଜ ସମୟକୁ
ନିଃସ୍ୱାର୍ଥପର ଭାବରେ ।

♥ ସାଗୁନଭାଡ଼ି, କୁଆପଡ଼ା
ଫୋନ: ୮୪୫୬୨୯୦୫୬୪୩

ଦୃଶ୍ୟମାନ

କମଳାକାନ୍ତ ଲେଙ୍କା

ତମେ
ନସ୍ଥ ହେଲେ
କେମିତି ଦିଶ ?
ଉଦ୍‌ଭାସିତ
ସୌନ୍ଦର୍ଯ୍ୟର
ଅରଣ୍ୟ ପରି
ନା
ନିର୍ବାପିତ ନିଆଁର
ହତାଶ ପରି
ନା
ଅପଠଣ
ପଶମୁକ୍ତ ହେଲାବେଳେ
କବିର
ହୃଦୟ ପରି ! ♥

ଅଭୁଲା ହ୍ୟୁମାନ୍ ସାଗର

ରାଧାନାଥ ଦେ

ଆଜି ଭାରି ମନେ ପଡ଼େ ମୋର
ନୂଆ ନୂଆ କଲେଜ ଯିବାର ଦିନ,
ଅନେକ କଥା ରହିଛି
ସ୍ମୃତିର ପୃଷ୍ଠାରେ ହୋଇ ଚିହ୍ନ....॥୧॥

ସାଙ୍ଗମାନଙ୍କ ସହ ବସି ଗୀତ ଗାଇବାରେ
ଥାଏ ଏକ ନିଆରା ଅନୁଭୂତି,
ଯେସବୁ ଅନୁଭୂତି ଆହୁରି ଭଲ ଲାଗେ
ଯେତେବେଳେ ଜୀବନକୁ ମିଳିଯାଏ ଜଣେ ସାଥି ॥୨॥

ଲକ୍ଷ, ଲକ୍ଷ ପ୍ରେମୀ ଯୁଗଳଙ୍କୁ ଯିଏ ବାନ୍ଧିଥିଲା
ଗାଇ ମଧୁର ସ୍ୱରର ଗୀତି
କାହିଁ ଏମିତି କରିଲ ପ୍ରଭୁ
ଏତେ ଶିଘ୍ର ଲିଭିଲା ତାଙ୍କ ଜୀବନ ଜ୍ୟୋତି....॥୩॥

'ହ୍ୟୁମାନ୍ ସାଗର', ଭାଇ ତୁମେ ସଙ୍ଗୀତର ସମ୍ରାଟ ଥିଲ
ସମସ୍ତଙ୍କ ହୃଦୟର ସ୍ପନ୍ଦନ ଥିଲ
ଗୀତ ଗାଇ ଭଲ ପାଇବା କ'ଣ ଶିଖାଇ ଗଲ
କେମିତି ଏତେ ଜଲଦି ଚାଲିଗଲ...॥୪॥

♥ ଭୋଗରାଇ, ବାଲେଶ୍ୱର
ଫୋନ: ୮୫୯୬୯୩୧୬୧୫

ଅଣୁଗଳ୍ପ : ସଂଘମିତ୍ରା ପଣ୍ଡା

ଶୂନ୍ୟ ପସରା

ଏବ ଅଳସ ଅପରାହ୍ନ! ନଦୀତଟରେ ନିର୍ଜନତା ଘୋଟି ରହିଛି । ସିମେଣ୍ଟ ବେଞ୍ଚରେ ବସିଛନ୍ତି ବୃଦ୍ଧ ଦମ୍ପତି । ବାରମ୍ବାର ସେ ସମାନ ନମ୍ବରକୁ ଫୋନ୍ କରି ଚାଲିଛନ୍ତି । ସେପଟୁ କିଛି ଉତ୍ତର ନ ପାଇ ପୁନର୍ବାର ଫୋନ୍ କରିବାରୁ କେହି ଜଣେ ମନରେ ଥିବା ରାଗ ଅସନ୍ତୋଷ ଓ କ୍ଷୋଭର ଶବ୍ଦ ଫୋନ ଉଠାଇଲା । ଆପଣ ବଡ଼ ଅସୁବିଧାବାଦୀ ବୋଲି କହି ଆଉ କିଛି କହିବା ଆଗରୁ ବୃଦ୍ଧଲୋକ ଜଣକ କୋମଳ କଣ୍ଠରେ କହିଲେ : "ମୁଁ କ୍ଷମାପ୍ରାର୍ଥୀ ବାବୁ । ତୁଇଦିନ ହେଲା ତୁମେ ମୋ ଘରୁ ଫେରିକି ଯାଉଛ । ଦଶାବର୍ଷ ଆଜି ଆସ ଆଉ ଏପରି ଭୁଲ୍ ହେବନି । ଜାଣିକି ଏପରି କରିନି ବାବା । ପ୍ରଥମ ଦିନ ଗୋଟେ ଜରୁରୀ କାମ ରହିଗଲା । ଦ୍ୱିତୀୟ ଦିନ ମୋର ମେଡାଇକାର ଟାଇ ସରିଗଲା, ଆସିବା ବିଳମ୍ବ ହେବ ବୋଲି ଆଉ ଜଣାଇ ପାରିଲି ନାହିଁ । ତୁମେ ଆଜି ଆସ ଅଭିଯୋଗର ମହଜା ଦେବିନି ତୁମକୁ ।"

"ଆପଣ ବୃଦ୍ଧ ଜଲେ ହେଲେ ତିନିଦିନ ହେଲା ମୋତେ ସମୟ ଦେଉନାହାନ୍ତି । ଯେତେ ବିଳମ୍ବ ହେବ କମ୍ପାନୀରେ ମୋର ଖୋଡ ଖରାପ ହେବ । ପୁଣି ଥରେ ଏପରି ଭୁଲ ପାଇଁ କ୍ଷମା ମାଗୁଛି ବାବୁ ।" ହଉ ... ସେପଟୁ ପ୍ରତ୍ୟୁତ୍ତରଟେ ମିଳିଲା । ଏତିକିରେ ଉଭୟ ଫୋନ୍ ରଖିଲେ ।

ମନୋଜ ମନେ ମନେ ଭାବୁଥିଲା, ଏ ବିତ୍ତଶାଳୀ ଲୋକମାନେ ବଡ଼ ସୁବିଧାବାଦୀ । ସବୁବେଳେ ଅନ୍ୟର ଭାବନା ଶହ ଖେଳିବା ଏମାନଙ୍କ କାମ । ନିଜେ ସମୟ ଦେଉନାହାନ୍ତି କିନ୍ତୁ ଅନ୍ୟର ଅଭାବ, ଅସୁବିଧା ଅନୁଭବ କରିବା ଏମାନଙ୍କ ଭାବନାର ବାହାରେ । ସହରର ମଧ୍ୟଭାଗରେ ତିନି ମହଲା ଘର । ନିଶ୍ଚିତ ବଡ଼ ଉଦ୍ୟୋଗୀ କିମ୍ବା ରାଜନୈତିକ ପରିବାରର ଲୋକ ହୋଇଥିବେ । ଏଭଳି ଲୋକଙ୍କ କାମ ଆସିଲେ ମନଟା ଆପେ ଖଟା ଖଟା ହୋଇଯାଏ । ପରାଧୀନ ନାଗରିକଟିଏ ପରି ଚଳିବାକୁ ହୁଏ । ମାପିଚୁପି କଥା କହିବା, ତାଙ୍କ ଇଚ୍ଛା ମୁତାବକ ସମୟରେ ତାଙ୍କ ଘରକୁ ଯିବା । ଏସବୁ ଭାବିଲା ବେଳକୁ ମୁଣ୍ଡ ଆପେ ଆପେ ଜାମ୍ ହୋଇଯାଉଛି । ସମୟ ଦେଖିଲା ନଅଟା ବାଜିବ ଦ୍ରୁତ ନିତ୍ୟକର୍ମ ସାରିବା ଲାଗି ଚାଲିଗଲା । ଦଶଟା ଭିତରେ ଅଫିସରେ ପହଁଚି ପୂର୍ବଦିନର କାର୍ଯ୍ୟ ବିବରଣୀ ଦେବାର ଅଛି । ଆଜି ପାଇଁ ନୂତନ କାର୍ଯ୍ୟର ତାଲିକା ନେଇ ବାହାରକୁ ଯିବାର ଅଛି । ତା ସଙ୍ଗେ ଏ ପୁରୁଣା ମୁଣ୍ଡ ବଥା....

ସେଦିନ ଅନ୍ୟ କାମ ସବୁ ସାରି ଠିକ୍ ବୃଦ୍ଧଙ୍କ କହିବା ମୁତାବକ, ସାତଟାରେ ଆସି ତାଙ୍କ ଘର ଆଗରେ ହାଜର । ଏ କଣ ଦେଖୁଛି ସେ.....

ପୂର୍ବବାର ଫାଟକ ବନ୍ଦ ଅଛି । ରାଗ, ଅଭିମାନ, ହତାଶରେ ମୁଣ୍ଡରେ ହାତ ରଖିଲା । ନିଜକୁ ଯଥାସମ୍ଭବ ଶାନ୍ତ କରି ଫୋନ୍ କଲା । ଉତ୍ତର ଫେରିଲା: "କ୍ଷମା କର, ଟ୍ରାଫିକ୍‌ରେ ଅଛୁ । ଆସୁଛୁ ।" ଅବାଧ୍ୟ ପିଲାଟିଏ ଭଳି ଛିଡା ହୋଇ ରହିଲା ଘରର ଫାଟକ ସାମ୍ନାରେ ।

ପ୍ରାୟ ଅଧଘଣ୍ଟା ପରେ ପୁନଃ ଫୋନ୍ କରିବାକୁ ଆରମ୍ଭ କରୁଛି ସେହି ସମୟରେ ଗାଡିଟିଏ ଆସି ଲାଗିଲା ଫାଟକ ସାମ୍ନାରେ । ଉତ୍କଣ୍ଠାର ଶବ୍ଦ ବାହିଁ ରହିଲା । ଭିତରୁ ବାହାରିଲେ ଅତ୍ୟନ୍ତ ବୃଦ୍ଧ ଦମ୍ପତି । ବୃଦ୍ଧଜଣଙ୍କ ହାତରେ ସାହାରା ପାଇଁ ବାଡ଼ିଟିଏ ଧରିଥାନ୍ତି । ସେ କିଛି କହିବା ଆଗରୁ ବୃଦ୍ଧ ଜଣକ କହିଲେ, "ହାଲୋ ୟଙ୍ଗ୍ ମ୍ୟାନ..ୟୁ ଆର୍ ମନୋଜ!" ସେମାନଙ୍କୁ ଦେଖିବା ପରେ ମନୋଜର ମନରୁ ସବୁ ରାଗ-ଅଭିମାନ ଉଡ଼ିଗଲା ବଡ଼ୁରି ଗଲା । "ହଁ ଆଜ୍ଞା", ବୋଲି ସଂକ୍ଷିପ୍ତ ଉତ୍ତର ଦେଇ ଚୁପ୍ ରହିଲା । "ପ୍ଲିଜ୍ କମ୍ ଇନ୍‌ସାଇଡ୍ ଅସ୍ ।" ସେମାନଙ୍କ ପଛେ ପଛେ ଗଲା ମନୋଜ । ଡ୍ରାଇଭର ଭୁମର ଚାବି ଖୋଲି ଲାଇଟ୍ ଜଳାଇଲା । ତାପରେ ସମସ୍ତେ ଘର ଭିତରକୁ ଗଲେ ।

ଘର ଭିତରର ଦୃଶ୍ୟ କିଂକର୍ତ୍ତବ୍ୟବିମୂଢ଼ । ହତଚକିତ ହୋଇଗଲା ମନୋଜ । କୌଣସି ସାଜସଜ୍ଜା ନାହିଁ । ଯେଉଁ ଆଡେ ଦେଖିଲେ ମୋଟା ମୋଟା ବହି । ଡ୍ରେସ୍, ଜୋତା ଏଣେତେଣେ ପଡିଛି । କେବେଠାର ବଳକା ଖାଦ୍ୟ ଶହ ଅଇଁଠା ବାସନ ପଡିଛି ଟେବୁଲ୍ ଉପରେ । ନିଜ ଭାବନାକୁ ଚାପି ରଖି ଅନୁମତି ମାଗିଲା ସେ ଆସିଥିବା କାମ ପାଇଁ । ତାକୁ ଖରାପ ଥିବା ରେଫ୍ରିଜରେଟରଟି ଦେଖାଇଦେଇ ବୃଦ୍ଧ ଜଣକ ଲୁଗା ପାଲିଟିବାକୁ ଚାଲିଗଲେ । ବୃଦ୍ଧା ମହିଳା ଟେବୁଲ ସଫା କରୁକରୁ ସମସ୍ତଙ୍କ ଲାଗି ଚା' କରିବା ପାଇଁ ଗଲେ । ମନୋଜ କାମ ସାରି ମେସିନ୍ ଚଳାଇ ଦେଇ ବସିଲା । କିଛି ସମୟ ପରେ ସମସ୍ତେ ଆସିଗଲେ । ବୃଦ୍ଧା ଚା' ବିସ୍କୁଟ ଆଣି ପରଷିଲା ।



ବୃଦ୍ଧ ବ୍ୟକ୍ତି କଥା ଆରମ୍ଭ କଲେ । "ମନୋଜ ବାବୁ ତୁମେ ଆମ ଘର ଭିତରଟା ଦେଖି ବିସ୍ମିତ ହେଉଥିବ । କେମିତି ଘା ଭିତରେ ଦୁଇଜଣ ମଣିଷ ରହୁଛନ୍ତି ନିହାତି ଭାବୁଥିବ । ଜାଣନ୍ତି ମୋର ବୟସ ଅଠସ୍ତରି ବର୍ଷ, ମୋ ଧର୍ମପତ୍ନୀଙ୍କର ବୟସ ପଞ୍ଚସ୍ତରି ବର୍ଷ । ଆମେ ଉଭୟ ପେଶାରେ ଡାକ୍ତର । ସରକାରୀ ଚାକିରୀରୁ ସେବା ନିବୃତ୍ତ ହେଲା ପରେ ଗୁଡ଼ିଏ ଦେଶ ବୁଲିଲୁ । କିଛି ଦିନ ଘରୋଇ ମେଡିକାଲ୍‌ରେ କାମ କଲୁ । ଏବେ ବୟସ ସାଥ୍ ଦଉନି । ଗୋଟିଏ ପୁଅ ଏବେ ଆମେରିକାର ରହୁଛି । ସେ ଆଉ ଏଠିକି ଆସିବାକୁ ମନ କରୁନି । କାହିଁକି ବା ଆସିବ । ଆମେ ଗଲେ ସେଠି ରହିବା ପାଇଁ ଶାନ୍ତି ଲାଗୁନି । ତା ଆଉ ଆମ ଭିତରେ କିଛି ଭାବଗତ ସମ୍ପର୍କ ରହିଲା ନାହିଁ । ଚାକିରୀ ଜୀବନରେ କେହି ସାଙ୍ଗ ହୋଇ ରହି ପାରିଲୁ ନାହିଁ । ପାଞ୍ଚ ବର୍ଷ ବୟସରୁ ବୋର୍ଡିଙ୍ଗ ସ୍କୁଲରେ ପୁଅକୁ ଛାଡ଼ିଲୁ । ତା ଜୀବନ ଆରମ୍ଭ ହେଲା ସେଠାରୁ । ଆଗକୁ ମାଡ଼ି ଚାଲିଲା ଆମେ ଟଙ୍କା ଦେଇ ଚାଲିଲୁ, ତାର ସଫଳତା ଦେଖି ଖୁସି ହେଲୁ । ଅଧିକ ପାଠ ପଢ଼ିବା ପାଇଁ ୟୁରୋପ ଗଲା ସେ ତଲା ଆଉ ଫେରିବାର ନାଁ ଧରୁନି ।

ଏବେ ଏ ପରିଣତ ବୟସରେ, ଆମେ ଦୁହେଁ ପରସ୍ପର ପାଇଁ ବୋଝ ହୋଇଗଲୁଣି । କେତେବେଳେ କଣ ହେବ କହି ହବନି । ସବୁ ପାଇ କିଛି ହରିଯିବାର ଦୁଃଖ - ଏ ନିଃସଂଗତା - ଯେପରି ବାକି କିଛି ଦିନ ଉଣିବାର ଉପାଦାନ ହୋଇ ରହିଛନ୍ତି । ଏମିତି ଏକ ଜୀବନ ବଞ୍ଚିଛୁ ଯାହାର ସଂଜ୍ଞା ନାହିଁ କି ପରିଭାଷା ନାହିଁ । ସ୍ମୃତିର ବୋଝ ଦେହକୁ ବଢ଼ିଯାଉଛି ଭଳଟ ବିଷ ପରି । ଆମେ ଏଥିରୁ ନିଷ୍କୃତି ଚାହୁଁଛୁ - ମୁକ୍ତି ଚାହୁଁଛୁ । ଛାଡି ଚିରି କେହି ଆସି ଜାବି ପିଞ୍ଜି ଦିଅନ୍ତା ନାହିଁ ଏଇ ସ୍ମୃତିମାନଙ୍କୁ"...କହୁକହୁ ଛଳଛଳ ହୋଇ ଗଲେ ।

"ଏ ନିଃସଙ୍ଗତା ଓ ଅବସାଦରୁ ମୁକ୍ତି ପାଇବା ଲାଗି, ଆମେ ଦୁହେଁ ପ୍ରତିଦିନ ଗୋଟେ ଘରୋଇ ମେଡିକାଲ କଲେଜକୁ ଯାଉ । ସେଠାରେ ଅବୈତନିକ ଭାବେ କାର୍ଯ୍ୟ କରୁ । ଡାକ୍ତରୀ ଛାତ୍ରଛାତ୍ରୀମାନଙ୍କୁ ମଗଣାରେ ଶିକ୍ଷା ଦେଉ । ଆମର ଅନୁଭବ ତାଙ୍କ ସହ ବାଣ୍ଟୁ ।" ମଝିରେ ମଝିରେ ବୃଦ୍ଧ ଡାକ୍ତର ଭାବପ୍ରବଣ ହୋଇ ନିରବୀ ଯାଉଥିଲେ । ତାଙ୍କ ମୁହଁରୁ କଥା ଛଡେଇ ନେଇ ବୃଦ୍ଧା ଜଣକ ପୂରଣ କରୁଥିଲେ । ସେ କହିଲେ, "ସକାଳ ଅଠରୁ ରାତି ଅଠ ଯାଏଁ ଆମେ ସେଠାରେ ରହୁ । ସକାଳ ଜଳଖିଆ ବ୍ରେଡ୍, ଜାମ୍, କଫି । ରାତିରେ ରୁଟି ସବ୍‌ଜି । ଖରାବେଳେ ମେଡିକାଲ କ୍ୟା[ନରେ । କେତେବା ଆଉ ଖାଇବା ଏ ବୟସରେ ।"

କଥାରେ କଥାରେ ରାତି ନଅଟା ତିରିଶି ହେଲାଣି । ଡ୍ରାଇଭର ଘରକୁ ଯିବାକୁ ଅନୁମତି ମାଗିଲା । ତାକୁ ବିଦା କରିଦେଲେ ।

ମନୋଜ ଯିବାକୁ ଅନୁମତି ମାଗିଲା । ବାଧ୍ୟ କଲେ ତାଙ୍କ ଶହ ରାତ୍ରିଭୋଜନ ପାଇଁ ...

ବୃଦ୍ଧ ଦମ୍ପତି ବହୁତ ଦିନପରେ ଖୁସି କଣ ପାଉଥିଲେ । କଥାରେ କଥାରେ କହିଲେ ମନୋଜ ବାବୁ ଆପଣ କେବେ କେବେ ଟାଇମ୍ ହେଲେ ଆମ ଘରକୁ ବୁଲି ଆସନ୍ତୁ । କିଛି ମେଡିକାଲ ସମ୍ବନ୍ଧୀୟ ଦରକାର ହେଲେ ମନେପକାଇବେ ଆମକୁ ।

ଭବିଷ୍ୟତ କଥା ଭାବିଭାବି ଉଭୟ ଦମ୍ପତିଙ୍କ ଠାରୁ ବିଦାୟ ନେଲା ମନୋଜ । ଜନଶୂନ୍ୟ ରାସ୍ତା । ଆକାଶକୁ ଗ୍ରାସ କରି ଗିଳି ଯାଉଛି ଅନ୍ଧାର । ରାତିର ଦେହରୁ ଚିରିଚିରି ପଡୁଥିବା ଜାକିର ବର୍ଷାରେ ସମଗ୍ର ସହର ଧୋଇ ହୋଇ ଯାଉଛି । ସେ ଏକ ଅଜଣା ଆତଙ୍କରେ ଶୂନ୍ୟ ଆକାଶକୁ ଚାହିଁ ଭାବୁଥିଲା ଅମାପ ଧନ, ସମ୍ପତ୍ତି, ଟଙ୍କା, ସୁନା, ବଙ୍ଗଳା, ଗାଡି, ସବୁ ପ୍ରକାର ପ୍ରାଚୁର୍ଯ୍ୟ ଭିତରେ ବି କେତେ ନିଃସଙ୍ଗ ଜୀବନ ଜିଉଁଛନ୍ତି ଏ ମଣିଷମାନେ । ବାହାର ଦୁନିଆ ଲୋକେ ଏମାନଙ୍କ ପାର୍ଥିବବସ୍ତୁ ଗୁଡିକ ଦେଖି ଖୁବ୍‌ଖୁସି ହେଉଥିବେ । ଏମାନଙ୍କ ଅନ୍ତର ତଳର ଦୁଃଖ ଦେଖିବାକୁ କାହାରି ପାଖରେ ସମୟ ନାହିଁ ।

ଭଗବାନଙ୍କ ନିକଟରେ ଉଭୟଙ୍କ ମଙ୍ଗଳ କାମନା କରି ବାଟ ଚାଲିଲା ମନୋଜ ...

♥ ମାନପୁର, ଓଡ଼ିଶା,
ତସ୍ମଳପୁର, ଯାଜପୁର-୭୫୫୦୦୮
ଫୋନ: ୮୪୮୦୪୬୭୫୪୬

ପ୍ରାୟୋଗିକ ସମୀକ୍ଷା-୭

କବି ଶ୍ରୀଦେବଙ୍କ କବିତା 'ମଲାଭାତ'

ଡକ୍ଟର ବିଶ୍ୱରଂଜନ ଦାସ

▸▸ କବିତା: ମଲାଭାତ

▸▸ କବି: ଶ୍ରୀଦେବ

▸▸ ପ୍ରକାଶନ: 'ରେବତୀ', ଅକ୍ଟୋବର ୨୦୨୫

ଉତ୍ତର ଆଧୁନିକ ଓଡ଼ିଆ କବିତାରେ ଲୋକଭାଷାର ପ୍ରୟୋଗ ଓ କୃଷିସଂସ୍କୃତିଭିତ୍ତିକ ସର୍ଜନଶୀଳ କାରିଗରି ନିର୍ମାଣରେ କବି ଶ୍ରୀଦେବଙ୍କର ରହିଛି ଅନୁପମ ସ୍ୱାକ୍ଷର । ପୂର୍ବରୁ ତାଙ୍କର 'ବାଣବାସ' କବିତା ସଙ୍କଳନ ପଢ଼ିଥିଲି ଏବଂ ମୋ ରଚିତ ଗବେଷଣାଧର୍ମୀ ଗ୍ରନ୍ଥରେ ତା'ର ଏକ ସୁବିସ୍ତୃତ ଆଲୋଚନା ମଧ୍ୟ କରିଥିଲି । ଚଳିତ ପ୍ରକାଶିତ 'ରେବତୀ' ପତ୍ରିକାରୁ ତାଙ୍କର 'ମଲାଭାତ' ଶୀର୍ଷକରେ ଏକ ଭାବୋଦ୍ଦୀପକ କବିତା ପଢ଼ିବାର ସୁଯୋଗ ମିଳିଲା । ଗ୍ରାମ୍ୟଜୀବନ-ନିର୍ମିତ ଏ କବିତାଟିରେ ଓଡ଼ିଶାର ଅଭାବୀ ଚାଷୀର ଦୁଃଖ, ଭୋକ, ଯାତନା ଓ ମନରେ ମହାମାରୀର ଆଶଙ୍କା ସମ୍ବେଦନଶୀଳ ଭାଷାରେ ହୋଇଛି ରୂପାୟିତ । ଦୁର୍ଦ୍ଦଶାଗ୍ରସ୍ତ ଜୀବନର ଅକପଟ ସାଧନା ଓ ଆତ୍ମତ୍ୟାଗ ହେଉଛି ଚାଷୀ ଆତ୍ମାର ଆହୁତି । କବିତାର 'Mythic Subtext' ଫକୀରମୋହନଙ୍କ ବହୁଚର୍ଚ୍ଚିତ 'ରାଣ୍ଡିପୁଅ ଅନନ୍ତା' ଗଳ୍ପ ନିର୍ଭର । ଭୋକ ଓ ଅଭାବ ସେଦିନ ସିନା ଗାଁର ଗରିବ ରାଣ୍ଡି ମା'ର ପୁଅ ଅନନ୍ତା ଠାରେ ଦୁଷ୍ଟ ସ୍ୱଭାବ ସୃଷ୍ଟି ଘଟାଇଥିଲା, ହେଲେ ଏକ 'innocent sufferer' ରୂପେ ସେ ପୁଣି ବିପତ୍ତିରୁ ଗାଁ ମାଟିକୁ ମୁକୁଳାଇବା ପାଇଁ ନିଜ ଜୀବନ ସମର୍ପି ଦେଇଥିଲା । କବି ଶ୍ରୀଦେବ ଏଠାରେ ଅନନ୍ତାକୁ 'Individual Tragic' ଚରିତ୍ର ରୂପେ ନୁହେଁ, ବରଂ ସାମୁଦାୟିକ ପ୍ରୀଡ଼ାତ୍ମକତାର ପ୍ରତିନିଧି କରି ଛିଡ଼ା କରାଇଛନ୍ତି ।

କବିତାରେ ଅନନ୍ତା ଓଡ଼ିଆ ଚାଷୀଜୀବନର ଏକ 'Collective Myth', ଯିଏ ମା' ଓ ଗାଁର ପରମ୍ପରାସ୍ଥ ମିଶ୍ରିତ ଜୀବନ ପ୍ରାଣବେଦୀରେ ନିଜକୁ ଆହୁତି ଦେଇ ଚାଲିଛି । ଏଣୁ, ଫକୀରମୋହନଙ୍କ ସାମାଜିକ ସମସ୍ୟା ଚିତ୍ରଣର ପରିଧିରେ କବି ଶ୍ରୀଦେବ ସାଂପ୍ରତିକ ସମସ୍ୟାର ମିଥିକ୍-ସାଧୁତାର ପ୍ରତିସ୍ଥାପନ କରିଛନ୍ତି । ଅନନ୍ତା ଏକ ଦୁଃଖୀ ଓ ନିରାଶ କଳଙ୍କିତ ଚଷାପୁଅ । ସାମାଜିକ ଅନ୍ୟାୟର ଶିକାର ହୋଇ ଆସୁଥିବା ସେ ନିରୁପ ଗ୍ରାମୀଣ ଆତ୍ମାର ପ୍ରତିନିଧି । ଗାଁ ଲୋକଙ୍କ ଦୃଷ୍ଟିରେ ହୁଏତ ଅଶୁଭ, ହେଲେ କବିଦୃଷ୍ଟିରେ ସେ ନିହାତି ଶୁଭଙ୍କର । ଦୁଃଖର ଶେଷ ମୃତ୍ୟୁରେ, ଓଡ଼ିଆ ମାଟି, ଧାନ ଓ ଲୋକର ସଂଯୁକ୍ତ ଏକାତ୍ମତାରେ । ଗାଁ ମା'ର ଦୁଃଖକୁ ସ୍ୱଜାୟ ଅଭିଶାପ ରୂପେ ଚିତ୍ରଣ କରିବାକୁ ଯାଇ କବି ଲେଖିଛନ୍ତି- 'କଳିକାଳ ବାହୁଡ଼ିଲା' ଏବଂ ଅନନ୍ତା ମା' 'ପାଣି ଆଞ୍ଜୁଳାରେ ମୁହଁ ଧୋଇବା' ଏକ ପରିଶୁଦ୍ଧ ପରମ୍ପରାର ଦ୍ୟୋତନା । ଚାଷୀର ଖୁଧା ଓ ସହନଶୀଳ-ମୃତ୍ୟୁ ହେଉଛି ଏକ ପୁନର୍ଜନ୍ମ, ଯିଏ ପ୍ରତିଟି ଧାନଗଛରେ ଓ ପ୍ରତିଟି ମାଟିକଣାରେ ଅନନ୍ତା ହେଇ ଜିଇଁଉଠେ । ଏଣୁ ଫକୀରମୋହନଙ୍କ 'ଅନନ୍ତା' କାହାଣୀ ଯଦି ଉନବିଂଶ ଶତକର ସତ୍ୟ ଓ ବାସ୍ତବତା ଆଧାରିତ ହୁଏ, ଶ୍ରୀଦେବଙ୍କ 'ମଲାଭାତ' କବିତା ହେଉଛି ଏକବିଂଶ ଶତକର ଏକ ସତ୍ୟସିଦ୍ଧ ଜୀବନ୍ତ ମିଥ୍, ଯିଏ ଅମର ହୋଇ ଗାଁର ଆତ୍ମାରେ ପୁଣି ବସବାସ କରେ ଓ ମାନସିକ ଭାବେ ତା'ର ସ୍ଥିତାବସ୍ଥା ଜୀବନ୍ତ ରୁହେ ।

'ମଲାଭାତ' ହେଉଛି କଳା ରଙ୍ଗର ମରିଯାଇଥିବା ଚାଉଳ ଫୁଟାଭାତ । ଏହା ଭୋକିଲା ଚଷାପୁଅ ପାଇଁ ମହାପ୍ରସାଦ ସଦୃଶ, ଯାହା ଏକାଧାରରେ ଭୋକ ଓ ଭକ୍ତି ସମନ୍ୱିତ । ଗାଁ ଲୋକଙ୍କ ହାଇଜି, ମହାମାରୀ ଓ ଦୁର୍ଭିକ୍ଷ ଏକ ଏକ ମନସ୍ତାତ୍ତ୍ୱିକ ଭୀତି ଓ ଏହା ଆତ୍ମିକ ଭାବେ ସମୂହ ଦୁଃଖ ପ୍ରକଟ କରେ । ଗାଁର ସରଳ କୃଷିଜୀବୀ ମଣିଷ ନିଜ ଅସହାୟତାକୁ ଧର୍ମ, କଳିଯୁଗ ଓ ପାପ ସହିତ ମିଶାଇ ବରଦାସ୍ତ କରିନିଅନ୍ତି ।

ଶ୍ରୀଦେବଙ୍କ କବିତା ପଢ଼ିଦେଲେ ବାରି ହେଇପଡ଼େ ସ୍ୱତନ୍ତ୍ର କାବ୍ୟ କଥନର ଶୈଳୀ । ଚଷା ଓ ଚାଷର କଥା-ନଥା ପରି ପ୍ରୋକ୍ତ କବିତାର ଅଙ୍ଗବାଡିରେ ନିକ୍ଷକ ଗ୍ରାମୀଣ ଓଡ଼ିଆ ଶବ୍ଦ ବ୍ୟବହୃତ; ଯଥା- 'ଆଦଥାଦ', 'ପଣପଣ', 'କାଙ୍ଖେଇ', 'ମଲାପୋକଟେ' ଇତ୍ୟାଦି । ଏଗୁଡ଼ିକ ଗ୍ରାମଜୀବନକୁ ଶବ୍ଦଗାରିରେ ଭୂମିସ୍ପର୍ଶୀ କରାଏ । ଏହା 'Sence of aesthetic as well as emotional device'- ଯାହା କୃଷିମଣିଷ ଅଭ୍ୟନ୍ତରର ଭୋକ, ମୃତ୍ୟୁ ଓ ଭୟକୁ ଶବ୍ଦରୂପ ଦିଏ । କାରଣ, କବିତା ଗବେଷଣାଧାୟୀ ନୁହେଁ; ଏହା ଏକ 'Flowing Narrative Lyric', ଗାଁ ମଣିଷର ମୁହଁରୁ ଝୁରୁଥିବା ଗାଥା ସଦୃଶ । କବିତାର ପ୍ରାରମ୍ଭରେ ଭାଗବତ ଶ୍ଳୋକ ଏକ ଚିରନ୍ତନ ସତ୍ୟବାର୍ତ୍ତା ଓ ଅପରିମିତ ଦୁଃଖର ଆଧିଦୈବିକ ପ୍ରବୋଧନା ।

ସୁତରାଂ, 'ମଲାଭାତ' ଚାଷୀର ଜୀବନଚର୍ଯ୍ୟା, ଏକ ତ୍ୟାଗପୂତ ଆର୍କିଟାଇପ୍ । ମାଟିରେ ପରିତ୍ୟକ୍ତ ହୋଇ ପଡ଼ି ରହିଥିବା ଚାଉଳ ବି ଉପାସିଆ ମଣିଷ ପାଇଁ ଦାନାର ସମାନ ହୁଏ । ଇତିପୂର୍ବରୁ ଓଡ଼ିଆ କବିତାରେ ଓଡ଼ିଶାର କୃଷି-କୃଷକର ଯେତେ ଦୈନ୍ୟ ଚିତ୍ର ଦିଆଯାଇଛି, ତନ୍ମଧ୍ୟରେ କବି ଶ୍ରୀଦେବଙ୍କ 'ମଲାଭାତ' ଭିନ୍ନ ଏକ ନୂଆଦିଗ ଉନ୍ମୋଚନ କରେ । କବି ଭୋକକୁ ଧର୍ମ ଭାବରେ, ଦୁଃଖକୁ ମିଥ୍ ଭାବରେ ଓ ମୃତ୍ୟୁକୁ ପାରତ୍ରିକବୋଧରେ ପରିଣତ କରିଛନ୍ତି । ଏହା ଗାଁର ଦୁଃଖଗାଥା, ମାନବିକ ସମ୍ବେଦନାର ଆତ୍ମିକ ସ୍ମୃତି ଏବଂ ମା-ମାଟି-ଭୋକ-ମୃତ୍ୟୁର ଚିରନ୍ତନ ଜାକୃତି ।

♥ ବିଭାଗ ମୁଖ୍ୟ ଅଧ୍ୟାପକ, ଓଡ଼ିଆ
ବିଏନ୍‌ଏମ୍‌ଏ କଲେଜ, ପାଲିଆବିନ୍ଧା, ଭଦ୍ରକ,
ଫୋନ: ୬୩୭୬୧୪୩୦୫୬୩

ମଲାଭାତ

ଶ୍ରୀଦେବ

'ଯେବନ କୃଷିକାରୀ ଜନେ, ଅନୁବସର କରଣଣେ ।
ଯେ ତୃଣ ଗୁଳ୍ମଲତା ଆଦି, ନିଃଶେଷେ ନପାରନ୍ତି ଛେଦି ।'
- ଜଗନ୍ନାଥ ଭାଗବତ, ୪ର୍ଥ ।

ଥାକିଏ ଫୁଟାଭାତ
ଛିଟିକି ପଡ଼ିଲା ହାଣ୍ଡିଶାଳଯାକ ।
\+ \+ \+
ଅଗାଡ଼ି ବିଡ଼ା ଆଦଥାଦ ଧାନ କିଆରୀରେ ।
ପଣିତିରେ ପଣପଣ । ତେଣେ
ଫୁଲ ଫୁଟୁନଥିବା ଗର୍ଭବତୀ ଧାନଗଛ କାନ୍ଦୁଥା'ନ୍ତି
ଆମ ଗଡିର ବିଲରେ ।
ରାତିଦିନ କାନେଇଥାଏ ବାଣ୍ଟୀ, ଅନେଇଥାଏ ଆଖି ।

ମୁହଁ ଅନ୍ଧାରରେ କାଙ୍ଖେଇ ଗଗରେ ପାଣି
ଆମ ବାଡ଼ି ଧାନକିଆରୀରେ କିଏ ସେ ସିଂଚି
ବାଟି ପାରନଥିବା ପାଳେ ଓଡ଼ଣା ଟାଣି ।
ସାହିଯାକ ପଡ଼ିଶା ଲୋକ ହାଉଳୁଥା'ନ୍ତି:
ଧାର୍ଷ୍ଟ୍ୟାସ ହୋ ! ଅନନ୍ତା ଘରେ ଡାହାଣୀ !

ଗଲଛଡ଼ିଟିରେ
ଆମ ଗାଁ ରାଣ୍ଡିପୁଅ ଅନନ୍ତା ଦାନ୍ତ ମାଜୁଛି ।
ଏକଳ ସେକଳ ଭୋକଜାଳାରେ ଉଡିର ସେ
ବୁଢ଼ୁବୁଢ଼ୁଟାରେ ହାତ ଖସିପଡ଼ିଲା କଳା ମଟମଟ
ମଲାପୋକଟେ !
ମଥା ଅନନ୍ତା ପାଣି ଅଞ୍ଜୁଳେରେ ଧୋଇଦେଲା ତା' ମୁହଁ
ବିଲ୍ଲେଇ ଉଠିଲେ ସାହିଯାକ
କେଉଁଠୁ ପଶେଣି ଲୋ ସେଟା, 'ମଲାଭାତ' ଖିଆଟେ!

ଦୁରି ପଡ଼ିଗଲା ଗାଁ ଯାକ,
ହାଉଳି ଖାଇ କେଉଁରା କାଉଣା ବାନ୍ଧିଲା:
ଗୀତରେ ଗପ: ଅନନ୍ତାଟା ଆହା ଚାଲିଗଲା-
ଏବେ ବାହୁଡ଼ିଲା କଳିକାଳ
କଳିକାଳ ବାହୁଡ଼ିଲା ।

ଚିରାଚାଲିଲା ନିମଗଛି
ଭଜନ କୀର୍ତ୍ତନ ମୃଦଙ୍ଗ ଗିନି
ହରିନାମରେ ରାତି ସରିଲା
ଭେଣ୍ଡିଆ ଅନନ୍ତା ଚାଲିଗଲା
ଦହରେ ପାଣି ଶୁଖିଗଲା ।
ମଲାହାଣ୍ଡି ପଡ଼ିଲା ଗାଁ ସେ ପଟେ, ଉତ୍ତର କବାଟେ ।
ମହାମାରୀ ବ୍ୟାପିଲା ଦଶଖଣ୍ଡ ମୁଲକେ ।
ଧାନ ଆମ ଆହା ଅଗାଡ଼ି ହେଲା,
ଢଳିଲା ପେଣ୍ଡରୀ କର୍ଣ୍ଣଫୁଲ
ବାଡ଼ିବସିବା ମଲ୍ଲୀଙ୍କ ଆସୁଛ
ଧୁତୁରାଫୁଲର ଡାକ୍ଷ ଭେଶ
ଖାଇ ଯେବେଇ, ଆକାଶ ଅନ୍ଧାର ହେଲା ।

ସାରଗ୍ଯ, ଛକ ଛକରେ ବସି କାନ୍ଦୁଥା'ନ୍ତି ଯେତେ ଚଷାପୁଅ
ଚୌବଣି ସେପଟେ ଅନନ୍ତା ମାଆର ସ୍ୱର । କୁନ ସମୁଦ୍ର ।
ଗାଁର-
ବଂଚିଥିବା ବାକି ପିଲାଏ ଦୌଡ଼ୁଛନ୍ତି ଭା' ଗା' ହେଇ:
ଭୋକ ଭୋକ । ଦୁର୍ଭିକ୍ଷ ଦୁର୍ଭିକ୍ଷ ।
ଅବଶ୍ୟ, ଧାନରୁ ଅଗାଡ଼ି ବାଛିବାକୁ
କୁଲାଟେ ଯଥେଷ୍ଟ ।
\+ \+ \+
ଛିଟିକି ପଡ଼ିଲା ଥାକିଏ 'ମଲାଭାତ'
ହାଣ୍ଡିଶାଳ ଯାକ ।

♥ ସମ୍ପାଦକ: 'ଚନ୍ଦ୍ରଭାଗା', ମୋତିଗଞ୍ଜ,
ବାଲେଶ୍ୱର-୩, ଫୋନ: ୯୪୩୭୧୨୩୮୨୩

ଜିଲ୍ଲା ପରାମର୍ଶଦାତା କମିଟି ପିସିପି ଏନଡିଟିର ତୃତୀୟ ବୈଠକ ଅନୁଷ୍ଠିତ

ରାୟଗଡ଼ା, ୨୨/୧୧ (ଆ.ପ୍ର) : ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ଜିଲ୍ଲା ପରାମର୍ଶଦାତା କମିଟି ପିସିପିଏନ ଡିଟିର ତୃତୀୟ ବୈଠକ। ଏହି ବୈଠକରେ ଜିଲ୍ଲାରେ ଥିବା ସମସ୍ତ ଅଲଟ୍ରାସାଉଣ୍ଡ କେନ୍ଦ୍ର ଗୁଡ଼ିକୁ ନିୟମିତ ଯାଂଚ କରାଯିବା ସହ ବେଆଇନ କ୍ଲିନିକ୍ ଗୁଡ଼ିକୁ ଉପରେ ଚଢ଼ାଉ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ। ଏହା ସହିତ ଲିଙ୍ଗ ନିରୂପଣ ନିଷେଧ ଆଇନ ଓ ଇନଫର୍ମର ଇନସେନଟିଭ ସ୍କିମର ଉପରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରାଯିବାକୁ ଗୁରୁତ୍ୱ ଦିଆଯାଇଛି। ଏହି ଇନଫର୍ମର ଇନସେନଟିଭ ସ୍କିମରେ ଯଦି କେହି ଲିଙ୍ଗ ନିରୂପଣ କରୁଥିବା ଅଲଟ୍ରାସାଉଣ୍ଡ କେନ୍ଦ୍ର, ଡାକ୍ତରଖାନା କିମ୍ବା ଯେକୌଣସି ବ୍ୟକ୍ତି ବା ସଂସ୍ଥା ବିଷୟରେ ସୂଚନା ପ୍ରଦାନ କରନ୍ତି, ତେବେ ସୂଚନାକାରୀଙ୍କୁ ୨୫ ହଜାର ଟଙ୍କା ପୁରସ୍କାର ଦିଆଯିବର ବ୍ୟବସ୍ଥା ରହିଛି। ଏଥିରେ ସୂଚନା ଦାତାଙ୍କ ନାମ ଗୋପନ ରହିବ। ଏହି ଯୋଜନାର ବ୍ୟାପକ ପ୍ରସାର ପ୍ରଚାର ହେଲେ ଅଧିକରୁ ଅଧିକ ସୂଚନା ମିଳିପାରିବ ବୋଲି ଆଶାବ୍ୟକ୍ତ କରାଯାଇଛି। ରାୟଗଡ଼ା ଜିଲ୍ଲାରେ ହଜାରେ ପୁଅ ରେ ଅଛନ୍ତି ୯୫୬ କନ୍ୟା ରାଜ୍ୟ ତୁଳନା ରେ ଜିଲ୍ଲାର ଜିଲ୍ଲାର ସ୍ଥିତି ଭଲ ରହିଥିଲେ ମଧ୍ୟ ଗୁଣୁପୁର, ରାୟଗଡ଼ା ଓ ରାମନଗୁଡ଼ା ଭଳି ବ୍ଲକ ଗୁଡିକରେ ପୁଅଙ୍କ ତୁଳନା ରେ ଝିଅଙ୍କ ସଂଖ୍ୟା କମ ରହିଛି। ତେବେ ଏହି ସବୁ ବ୍ଲକ ସମେତ ଅନ୍ୟାନ୍ୟ ସମସ୍ତ ବ୍ଲକ୍ ଗୁଡିକରେ କିଭଳି ପୁଅଙ୍କ ତୁଳନାରେ ଝିଅଙ୍କ ସଂଖ୍ୟା ବଢ଼ି ପାରିବ ସେଥିପାଇଁ ଦୃଷ୍ଟି ଦେବାକୁ ଏହି ବୈଠକ ରେ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଏକକ ସନ୍ତାନକୁ ଅଧିକାଂଶ ଦମ୍ପତି ଗୁରୁତ୍ୱ ଦେଉଛନ୍ତି, ଅଧିକାଂଶ ଦମ୍ପତି ଏକମାତ୍ର ସନ୍ତାନ କ୍ଷେତ୍ରରେ ପୁଅଟିଏ ହିଁ ଚାହୁଁଛନ୍ତି। ପୁରୁଷ ପ୍ରଧାନ ବ୍ୟବସ୍ଥା ଆଜି ବି ବଳବତର ଥିବାରୁ ଝିଅମାନଙ୍କୁ ପୂର୍ବଭଳି ଅବହେଳା କରାଯାଉଛି। ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ସୃଷ୍ଟି ପାଇଁ ନିଷ୍ପତି ନିଆଯାଇଛି। ଏହି ବୈଠକରେ ସିଡିଏମ୍ଓ ଡାକ୍ତର ଭି. ସରୋଜିନୀ ଦେବୀ, ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ (ପରିବାର କଲ୍ୟାଣ) ଡାକ୍ତର କିଶୋର କୁମାର ବରାଇ, ଡାକ୍ତର ସଂଖ୍ୟା ଦାସ, ଡାକ୍ତର ହିମାଂଶୁ ଶେଖର ଦାସ, ଆଇନଜୀବୀ ତଥା ସମାଜସେବୀ ଶ୍ରୀମତି ପ୍ରଣତି ପାତ୍ର, ଜିଲ୍ଲା ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନଙ୍କ ସମେତ ଅନ୍ୟାନ୍ୟ ସଦସ୍ୟ ସଦସ୍ୟା ଓ ଅଧିକାରୀ ମାନେ ଉପସ୍ଥିତ ଥିଲେ।

ଡିର୍ତୋଲ ପୋଲିସ ଦ୍ୱାରା ବାଇକ ଚୋରୀର ପର୍ଦ୍ଦାଫାସ

ତିର୍ତୋଲ, ୨୨/୧୧ (ଆ.ପ୍ର) : ଦିର୍ଘଦିନ ଧରି ତିର୍ତୋଲ ଅଂଚଳରେ ହେଉଥିବା ବାଇକ୍ ଚୋରୀର ପର୍ଦ୍ଦାଫାସ କରିଛି ତିର୍ତୋଲ ପୋଲିସ। ୪ ଜଣ ବାଇକ୍ ଲୁଟେରାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ତିର୍ତୋଲ ପୋଲିସ। ସେମାନଙ୍କ ଠାରୁ ୩ଟି ମୋଟରସାଇକେଲ ଓ ଗୋଟିଏ ସ୍କୁଟି ଜବତ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନା ମତାବକ ଗତକିଛି ଦିନତଳେ ଗୋଟିଏ ମୋଟରସାଇକେଲ ଚୋରୀ ହୋଇଥିବା ନେଇ ଏତଲା ଦିଆଯାଇଥିବା ବେଳେ ପୋଲିସ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ସହିତ ବିଭିନ୍ନ ସ୍ଥାନରେ ମୋଟରସାଇକେଲ ଗୁଡ଼ିକୁ ତନତନ କରି ଯାଂଚ କରି ଆସୁଥିବାବେଳେ ଗୋଟିଏ ମୋଟରସାଇକେଲରେ ଲାଗିଥିବା ନମ୍ବର ପ୍ଲେଟ ପ୍ରତି ସନ୍ଦେହ ହେବାରୁ ଯାଂଚ କରିବା ପରେ ସେହି ମୋଟରସାଇକେଲଟି ଚୋରୀ ହୋଇଥିବା ନେଇ ସୂଚନା ପାଇଲେ ତେଣୁ ସେହି ଗାଡି ଚଳାଉଥିବା ବ୍ୟକ୍ତି କୁ ଗିରଫ କରି ପଚରା ଉଚରା ପରେ ସେହି ବ୍ୟକ୍ତି ସହିତ ଆଉ ତିନିଜଣ ଏହିଭଳି ଆଉ ୩ଟି ଗାଡି ଚୋରୀ କରିଥିବା ଜାଣିବାକୁ ପାଇଲେ ତେବେ ଏହି ୪ ଜଣକୁ ପୋଲିସ ଗିରଫ କରିବା ସହିତ କୋର୍ଟ ଚାଲଣ କରିଥିବା ଜଣାପଡ଼ିଛି। ଏହି ୪ଜଣ ତିର୍ତୋଲ ଅଂଚଳର ହୋଇଥିବା ବେଳେ ସେମାନଙ୍କ ପରିଚୟ ସନ୍ତୋଷ କୁମାର ହୋତା, ରାକେଶ କୁମାର ମଲ୍ଲିକ, ଆସିସ କୁମାର ମଲ୍ଲିକ ଓ ସଞ୍ଜୟ ବଳ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଆରସ୍ଣିନ ଜନତା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବାଳ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ

କି.ଉଦୟଗିରି, ୨୨/୧୧ (ଆ.ପ୍ର) : ସ୍ଥାନୀୟ ବ୍ଲକ ଗ୍ରେସିଙ୍ଗିଆ ସ୍ଥିତ ଆରସ୍ଣିନ ଜନତା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ଥାନୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଓ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା। ବ୍ଲକ ଅନ୍ତର୍ଗତ ୯୭ ଟି ବିଭିନ୍ନ ଶିକ୍ଷା ଅନୁଷ୍ଠାନରୁ ଛାତ୍ରୀଛାତ୍ର ମାନେ ବୈଜ୍ଞାନିକ ମଡେଲ୍ ପ୍ରଦର୍ଶନୀ ଓ ନୂତନ ଉଦ୍ଭାବନ ଦ୍ୱାରା ତାଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ସମ୍ମାନିତ ଅତିଥି ଭାବରେ କଳିଙ୍ଗ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷ ଡ଼.ଦୀପକ କୁମାର ମହାନ୍ତି, ଗ୍ରେସିଙ୍ଗିଆ ସରପଂଚ ତ୍ରିଶିଳା ପ୍ରଧାନ, ଜିଲ୍ଲାପରିଷଦ ସଭ୍ୟା ଲିଲୀମା ପ୍ରଧାନ, ଗ୍ରେସିଙ୍ଗିଆ ସମିତି ସଭ୍ୟା ପୂର୍ଣ୍ଣିମା ପ୍ରଧାନ, ରାଷ୍ଟ୍ରପତି ପୁରସ୍କୃତ ଅବସର ପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭ ଉଦଘାଟନ କରିଥିଲେ। ଉପସ୍ଥିତ ଅତିଥି ଓ ବିଚାରକ ମଣ୍ଡଳୀ ସମସ୍ତ ପ୍ରୋଜେକ୍ଟ ବୁଲି ଦେଖିଥିଲେ। ବିଚାରକ ମଣ୍ଡଳୀ ଭାବରେ ବିଡି କଲେଜ ପ୍ରଶିକ୍ଷକ ପ୍ରମୋଦ କୁମାର ନାୟକ, ସତିଶୁତା ମହାପାତ୍ର,ଅଧ୍ୟାପକ ସଂଗ୍ରାମ କେଶରୀ ପଣ୍ଡା, ବୃନ୍ଦିବଳବନ୍ତ ବାରିଆ କଳିଙ୍ଗ ମହାବିଦ୍ୟାଳୟ ରହି ବିଚାର କରିଥିଲେ। ଅପରାହ୍ନ ସମୟରେ ଉଦଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ରାକେଶ କୁମାର୍ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଇଓ କେଶବ ମଲ୍ଲିକ, ଏବିଇଓ ମିହିର କାନ୍ତ ପ୍ରଧାନ, ଏବିଇଓ ନିବେଦିତ ପ୍ରଧାନ, ଜିଲ୍ଲା ବିଜ୍ଞାନ ସୁପର୍ଭାଇଜର ସିମାଂଚଳ ସ୍ୱାଇଁ,ପଂଚାୟତ ହାଇସ୍କୁଲ ରଟିଙ୍ଗିଆ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁ, ହଡାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜିତ କୁମାର ପାଟମାଝୀ,ବିଜୟ କୁମାର ମିଶ୍ର, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ଅତିଥି ବିଜ୍ଞାନ ଶିକ୍ଷାର ଗୁରୁତ୍ୱ ଓ ଆବିଷ୍କାର ମୂଳକ ଚିନ୍ତାଧାରାରେ ଛାତ୍ରଛାତ୍ରୀଙ୍କ ଭୂମିକା ବିଷୟରେ ଆଲୋକ ପାତ କରିଥିଲେ। ପ୍ରଦର୍ଶନୀ ମେଳାରେ ସ୍ୱାସ୍ଥ୍ୟ ସଚେତନତା, ନବୀକରଣ ଶକ୍ତି, ଜଳ ସଂଚୟ, ପରିବେଶ ସୁରକ୍ଷା, ଡିଜିଟାଲ ପ୍ରଯୁକ୍ତି ଭଳି ବିଷୟ ନେଇ ବିଭିନ୍ନ ମଡେଲ ଗୁଡ଼ିକ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ପ୍ରତ୍ୟେକ ଦଳର ସୃଜନାଶୀଳତା, ବିଜ୍ଞାନ ଧାରଣାର ସଠିକତା ଓ ପ୍ରଦର୍ଶନକୁ ମୂଲ୍ୟାୟନ କରିଥିଲେ।ଶେଷରେ ବିଜେତା ମାନଙ୍କ ନାମ ଘୋଷଣା ହୋଇଥିଲା ଓ ମାନପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ବିଜ୍ଞାନ ମେଳାରେ ଅଂଶଗ୍ରହଣ କରିଥିବା ପ୍ରତିଯୋଗୀ ଙ୍କ ମଧ୍ୟରୁ ଚୟନ ହୋଇଥିବା ୯ ଜଣ ପ୍ରତିଯୋଗୀ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଯୋଗ ଦେବେ ବୋଲି ସୂଚନା ମିଳିଛି। ସମସ୍ତ କାର୍ଯ୍ୟକ୍ରମ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମହମଦ ଜମିଲଙ୍କ ଅଧ୍ୟକ୍ଷତାରେ ପରିଚାଳନା ହୋଇଥିବା ବେଳେ ସ୍କୁଲର ସହକାରୀ ଶିକ୍ଷକ ରାକେଶ୍ କୁମାର ଦାଶ, ନନ୍ଦ କିଶୋର ସିଆଳ,ସୁରେଶ ଚନ୍ଦ୍ର ସାହୁ, ଲକ୍ଷ୍ମୀଧର ଭୋଇ ଓ ଅନ୍ୟମାନେ ସହଯୋଗ କରିଥିଲେ।

ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ୫୫ନଂଜାତୀୟ ରାଜପଥ ଅବରୋଧ

ଟାଙ୍ଗୀ ଚୌଦ୍ୱାର, ୨୨/୧୧ (ଆ.ପ୍ର) : ସୂଚନା ଅନୁଯାୟୀ ଗତକାଲି ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼ଃ ହରପ୍ରିୟା ମହାପାତ୍ର ଙ୍କ ସ୍ୱାମୀ ଭାଗୀ କିଶୋର କର ମ୍ୟାଡ଼ାମ୍‌ଙ୍କୁ ନେବା ପାଇଁ କଲେଜକୁ ଆସୁଥିବା ବେଳେ କଳିଙ୍ଗ ଛକ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରକ ଦୁର୍ଘଟଣା ରେ ତାଙ୍କ ଜୀବନ ଚାଲି ଯାଇଥିଲା। ଏ ଘଟଣାକୁ ନେଇ ଆଜି ଶତାଧିକ ଛାତ୍ରଛାତ୍ରୀ ରାଜରାସ୍ତାକୁ ଆସି ରାସ୍ତା ବନ୍ଦ କରିବା ସହ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ଯାଇଥିବା ଓଭର୍ ବ୍ରିଜ ମଧ୍ୟ ଦେଇ ଏକ ଛୋଟ ଗଳା ପୋଲ ତିଆରି କରିବା, ଟ୍ରାଫିକ ବ୍ୟବସ୍ଥା, ସର୍ଭିସ୍ ରୋଡରେ ଭାରି ଯାନ ଚଳାଚଳ ବନ୍ଦ କରିବା ଭଳି ଦାବି କରିଥିଲେ। ଦୀର୍ଘ ୩ ଘଂଟା ପରେ ସ୍ଥାନୀୟ ପୋଲିସ , ଏନ ଏଚ ଆଇର କର୍ମକର୍ତ୍ତାଙ୍କ ସହ ଆଲୋଚନା ହୋଇଥିଲା। ଆଲୋଚନା ରେ ଖୁବ୍ ଶୀଘ୍ର ଟ୍ରାଫିକ ବ୍ୟବସ୍ଥା ଆସନ୍ତା କାଲି ଠାରୁ କରିବା ସହ ଆଗାମୀ ସାତ ଦିନ ମଧ୍ୟରେ ଭାରି ଯାନ ଚଳାଚଳ ବନ୍ଦ କରିବା ପାଇଁ ବ୍ୟବସ୍ଥା କରିବେ ବୋଲି ପ୍ରତିଶ୍ରୁତି ମିଳିଥିଲା। ଏହା ପରେ ଛାତ୍ରଛାତ୍ରୀ ମାନେ ଧାରଣାକୁ ସ୍ଥଗିତ ରଖିଲେ।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ବିରାଟ ଶୋଭାଯାତ୍ରା

ପୁରୀ, ୨୨/୧୧ (ଆ.ପ୍ର) : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରୋନା ପର ଠାରୁ ପୁରୀବାସୀ ଭଲ ଭାବରେ ପାଉନାହାନ୍ତି। ଦୁଃଖ ଜର୍ଜରିତ ଅବସ୍ଥାରେ ଦିନ କାଟୁଛନ୍ତି। ତେଣୁ ପୁରୀ ବାସୀଙ୍କର ଦର୍ଶନ କିଭଳି ସୁଗମ ହେବ ତାକୁ ନେଇ ଭିନ୍ନ ଏକ ପ୍ରତିବାଦ ଶ୍ରୀମନ୍ଦିର ସମ୍ମୁଖ ଏମାରମଠ ଚକଡାରେ ହୋଇଥିଲା। ଗୀତଗୋବିନ୍ଦ, ଜଗନ୍ନାଥ ଷ୍ଟକମ୍, ଆହେ ନୀଳଶୈଳ ବୋଲି ପ୍ରତିବାଦ କରିଛନ୍ତି। ଏଥିସହିତ ଶହ ଶହ ପୁରୀ ବାସୀ ଏକତ୍ରିତ ହୋଇ ସମୂହ ଦୀପଦାନ କରିଛନ୍ତି। ସମସ୍ତ ପୁରୀ ବାସୀଙ୍କର ଗୋଟିଏ ଦାବୀ ୪ ଦୁଆର ବାଟରେ ଶ୍ରୀମନ୍ଦିର ରେ ପ୍ରବେଶ। ରତ୍ନସିଂହାସନରେ ବିରାଜିତ ଶ୍ରୀ ବଳଭଦ୍ର, ଶ୍ରୀଜଗନ୍ନାଥ, ଚକ୍ରରାଜ ସୁଦର୍ଶନ ଓ ଦେବୀ ସୁଭଦ୍ରାଙ୍କୁ ଦର୍ଶନ କରିବେ। ପ୍ରତିଟି ପୁରୀ ବାସୀଙ୍କର ଗୋଟିଏ ସ୍ୱରରେ ଦାବୀ ଚାରି ଦୁଆରରେ ପ୍ରବେଶ ଓ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ। ଦୀର୍ଘ ୨ଘଂଟା ଶ୍ରୀମନ୍ଦିର ସିଂହଦ୍ୱାର ଏମାରମଠ ଚକଡାରେ ବସିବା ପରେ ଶ୍ରୀମନ୍ଦିର ଚତୁପାର୍ଶ୍ୱରେ ଜୟ ଜଗନ୍ନାଥ ଧ୍ୱନୀ ଦେଇ ପରିକ୍ରମା କରିଥିଲେ। ଗୋଟିଏ ସ୍ୱର ମହାପ୍ରସାଦ କିଣିବା ପାଇଁ ଯାଇପାରୁନାହାନ୍ତି। ପ୍ରତିଦିନ ଦର୍ଶନ ପାଇଁ ଲମ୍ବା ଧାଡିରେ ଯିବା ପାଇଁ ପଡୁଛି ତାହା ଅସମ୍ଭବ ହୋଇପଡିଛି ତେଣୁ ସରକାର ଓ ପ୍ରଶାସନ ତୁରନ୍ତ ପୁରୀବାସୀଙ୍କ ଦର୍ଶନ ସୁଗମ କରନ୍ତୁ ବୋଲି ଦାବୀ ରହିଛି।

ଆସନ୍ତା ସୋମବାର ୨୪ ରେ ଖଣ୍ଡପଡ଼ା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣୀ ଶିବିର

ଖଣ୍ଡପଡ଼ା, ୨୨/୧୧ (ଆ.ପ୍ର) : ଖଣ୍ଡପଡ଼ା ବ୍ଲକ ସମ୍ମିଳନୀ କକ୍ଷରେ ଆସନ୍ତା ୨୪ ତାରିଖ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହେବ। ଶିବିରରେ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗୁଡ଼ିକ ଉପରେ ଶୁଣାଣି କରିବେ। ପୂର୍ବାହ୍ନ ୧୦ ଟାରୁ ଶିବିର ଆରମ୍ଭ ହୋଇ ଅପରାହ୍ନ ୨ ଟାରେ ଶେଷହେବ ବୋଲି ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି। ଖଣ୍ଡପଡ଼ା ବ୍ଲକ ଅଧିନ ୨୨ଟି ପଂଚାୟତରୁ ବହୁ ସଂଖ୍ୟାରେ ଜନସାଧାରଣ ଶିବିରରେ ଯୋଗ ଦେବାକୁ ବ୍ଲକ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଛି।

ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଖଣ୍ଡପଡା ରେ ବିଜ୍ଞାନ ମେଳା, ୭ ପ୍ରକଳ୍ପ ବ୍ଲକ ସ୍ତରକୁ ମନୋନୀତ

ଖଣ୍ଡପଡ଼ା, ୨୨/୧୧ (ଆ.ପ୍ର) : ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟତ୍ରୀ ଲିପ୍ସା ନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାଧାନରେ ଆୟୋଜିତ ବିଜ୍ଞାନ ମେଳାରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ୪୫ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ମେଳାରେ ପ୍ରଦର୍ଶିତ ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ସର୍ବ କନିଷ୍ଠ ବିଭାଗରେ ୬ଷ୍ଠ ଶ୍ରେଣୀର ଛାତ୍ରୀ ଶିବାଙ୍ଗୀ ମହାନ୍ତିଙ୍କ ଜଳ ସଂରକ୍ଷଣ ଓ ପରିଚାଳନା ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ବେଳେ କନିଷ୍ଠ ବିଭାଗରେ ୭ ମ ଶ୍ରେଣୀର ଛାତ୍ର ରୁଦ୍ର ନାରାୟଣ ପ୍ରଧାନ, ସୋମନାଥ ବେହେରା ଓ ୮ମ ଶ୍ରେଣୀର ଛାତ୍ର ଦିବ୍ୟାଂଶୁ ପାଢ଼ୀଙ୍କ ପ୍ରକଳ୍ପ ବ୍ଲକସ୍ତରକୁ ମନୋନୀତ ହୋଇଥିବା ଜଣାଯାଇଛି। ସେହିପରି ବରିଷ୍ଠ ବିଭାଗରେ ୯ ମ ଶ୍ରେଣୀର ଛାତ୍ର ରୁଦ୍ର ନାରାୟଣ ସାହୁ,ଶୁଭାନ୍ତ କୁମାର ସାହୁ ଓ ଛାତ୍ରୀ ରାଜେଶ୍ୱରୀ ସାହୁଙ୍କ ପ୍ରକଳ୍ପ ବ୍ଲକସ୍ତରୀୟ ବିଜ୍ଞାନ ମେଳାକୁ ମନୋନୀତ ହୋଇଥିବା ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଠାରୁ ଜଣାଯାଇଛି।

ପାପଡ଼ାହାଣ୍ଡିରେ ଜିଲ୍ଲାସ୍ତରୀୟ ସରଗି ଫୁଲର ଶୁଭାରମ୍ଭ

ପାପଡାହାଣ୍ଡି, ୨୨/୧୧ (ଆ.ପ୍ର) : ପାପଡାହାଣ୍ଡି ଦଳେଇଗୁଡ଼ା ସ୍ଥିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ସରଗି ଫୁଲ -୨୦୨୫ର ଶୁଭାରମ୍ଭ ହୋଇଛି, ଏହା ଆଜିଠାରୁ ୩ ଦିନ ବ୍ୟାପି ଅନୁଷ୍ଠିତ ହେବ, ନବରଙ୍ଗପୁର ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଦୀପ ପ୍ରଜ୍ଜ୍ୱଳନ କରି ଜିଲ୍ଲାସ୍ତରୀୟ ସରଗି ଫୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ ଏବଂ ଉପସ୍ଥିତ ୩୦୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ମାନଙ୍କରେ କୌଣସି ପ୍ରକାର ଅସୁବିଧା ହେଉଛି କି ବୋଲି ପଚାରି ବୁଝିଥିଲେ। ଯଦି ହେଉଛି ପ୍ରକାଶ କରିବାକୁ କହିଥିଲେ ଏବଂ ଛାତ୍ର ଛାତ୍ରୀଙ୍କୁ ଭଲ ପାଠ ପଢ଼ି ଭଲ ମଣିଷ ହୋଇ ନିଜ ନିଜ ପରିବାର, ବିଦ୍ୟାଳୟ, ଅଂଚଳ, ଜିଲ୍ଲା, ରାଜ୍ୟ ଏବଂ ଦେଶର ଟେକ ରଖିବାକୁ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଂଟିଆ, ପ୍ରକଳ୍ପ ପ୍ରଶାସକ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ରାଜୀବ କୁମାର ସାହୁ, ଜିଲ୍ଲା ମଙ୍ଗଳ ଅଧିକାରୀ ପାଲକା ରବୀନ୍ଦ୍ର, ଜିଲ୍ଲା ଶିକ୍ଷା ନିରୀକ୍ଷକ କୈଳାଶ ଚନ୍ଦ୍ର ମହାରଣା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ନିବେଦିତା ବିଶ୍ୱାଳ, ପାପଡାହାଣ୍ଡି ଥାନା ଅଧିକାରୀ ଦୀପକ କୁମାର ଜେନା, ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତୀ ବେହେରା ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ। ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଜିଲ୍ଲା ସ୍ତରୀୟ ବିଜ୍ଞାନ ମେଳା ଏବଂ ଜିଲ୍ଲା ସ୍ତରୀୟ ଭଲିବଲ ପ୍ରତିଯୋଗିତାର ଆୟୋଜନ କରାଯାଇଛି। ଏଥିରେ ଯେଉଁମାନେ ବିଜୟୀ ହେବେ ସେମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ଯୋଗ୍ୟତା ଅର୍ଜନ କରିବେ, ଏହି ଅବସରରେ ସନ୍ଧ୍ୟାରେ ଛାତ୍ର ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଗୁମ୍ମା ବ୍ଲକ କାର୍ଯ୍ୟାଳୟରେ ପୁରାତନ ଗଛକଟାକୁ ଜନସାଧାରଣଙ୍କ ବିରୋଧ

ପାରଳାଖେମୁଣ୍ଡି, ୨୨/୧୧ (ଆ.ପ୍ର) : ଗୁମ୍ମା ବ୍ଲକର କାର୍ଯ୍ୟାଳୟରେ ପୁରାତନ ଗଛ କାଟିବାକୁ ସ୍ଥାନୀୟ ଲୋକେ ବିରୋଧ କରୁଛନ୍ତି। ଗଛ ଜାଗା ଛାଡି ଦେଲେ ଅନ୍ୟାନ୍ୟ ସ୍ଥାନ ରହିଛି ଯେଉଁଠି କୋଠା ନିର୍ମାଣ କାମ ଓ ଅନ୍ୟ କିଛି ହୋଇପାରିବ। ପରିବେଶ ସୁରକ୍ଷା ଓ ଛାଇ ପାଇଁ ଏଠାରେ ବହୁ ପୁରାତନ ଗଛ ଗୁଡ଼ିକର ଆବଶ୍ୟକତା ରହିଛି। ଏପଟେ 'ଏକ ପେଡ୍ ମାକେ ନାମ୍ ପ' ସ୍ଲୋଗାନ ଦିଆଯାଉଥିବା ବେଳେ ଗଛ କାଟିବାର କଣ ନିୟମ ରହିଛି ବୋଲି ସ୍ଥାନୀୟ ଲୋକେ ତଥା ଶିକ୍ଷାବିତ୍ ପ୍ରଶ୍ନ କରିଛନ୍ତି। ଏହି ବିଷୟରେ ଡିଏଫଓ କେନାଗରାଜୁଙ୍କୁ ପଚାରିବାରୁ ଏହି ବିଷୟରେ ସବିଶେଷ ବିବରଣୀ ମାଗିଛନ୍ତି।

ଜାଭିୟର୍ସ ପବ୍ଲିକ ସ୍କୁଲରେ ଦଳଗତ କୁଇଜ୍ ପ୍ରତିଯୋଗିତା

ଜଗତସିଂହପୁର, ୨୨/୧୧ (ଆ.ପ୍ର) : ତିର୍ତୋଲ ବ୍ଲକ ଅନ୍ତର୍ଗତ ମୁନିସିଂହ ଠାରେ ଥିବା ସେଣ୍ଟ୍ ଜାଭିୟର୍ସ ପବ୍ଲିକ୍ ସ୍କୁଲରେ ଆଜି ଦଳଗତ ବା ଗ୍ରୁପ୍ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ଦଳଗତ କୁଇଜ୍ ପ୍ରତିଯୋଗିତାର ନିୟମ ସମ୍ପର୍କରେ ପିଲାମାନଙ୍କୁ ସୂଚନା ଦେଇଥିଲେ। ଉପସ୍ଥିତ ବିଦ୍ୟାର୍ଥୀମାନଙ୍କୁ ଚାରୋଟି ଦଳରେ ଯଥା - ହଳଦିଆ, ସବୁଜ, ନାଲ ଓ ନୀଳ ରଙ୍ଗରେ ବିଭକ୍ତ କରାଯାଇଥିଲା। କୁଇଜ୍ ମାଷ୍ଟର ଶିକ୍ଷୟିତ୍ରୀ ପ୍ରିୟଙ୍କା ମଣ୍ଡଳ ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଅଂଶଗ୍ରହଣ କାରୀ ଦଳଗୁଡିକୁ ପ୍ରାୟ ୨୦ଟି ପ୍ରଶ୍ନ ପଚରା ଯାଇଥିଲା। ଏହି ପ୍ରତିଯୋଗିତା ପରିଚାଳନା ଓ ମୂଲ୍ୟାୟନରେ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ ଓ ଶିକ୍ଷକ ଅଶୋକ କୁମାର ବେହେରା ପ୍ରମୁଖ ସହାୟତା କରିଥିଲେ। ଏଥିରେ ହଳଦିଆଦଳ ପ୍ରଥମ, ସବୁଜଦଳ ଦ୍ୱିତୀୟ ଓ ନାଲଦଳ ତୃତୀୟ ହୋଇଥିଲେ। ପୁରସ୍କାର ବିତରଣ ସଭାରେ ସ୍ତମ୍ଭକାର ତଥା ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ତାଙ୍କ ବକ୍ତବ୍ୟରେ କୁଇଜିଂ ଜାଣି ସହଜ ଓ ମନୋରଞ୍ଜିତା ଭାରିଜଷ୍ଟ ବୋଲି କହିବା ସହ କୃତିତ୍ୱ ହାସଲ କରିଥିବା ତିନି ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ମିନତୀ ଦାସ ଧନ୍ୟବାଦ ଦେଇଥିଲେ।

ପଢ଼ିଆରେ ଖେଳ ପ୍ରତି ଆଗ୍ରହ କମୁଛି: ମୋବାଇଲ ଗେମ୍‌ରେ ବିତୁଛି ସମୟ

ନୂଆପଡ଼ା, ୨୨/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା ବର୍ତ୍ତମାନ ସମୟରେ ଅଧିକାଂଶ ପିଲା ଖେଳପଡିଆରେ ଖେଳିବାକୁ ରୁଚି ରଖୁନାହାନ୍ତି। ହାତରେ ମୋବାଇଲ ଥିବାରୁ ସେମାନେ ବିଭିନ୍ନ ପ୍ରକାର ଗେମ୍ ଖେଳି ସମୟ ବିତାଉଛନ୍ତି। ପିଲାଠାରୁ ବୟସ୍କ ପର୍ଯ୍ୟନ୍ତ ଯାହା ହାତରେ ଦେଖିବ ମୋବାଇଲ। ପୂର୍ବରୁ ପିଲା ସ୍କୁଲରୁ ଫେରିଲା ପରେ ବହିବସ୍ତାନୀ ଫିଙ୍ଗି ଖେଳପଡିଆ ମୁହାଁ ହେଉଥିଲେ। କୋଳାହଳରେ କମ୍ପୁଥିଲା ଖେଳ ପଡିଆ। କିଏ କ୍ରିକେଟ ତ କିଏ ବ୍ୟାଡ୍‌ମିଂଟନ ଓ ଆଉ କିଏ ଫୁଟ୍‌ବଲ ଖେଳରେ ବ୍ୟସ୍ତ ରହୁଥିଲେ। କିନ୍ତୁ ଆଜିକାଲିକା ପିଲା କେବଳ ମୋବାଇଲ ଦୁନିଆରେ ନିଜକୁ ସୀମିତ ରଖୁଥିବା ଦେଖାଯାଉଛି। ଫଳରେ ଶୂନଶାନ ହୋଇପଡିଛି ଖେଳପଡିଆ। ଆଧୁନିକ ଯୁଗର ସ୍କୁଲ ପିଲା ବହି ଛାଡିଦେଇଥିବା ବେଳେ ଅଧିକରୁ ଅଧିକ ସମୟ ଲାପ୍‌ଟପ୍, କମ୍ପ୍ୟୁଟର ସହ ମୋବାଇଲ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ପିଲାମାନେ ଆଉ ଖେଳିବାକୁ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି। ଖୋଲାପଡିଆ ବଦଳରେ ମୋବାଇଲରେ ବିଭିନ୍ନ ଗେମ୍ ଖେଳିବାରେ ସେମାନଙ୍କ ସମୟ ଅତିବାହିତ ହେଉଥିବା ଲକ୍ଷ୍ୟ କରାଯାଉଛି। ପିଲା ବଡ ହେଲା ପରେ ସହାୟକ ପୁସ୍ତକ ପରିବର୍ତ୍ତେ ମୋବାଇଲ ବ୍ୟବହାର କରି ବିଭିନ୍ନ କାରିଗରୀ, କଳା, କୌଶଳ ଆୟତ୍ତ କରୁଛି। ପରବର୍ତ୍ତୀ ସମୟରେ ଗେମ୍‌ର ବିଭିନ୍ନ ଆପ ଡାଉନଲୋଡ କରି ସମୟ ଅତିବାହିତ କରୁଛି। ତା' ପାଖରେ ପଡିଆରେ କ୍ରିକେଟ, ଫୁଟ୍‌ବଲ ଭଳି ଖେଳ ଖେଳିବା ଲାଗି ସତେଯେମିତି ସମୟ ଅଭାବ ପଡିଯାଉଛି। ବର୍ତ୍ତମାନ ଯୁଗରେ ଯୁବପିଢି ମୋବାଇଲ ଫୋନର ବହୁଳ ବ୍ୟବହାର ସାଙ୍ଗକୁ ଖେଳକୁଦରୁ ନିଜକୁ ଦୂରେଇ ରଖୁଛନ୍ତି। ଏହାଦ୍ୱାରା ଶାରୀରିକ ଓ ମାନସିକ ଠିକ୍ ଭାବରେ ବୃଦ୍ଧି ହୋଇ ପାରୁନାହିଁ। ଆଜିର ଯୁବଗୋଷ୍ଠୀ ଦିନକୁ ଦୁଇଘଂଟା ଶାରୀରିକ ବ୍ୟାୟାମ କରିବା ସହିତ ସନ୍ତୁଳିତ ଖାଦ୍ୟପେୟ ପ୍ରତି ଧ୍ୟାନ ଦେବା ଉଚିତ। ସରୋଜ କୁମାର ସାହୁ, କ୍ରୀଡାବିତ୍, ନୂଆପଡା। ନୂଆପିଢିର ପିଲାଙ୍କ ଭିତରେ ଖେଳକୁଦ ପ୍ରତି ସେତେଟା ଆଗ୍ରହ ଦେଖା ଯାଉନାହିଁ। ଟିକିଏ ସମୟ ପାଇଲେ ମୋବାଇଲ ଫୋନରେ ମସଗୁଲ। ଖେଳ, ଆସନ, ବ୍ୟାୟାମ ମାଧ୍ୟମରେ ପିଲା ସେମାନଙ୍କ ଶରୀରକୁ ହୃଷ୍ଟପୁଷ୍ଟ କରିବା କଥା। ଶାରୀରିକ ସାମର୍ଥ୍ୟ କ୍ଷମତା ହାସଲ ନ କଲେ ବହୁତ ଶୀଘ୍ର ବିଭିନ୍ନ ରୋଗର ଶିକାର ହେବାକୁ ପଡେ। ପ୍ରସନ୍ନ କୁମାର ପାଢୀ, ଆଇନଜୀବୀ, ନୂଆପଡା ପୂର୍ବରୁ ଗ୍ରାମାଂଚଳରେ ପିଲା ସ୍କୁଲ ଯିବା ପୂର୍ବରୁ ଓ ସ୍କୁଲରୁ ଆସିଲା ପରେ କବାଡି, ଡଣାସୁର, ଚୋରନିପୁର, ବହୁଚୋରି, ମିଥୁଳା, ଗିଲିଦଣ୍ଡା ସହ କ୍ରିକେଟ, ବ୍ୟାଡ୍‌ମିଂଟନ, ଭଲିବଲ ଆଦି ଖେଳ ଖେଳୁଥିଲେ। ବର୍ତ୍ତମାନ ଏହିସବୁ ପୁରୁଣା ଖେଳ ଛାଡି ମୋବାଇଲରେ ପିଲା ବ୍ୟସ୍ତ ହେବାରୁ କମ ବୟସରେ ବିଭିନ୍ନ ପ୍ରକାର ରୋଗ ଗ୍ରାସ କରିବାରେ ଲାଗିଛି। ରାକେଶ ଜୈନ, ବିଶିଷ୍ଟ କବି ଓ ଲେଖକ, ଖରିଆର ରୋଡ୍ ଆଜିକାଲି ପିଲାମାନେ ସେମାନଙ୍କର ସମ୍ପୂର୍ଣ୍ଣ ସମୟ ମୋବାଇଲ ଓ ଅନଲାଇନ ଗେମ୍‌ରେ ବିତାଉଛନ୍ତି। ଯାହାଫଳରେ ସେମାନଙ୍କର ଶାରୀରିକ ଓ ବୌଦ୍ଧିକ ବିକାଶ ହୋଇ ପାରୁନାହିଁ। ପିଲାମାନଙ୍କୁ ଖେଳ ପଡିଆରେ ଖେଳାଯାଉଥିବା ଖେଳ ପ୍ରତି ଆକର୍ଷିତ କରିବା ପାଇଁ ପ୍ରୟାସ କରିବାକୁ ମା'ବାପାଙ୍କୁ ଧ୍ୟାନ ଦେବାକୁ ପଡିବ। ସନ୍ତୋଷ ଅଗ୍ରୱାଲ, ମାରୱାଡି ଯୁବାମଂଚ ଜାଗୃତି ଶାଖା ପୂର୍ବତନ ସଭାନେତ୍ରୀ, ଖରିଆର ରୋଡ।

ବାଲିଗୁଡା ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ



ବାଲିଗୁଡା, ୨୨/୧୧ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ବ୍ଲକ କଲୋନୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବାଲିଗୁଡା ବ୍ଲକ ସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାକୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ମାଝୀ ମୁଖ୍ୟ ଅତିଥି ଭାବେ ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମ ଲୋଚନ ପଣ୍ଡା, ବିଜ୍ଞାନ ଶିକ୍ଷକ ନାଗାର୍ଜ୍ଜୁନ ପ୍ରଧାନ ପ୍ରମୁଖ ଯୋଗଦେଇ ଦୀପ ଧୂପ ପ୍ରଜ୍ଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଶିଶୁ ବୈଜ୍ଞାନିକ ମାନଙ୍କୁ ଖୋଜି ବାହାର କରିବା ଲକ୍ଷ୍ୟ ନେଇ ଏହି ମେଳା ହେଉଛି। ଦେଶ ବିଜ୍ଞାନ କ୍ଷେତ୍ରରେ ବହୁ ଆଗକୁ ଯାଇଛି। ଏହିଭଳି ବିଜ୍ଞାନ ପ୍ରଦର୍ଶନୀ ମେଳା ଦ୍ୱାରା ଛାତ୍ରୀଛାତ୍ରଙ୍କ ବିଜ୍ଞାନ ପ୍ରତି ଆଗ୍ରହ ବଢିବ। ଛାତ୍ରୀ ଛାତ୍ରମାନେ ନୂଆଁନୂଆଁ ପ୍ରକଳ୍ପ ଉଦ୍ଭାବନ କରିବେ। ବୈଷୟିକ ଜ୍ଞାନ କୌଶଳର ବିକାଶ ମଧ୍ୟ ଘଟିବ ବୋଲି ଉତ୍ସବରେ ଯୋଗଦେଇ ବକ୍ତାମାନେ କହିଥିଲେ। ସଭାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବଳରାମ ବେହେରା ଅଧ୍ୟକ୍ଷତା କରିଥିଲେ। ମେଳାରେ ୫୫ ଟି ବିଦ୍ୟାଳୟର ୯୧ ଟି ପ୍ରକଳ୍ପ ସ୍ଥାନ ପାଇଥିଲା। ବିଚାରକ ଭାବେ ସନ୍ତୋଷ କୁମାର ରଥ, ଶ୍ୟାମ ସୁନ୍ଦର ସାହୁ ଯୋଗ ଦେଇଥିଲେ। ଏଠାରୁ ଜିଲାସ୍ତରୀୟ ପ୍ରତିଯୋଗୀତା ପାଇଁ ୯ ଟି ପ୍ରକଳ୍ପ ଚୟନ ହୋଇଥିଲା। ଉତ୍ସବରେ ଶିଶିର କାନ୍ତ ପଣ୍ଡା, ଜଗଦୀଶ ଚନ୍ଦ୍ର ବେହେରା, ଫିଲିପି ଦିଗାଲ, ସାବତ ପ୍ରଧାନଙ୍କ ସମେତ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ, କର୍ମଚାରୀ ମାନେ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ।

ସେଇଠୁ ଆରମ୍ଭ
SEITHO ARAMBHA

ରବିବାର, ୨୩ ନଭେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୭

ରାୟଗଡ଼ା ଜିଲ୍ଲାରେ ଡିସେମ୍ବର ୧୭ରୁ ଆରମ୍ଭ ହେବ ଧାନ ମଣ୍ଡି

ରାୟଗଡା, ୨୨/୧୧ (ଆ.ପ୍ର) : ଆସନ୍ତା ଡିସେମ୍ବର ମାସ ୧୭ ତାରିଖରୁ ରାୟଗଡା ଜିଲ୍ଲାରେ ଖୋଲିବ ଧାନ ମଣ୍ଡି । ଏ ନେଇ ଆଜି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି । ରାୟଗଡ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମାନ୍ୟବର ରାୟଗଡ ବିଧାୟକ କାଡ୍ରାକା ଆପାଳସ୍ୱାମୀ, ବିଷମ କଟକ ବିଧାୟକ, ନୀଳମାଧ୍ୱ ହିକକା, କୋରାପୁଟ ଲୋକସଭା ସାଂସଦ ପ୍ରତିନିଧି ,ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ନିହାର ରଞ୍ଜନ କହଁର, ଗୁଣପୁର ଉପଜିଲ୍ଲାପାଳ ବୁଧକ୍ଷନ ଅର୍ଭିକ୍ଷେଖ ଦିଲ୍ଲୀପ,ରାୟଗଡା ଉପଜିଲ୍ଲାପାଳ ରମେଶ କୁମାର ଜେନା, ମୁଖ୍ୟ ଜିଲ୍ଲା ଖାଦ୍ୟ ଯୋଗାଣ ଅଧିକାରୀ ଦଶରଥି ସୋରେନ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହେସାନ ଶେଖଙ୍କ ସମେତ ଚାଷୀପ୍ରତିନିଧି, ମିଲର୍ସ, ସମବାୟ ସମିତି ସଂପାଦକ, ଏମପିସିଏସ୍ ଅଧିକାରୀ ଓ ଅନ୍ୟମାନେ ଯୋଗ ଦେଇଥିଲେ । ଚଳିତ ଖରିଫ ବର୍ଷରେ ପ୍ରଥମ ପର୍ଯ୍ୟାୟରେ ୭୩ ହଜାର ୨୦୦ ମେଟ୍ରିକ ଟନ ଧାନ ଚାଷୀମାନଙ୍କଠୁ କିଣାଯିବ । ଜିଲ୍ଲାରେ ୨୧ ହଜାର ୪୮୬ ଜଣ ଚାଷୀଙ୍କ ଧାନ ବିକ୍ରୟ ନିମନ୍ତେ ପଞ୍ଜିକରଣ କରିଛନ୍ତି । ଗତବର୍ଷ ୧ ଲକ୍ଷ ୨୨ ହଜାର ୬୯ ମେଟ୍ରିକ ଟନ ଧାନ ଆକାରରେ ୮୧ ହଜାର ୭୨୨ ମେଟ୍ରିକ୍ ଟନ ଚାଉଳ ସଂଗ୍ରହ କରାଯାଇଥିଲା । ଜିଲ୍ଲାର ୧୮ ହଜାର ୯୬୩ଜଣ ପଂଜୀକୃତ ଚାଷୀଙ୍କ ଠାରୁ ଧାନ କ୍ରୟ କରାଯାଇଥିଲା ଏବଂ ଏଥିରେ ୧୪ ଟି ଲ୍ୟାମ୍ପସ୍ ଅଧିନରେ ୪୩ଟି ମଣ୍ଡି ଖୋଲାଯାଇଥିଲା ଏବଂ ଜିଲ୍ଲାର ୧୧୧ ଜଣ ମିଲର୍ସ ଅଂଶଗ୍ରହଣ କରିଥିଲେ । ଚଳିତ ବର୍ଷ ମଧ୍ୟ ୪୩ଗୋଟି ମଣ୍ଡିରେ ଧାନ ସଂଗ୍ରହ କରାଯିବ । ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥି ପାଇଁ ବିଭାଗୀୟ ଅଧିକାରୀଙ୍କୁ ମାନ୍ୟବର ରାୟଗଡ଼ ବିଧାୟକ ବୈଠକରେ ବିଭାଗୀୟ ଅଧିକାରୀ ମାନଙ୍କୁ କହିଥିଲେ । ଏହା ସହିତ ପ୍ରକୃତ ଚାଷୀଙ୍କୁ ବୈଠକକୁ ଡକାଯାଉ ବୋଲି କହିଥିଲେ । ଜିଲ୍ଲାରେ ଚାଷୀ ମାନଙ୍କ ଠରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜିକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀ ମାନେ ଧାନ ଦେବାକୁ ଜନପ୍ରତିନିଧି ମାନେ କହିଥିଲେ । ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୬୯ଟଙ୍କା ଓ ଏ ଗ୍ରେଡ଼ର ଧାନ ମୂଲ୍ୟ ୨୩୮୯ଟଙ୍କା ସରକାରର ଧାର୍ଯ୍ୟ କରିଛନ୍ତି । ଇମ୍ପୁଟ ସହାୟତା ଟ୭୩୧/- କରାଯାଇଛି । ଅନ୍ୟରାଜ୍ୟର ସୀମାନ୍ତ ଅଂଚଳ ଗୁଡ଼ିକରେ କଡା ନଜର ରଖିବା ପାଇଁ ଉଭୟ ଉପଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଚାଷୀ ମାନଙ୍କ ଠାରୁ ଧାନ କିଣିବାର ୨୪ରୁ ୪୮ଘଂଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଜମା କରାଯିବ । ଚାଷୀ ଏଫଏକ୍ୟୁ ମାନକରଧାନ ମଣ୍ଡିକୁ ଆଣିବେ । ଆରଏମସି ତରଫରୁ ସମସ୍ତ ପ୍ରକାର ସୁବିଧା କରାଯିବ ଓ ଧାନର ଗୁଣବତ୍ତା ଚେକ କରିବାକୁ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ । ଚାଷୀ ମଣ୍ଡିରେ କୌଣସି ପ୍ରକାର ଅସୁବିଧା ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି । ଚାଷୀ ମାନଙ୍କ ସୁବିଧା ନିମନ୍ତେ ଧାନ ବିକ୍ରୟ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଯୋଗାଣ ଅଧିକାରୀ ଉପସ୍ଥାପନା କରିଥିଲେ । ଜିଲ୍ଲାରେ ଖରିଫ ଧାନ ଆସନ୍ତା ମାସ ୧୭ତାରିଖରେ ଆରମ୍ଭ କରାଯାଇ ୩୧ମାର୍ଚ୍ଚ ୨୦୨୬ଯାଏଁ କିଣାଯିବ । ସେହିପରି ପଦ୍ମପୁର ଓ ଗୁଣପୁର ବ୍ଲକରେ ଆସନ୍ତା ଡ଼ିସେମ୍ବର ମାସ ୨୪ତାରିଖରୁ ମଣ୍ଡି ଖୋଲାଯିବ । ଚାଷୀମାନଙ୍କ ଜାଣିବା ପାଇଁ ବିଭିନ୍ନ ମାଧ୍ୟମରେ ନିୟନ୍ତ୍ରିତ ବଜାର କମିଟି ଦ୍ୱାରା ବ୍ୟାପକ ସଚେତନତା କରାଯିବ ।

ପାଟଖଣ୍ଡା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବାଲିଗୁଡ଼ା, ୨୨/୧୧ (ଆ.ପ୍ର) :କନ୍ଧମାଳ ଜିଲ୍ଲା ବାଲିଗୁଡା ସ୍ଥିତ ପାଟଖଣ୍ଡା ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେବା ପରେ ଶନିବାର ଉଦଯାପିତ ହୋଇଯାଇଛି । ବିଦ୍ୟାଳୟ ପରିସର କ୍ରୀଡା ପଡିଆରେ ଆୟୋଜିତ ପ୍ରଥମ ତଥା ଉଦଘାଟନୀ ଉତ୍ସବରେ ବିଦ୍ୟାଳୟର ସମ୍ପାଦକ ସେକ ସାଦିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାଳୟର କ୍ରୀଡା ପତାକା ଉତ୍ତୋଳନ କରି ଜୟ ବୀର ହନୁମାନଙ୍କ ନିକଟରୁ ଆସିଥିବା ମଶାଲ ସ୍ୱରୂପ ଜ୍ୟୋତିକୁ ଗ୍ରହଣ କରି ଆନୁଷ୍ଠାନିକ ଭାବେ କ୍ରୀଡା ଶୁଭାରମ୍ଭ କରିଥିଲେ । ଦ୍ୱିତୀୟ ତଥା ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସମ୍ପାଦକ ସେକ ସାଦିକ, ସମ୍ମାନିତ ଅତିଥି ଭାବେ ଶିକ୍ଷା ସଂଯୋଜିକା ସୌଦାମିନୀ ସାହୁ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ସହ ପୁରସ୍କାର ପ୍ରଦାନ କରି କ୍ରୀଡାର ମହତ୍ୱ ସମ୍ବନ୍ଧରେ ଉଦବୋଧନ ଦେଇ ଶିଶୁଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ଅଧକ୍ଷ କୃଷ୍ଣ ଚନ୍ଦ୍ର ମହାପାତ୍ର କ୍ରୀଡା ଦ୍ୱାରା ଶାରୀରିକ ଓ ମାନସିକତା ଦୃଢ଼ୀଭୂତ ହେବା ସହିତ ଶରୀରକୁ ସୁସ୍ଥ କରିଥାଏ ବୋଲି ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ପ୍ରମିଳା ବେହେରା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ରଶ୍ମୀପ୍ରଭା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଅଭିଭାବିକା କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ ।

ଡିସେମ୍ବର ୧୩ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଜଗତସିଂହପୁର, ୨୨/୧୧ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ସ୍ତରୀୟ ଓ ତାଲୁକ ସ୍ତରୀୟ ଚଳିତ ବର୍ଷର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଡିସେମ୍ବର ମାସ ୧୩ ତାରିଖରେ ସମସ୍ତ ଅଦାଲତ, ସ୍ଥାନୀୟ ପୌରପରିଷଦ ସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମୋକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ ମାମଲା, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ, ଜଳ ଓ ଅନ୍ୟାନ୍ୟ ବିଲ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ ଦେଇ) ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା , ଭତ୍ତା ଓ ଅବସର କାଳୀନ ପ୍ରାପ୍ୟ), ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ, କେବଳ ବିଚାରାଧିନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା), ଚେକ ବାଉନ୍ସ ମାମଲା, ବିଏସ୍ଏନ୍ଏଲ୍, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟାନ୍ୟ ସାଲିସ ଯୋଗ୍ୟ ଫୌଜଦାରୀ ଓ ଅନ୍ୟାନ୍ୟ ଦିୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ । ଲୋକ ଅଦାଲତରେ ମୋକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡେ ନାହିଁ ଏବଂ ଲୋକ ଅଦାଲତର ରାୟ ବୈଧ, ଚୂଡାନ୍ତ ଏବଂ ଅମଳ ଯୋଗ୍ୟ , ଯଦି କୌଣସି ବିଚାରାଧିନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମୋକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରନ୍ତୁ । ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାର୍ଯ୍ୟରତ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ସୂଚନା ପ୍ରଦାନ କରାଯାଇଛି ।

ଦେଶର ୧୦ଟି କେନ୍ଦ୍ରୀୟ ଶ୍ରମିକ ସଂଗଠନଙ୍କ ବିରୋଧ, ୨୬ ନଭେମ୍ବରରେ ସାରା ରାଜ୍ୟରେ ତୀବ୍ର ପ୍ରତିବାଦ ଓ ଆନ୍ଦୋଳନ

ଖୋର୍ଦ୍ଧା, ୨୨/୧୧ (ଆ.ପ୍ର) : କେନ୍ଦ୍ରୀୟ ଶ୍ରମିକ ସଂଗଠନ ସଂଯୋଜକ ତଥା ଏଆଇସିସିଟିୟୁ, ସମ୍ପାଦକ ମହେନ୍ଦ୍ର ପରିଡ଼ା ଜଣାଇଛନ୍ତି ଯେ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମିଳିତ ମଂଚ ପକ୍ଷରୁ କେନ୍ଦ୍ର ସରକାରଙ୍କର ଏକତରଫା ଭାବରେ ଶ୍ରମ ସଂହିତାକୁ ଦେଶରେ କାର୍ଯ୍ୟକାରୀ କରିବାକୁ ତୀବ୍ର ନିନ୍ଦା କରାଯାଇଅଛି । ଏହା ଦେଶର ଶ୍ରମଜୀବି ଜନଗଣଙ୍କ ସହ ଏକ ସଂପୂର୍ଣ୍ଣ ଧୋକା ବୋଲି ମଂଚ ପକ୍ଷରୁ କୁହାଯାଇଛି । ୨୧ ନଭେମ୍ବର ୨୦୨୫ ରେ ଜାରି ହୋଇଥିବା ଏହି ୪ ଟି ଶ୍ରମ ସଂହିତାର ଅଧିସୂଚନା ସମସ୍ତ ଲୋକ ତାନ୍ତ୍ରିକ ପରମ୍ପରାକୁ ଅବହେଳା କରିବା ସହ ଭାରତର କଲ୍ୟାଣ ମୂଳକ ରାଜ୍ୟର ଚରିତ୍ରକୁ ଧ୍ୱଂସ କରିଦେଇଛି । କେନ୍ଦ୍ରୀୟ ଟ୍ରେଡ ୟୁନିୟନ ଓ ସ୍ୱାଧୀନ ମହାସଂଘ ମାନଙ୍କର ମିଳିତ ମଂଚର ୨୯ ଟି ବର୍ତ୍ତମାନ ଶ୍ରମ ଆଇନକୁ ନିରସ୍ତ କରି ଏହି କଠୋର ଶ୍ରମ ସଂହିତା ମାନଙ୍କୁ ୨୦୧୯ ଓ ୨୦୨୦ରୁ କାର୍ଯ୍ୟକାରୀ କରାଯାଇଥିବା ଦିନଠାରୁ ତୀବ୍ର ବିରୋଧ କରୁଛନ୍ତି । ୨୦୨୦ ମସିହାରେ ଏହା ଦେଶବ୍ୟାପୀ ହରତାଳ ହୋଇଥିଲା ଏବଂ ଶିଳ୍ପ ସଂପର୍କ ସଂହିତା, ସାମାଜିକ ସୁରକ୍ଷା ସଂହିତା, ବୃତ୍ତିଗତ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାମର ସର୍ତ୍ତ ସଂହିତା ଜାରି ହେବା ପରେ ମଧ୍ୟ ତୁରନ୍ତ ବିରୋଧ ତୀବ୍ର ହୋଇଥିଲା ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ସହିତ ସାମିଲ ହୋଇ ଐତିହାସିକ ଦିଲ୍ଲୀ ଚଲୋ ଆନ୍ଦୋଳନରେ ନଭେମ୍ବର ୨୬ ତାରିଖରେ ସାଧାରଣ ହରତାଳ କରାଯାଇଥିଲା । ୨୦୨୦ ମସିହା ଓ ୨୦୨୫ ମସିହା ଭିତରେ କେନ୍ଦ୍ର ସରକାର ଆଇଏଲସି ଡାକିବାକୁ ଶ୍ରମିକ ସଂଗଠନ ଦାବୀ କରିଥିଲେ ସୁଦ୍ଧା ବିଜେପି ସରକାର ଏହାକୁ କର୍ଣ୍ଣପାତ କରିନଥିଲେ । ବିଜେପି ସରକାର କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ମାନଙ୍କର ଅପିଲ, ପ୍ରତିବାଦ କିମ୍ବା ପ୍ରତିବାଦକୁ ଅବହେଳା କରି ପ୍ରତିବାଦକୁ ଭାରତୀୟ ମଜଦୁର ସଂଘ ଓ ଅନ୍ୟାନ୍ୟ ସରକାରୀ ଗୋଷ୍ଠୀ ମାନଙ୍କର ଦାବୀ ପୂରଣ ପାଇଁ ଏହି ସଂହିତାକୁ ପ୍ରଭାବି କରିଦେଇଛନ୍ତି । କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ସରକାରଙ୍କୁ ସତର୍କ କରି କହିଛନ୍ତି ଯେ, ଦେଶ ବେରୋଜଗାରୀର ଗମ୍ଭୀର ସଂକଟ ଓ ବଢୁଥିବା ମହଙ୍ଗା ମଧ୍ୟରେ ସରକାରଙ୍କର ଏହି ସଂହିତାର ଅଧିସୂଚନା ମେହେନତ ଜନତାଙ୍କ ବିରୋଧରେ ସରକାର ଏକ ପ୍ରକାର ଯୁଦ୍ଧ ଘୋଷଣା କରିଛନ୍ତି । କେନ୍ଦ୍ରୀୟ ଟ୍ରେଡ ୟୁନିୟନ ମିଳିତ ମଂଚ ଏହି ସଂହିତାକୁ ଦେଶର ସବୁଠାରୁ ଅଗଣତାନ୍ତ୍ରିକ, ପ୍ରତିଗାମୀ, ଶ୍ରମିକ ବିରୋଧି ଓ ମାଲିକ ସପକ୍ଷବାଦୀ ବୋଲି କହିଛନ୍ତି । ଏହା ଶ୍ରମଜୀବି ଲୋକଙ୍କ ଉପରେ ଏହି ବିନାଶକାରୀ ଆକ୍ରମଣକୁ ଐତିହାସିକ ମୁହଁତୋଡ ଜବାବ ଦିଆଯିବ । ସେମାନେ କହିଛନ୍ତି ଯେ ଏହି ସଂହିତାମାନେ ଶ୍ରମିକମାନଙ୍କ ଜୀବନ ଓ ଜୀବିକା ଉପରେ " ନରସଂହାର ଆକ୍ରମଣ" ଯାହା ତାଙ୍କୁ ଏକ ଦାସତ୍ୱ ପ୍ରଥା ଭିତରକୁ ଠେଲି ଦେବ । ଏହି ସଂହିତା ପୁରାପୁରି କାର୍ଯ୍ୟକାରୀ ହୋଇଗଲେ, ଅସନ୍ତା ପିଢ଼ିମାନଙ୍କର ଆଶା, ବିଶ୍ୱାସ ଓ ଆକାଂକ୍ଷା ଧ୍ୱଂସ ହୋଇଯିବ । କେନ୍ଦ୍ର ସରକାର ତାଙ୍କ ପୁଞ୍ଜିପତି ମିତ୍ର ମାନଙ୍କ ସହ ମିଶି ଦେଶକୁ ପୁଣିଥରେ ମାଲିକ ଓ ନୌକର ଶୋଷଣ ଯୁଗକୁ ଫେରାଇବାକୁ ଚାହୁଁଛି । ଯାହାକୁ କେବେ ଶ୍ରମଜୀବି ଜନଗଣ ବରଦାସ୍ତ କରିବେ ନାହିଁ । କେନ୍ଦ୍ରୀୟ ଶ୍ରମିକ ସଂଗଠନ ମିଳିତ ମଂଚ ସରକାରଙ୍କୁ ଚେତାଇ ଦେଇଛି ଯେ ଭାରତର ଶ୍ରମଜୀବି ଜନଗଣଙ୍କ ଲାଗି ଏହି ସଂହିତାକୁ ରଦ୍ଦ କରାଯାଉ ନଚେତ ଦୃଢ଼ ଲଢ଼େଇ ଜାରି ରହିବ । ଆସନ୍ତା ତା ୨୬/୧୧/ ୨୦୨୫ ରିଖରେ ସଂଯୁକ୍ତ କିଷାନ ମୋର୍ଚ୍ଚା ସହ ଏକତ୍ରିତ ହୋଇ ରାଜ୍ୟର ବିଭିନ୍ନ କାର୍ଯ୍ୟସ୍ଥଳରେ ମଜବୁତ ପ୍ରତିରୋଧ କରାଯିବ ଏବଂ ୨୦୨୫ ଶ୍ରମ ସଂହିତାକୁ ରଦ୍ଦ କରିବା ଓ ଶ୍ରମ ଶକ୍ତି ନୀତି ୨୦୨୫ ଖସଡ଼ାକୁ ଫେରାଇବା ଲାଗି ଆଇଏନଟିୟୁସିର ସଭାପତି ଡ. ରାମଚନ୍ଦ୍ର ଖୁଣ୍ଟିଆ, ଏଆଇଟିୟୁସିର ସାଧାରଣ ସମ୍ପାଦକ ବିଜୟ ଜେନା, ଏଚ୍ଏମ୍ଏସର ସାଧାରଣ ସମ୍ପାଦକ ପ୍ରଭାତ ତ୍ରିପାଠୀ, ସି.ଆଇ.ଟି.ୟୁର ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଏଆଇୟୁଟିୟୁସିର ସାଧାରଣ ସମ୍ପାଦକ ଜୟସେନ ମେହେରା, ଏଆଇସିସିଟିୟୁର ସାଧାରଣ ସମ୍ପାଦକ ମହେନ୍ଦ୍ର ପରିଡା, ଟିୟୁସିସିର ସଭାପତି ଜ୍ୟୋତିରଞ୍ଜନ ମହାପାତ୍ର, ଏଲପିଏଫ୍ ସଭାପତି ପ୍ରତାପ ଦାସ ଓ ଶ୍ରମିକ ନେତା ପୂର୍ବତନ ବିଧାୟକ ରାଧାକାନ୍ତ ସେଠୀ, ଶ୍ରମିକ ନେତା ଦୁଷ୍ମନ୍ତ ଦାସ, କିଶୋର ଜେନା, ନିରଞ୍ଜନ ମହାନ୍ତି, ଜୟନ୍ତ ଦାସ ପ୍ରମୁଖ ଦାବୀ କରିଛନ୍ତି ।

ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ କ୍ରୀଡ଼ା ଉତ୍ସବ

ଜି.ଉଦୟଗିରି, ୨୨/୧୧ (ଆ.ପ୍ର) : ଜି.ଉଦୟଗିରି ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୨ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବନପାଳ ପ୍ରଶିକ୍ଷଣ ବିଦ୍ୟାଳୟର ଉପବନ ଅତିରିକ୍ତ ସଂରକ୍ଷକ ସୁଶ୍ରୀ କଳ୍ପନା ନାୟକ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମ ସଭାପତି ବିନୋଦ ବିହାରୀ ଦାଶଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଉଦଯାପନୀ ଦିବସରେ ସ୍ଥାନୀୟ ଥାନା ମହିଳା ଅଧିକାରୀ ରଞ୍ଜିତା ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବେ ଅବସର ପ୍ରାପ୍ତ ଶିକ୍ଷା ପ୍ରାଧ୍ୟାପକ ତଥା ବିଦ୍ୟାଳୟ କମିଟି ଉପଦେଷ୍ଟା ଲକ୍ଷ୍ମୀକେଶ୍ୱର ରଥ ଯୋଗ ଦେଇ ବିଦ୍ୟାଳୟର ସ୍ତରରେ ଶିଶୁର ଶାରୀରିକ ବିକାଶ ପାଇଁ କ୍ରୀଡ଼ା ର ଆବଶ୍ୟକତା କଣ ସେ ନେଇ ଉପଦେଶ ପ୍ରଦାନ କରିଥିଲେ । ଅନୁଷ୍ଠାନ ର ସମ୍ପାଦକ ଶିବରାମ ସାହୁ,ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ପ୍ରିୟବ୍ରତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ମାଧବା ନନ୍ଦ ଦାସ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଆଚାର୍ଯ୍ୟ ବାବୁଲା ଦଳବେହେରା ଘୋଷ ବାଦ୍ୟ ସଂଚାଳନ ପୂର୍ବକ ହନୁମାନ ମନ୍ଦିର ଠାରୁ ଜ୍ୟୋତି ପ୍ରଜ୍ୱଳନ ପୂର୍ବକ ମଶାଲକୁ ଉଦଘାଟନ କାର୍ଯ୍ୟକ୍ରମ ସମୟରେ ଉପସ୍ଥିତ କରାଇଥିଲେ । ବିଦ୍ୟାଳୟର ସମ୍ପାଦକ ଶିବରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ରଶ୍ମିତା ପାଣିଗ୍ରାହୀ ଓ ସ୍ନେହଲତା ସେନାପତି ଆଚାର୍ଯ୍ୟା କ୍ରୀଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟା ଓ ବିଦ୍ୟାର୍ଥୀଙ୍କ ସମେତ ଅନ୍ୟମାନେ ନିଷ୍ଠାର ସହିତ ଅଂଶଗ୍ରହଣ କରି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

ପଡ଼ୋଶୀଙ୍କ ମୁଣ୍ଡ ଫଟାଇବା ଅଭିଯୋଗରେ ମା-ଝିଅ କୋର୍ଟ ଚାଲାଣ

କୁକୁଡ଼ାଖଣ୍ଡି, ୨୨/୧୧ (ଆ.ପ୍ର) : ସଦର ଥାନା ଅନ୍ତର୍ଗତ ରତନପୁର ଗ୍ରାମରେ ଜଣେ ପଡୋଶୀଙ୍କୁ ଇଟା ଫିଙ୍ଗି ମୁଣ୍ଡ ଫଟାଇଥିବା ଅଭିଯୋଗରେ ମା ଓ ଝିଅକୁ କୋର୍ଟ ଚାଲାଣ କରିଛି ସଦର ଥାନା ପୋଲିସ । ସୂଚନା ଅନୁଯାୟୀ, ରତନପୁର ଗ୍ରାମର ସବିତା ସ୍ୱାଇଁ (୫୦) ତାଙ୍କ ସ୍ୱାମୀଙ୍କ ଦେହାନ୍ତ ପରେ ଝିଅ ରୋଜାଲି(୨୩) ଙ୍କ ସହ ମିଶି ଗ୍ରାମରେ ରହୁଛନ୍ତି । ହେଲେ ତାଙ୍କ ପଡ଼ୋଶୀ ଘରେ ଶଙ୍କର ସ୍ୱାଇଁ ଓ ତାଙ୍କ ପରିବାର ଲୋକେ ରହୁଛନ୍ତି ଓ ପୂର୍ବରୁ ସବିତା ଓ ଶଙ୍କରଙ୍କ ପରିବାର ମଧ୍ୟରେ ବିବାଦ ରହିଥିଲା । ଏନେଇ ଥାନାରେ ମଧ୍ୟ ମାମଲା ରୁଜୁ ହୋଇଥିଲା । ତେବେ ୨୦ ତାରିଖ ସନ୍ଧ୍ୟାରେ ଶଙ୍କର ଘର ବାହାରେ ଛିଡ଼ା ହୋଇଥିବା ବେଳେ ସବିତାଙ୍କ ଝିଅ ରୋଜାଲି ମଧ୍ୟ ନିଜ ଘର ଛାତ ଉପରେ ଛିଡ଼ା ହୋଇଥିଲେ । କୌଣସି କାରଣରୁ ରୋଜାଲି ଏକ ଇଟା ଫିଙ୍ଗିଦେବାରୁ ଶଙ୍କରଙ୍କ ମୁଣ୍ଡଫାଟି ଯାଇଥିଲା । ଶଙ୍କରଙ୍କ ପତ୍ନୀ ଦୌଡ଼ି ଆସି ସ୍ୱାମୀକୁ ଉଦ୍ଧାର କରିବାକୁ ଚେଷ୍ଟା କରିବା ବେଳେ ସବିତା ଓ ତାଙ୍କ ଝିଅ ମିଶି ଗାଳିଗୁଲଜ ସହ ଆକ୍ରମଣ କରିଥିବା ଶଙ୍କର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମା-ଝିଅକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ପୋଲିସ ସୂଚନା ଦେଇଛି ।

ସୁନାବେଡ଼ା ଅଭୟାରଣ୍ୟରେ ବିଧାୟକ ଜୟ ଢୋଲକିଆ



ନୂଆପଡ଼ା, ୨୨/୧୧ (ଆ.ପ୍ର) : ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସୁନାବେଡ଼ା ଅଭୟାରଣ୍ୟ ଗସ୍ତରେ ନବନିର୍ବାଚିତ ବିଧାୟକ ଜୟ ଢୋଲକିଆ । ସେଠି ସୁନାଦେଈଙ୍କ ଦର୍ଶନ କରିବା ସହ ସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀଙ୍କୁ ଭେଟି ସମସ୍ୟା ବୁଝିଛନ୍ତି । ଆଜି ମଧ୍ୟାହ୍ନରେ ନୂଆପଡ଼ା ବିଧାୟକ ଶ୍ରୀ ଢୋଲକିଆ ବିଜୟ ପରେ ସୁନାବେଡ଼ା ଅଭୟାରଣ୍ୟ ଗସ୍ତ କରିଥିଲେ । ସେଠି ମା ସୁନାଦେଈଙ୍କ ମନ୍ଦିରକୁ ଯାଇ ମା'ଙ୍କ ଠାରେ ମୁଣ୍ଡିଆ ମାରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ମନ୍ଦିର ଭିତରେ ପୂଜା ଅର୍ଚ୍ଚନା କରିଥିଲେ । ସୁନାଦେଈ ମନ୍ଦିର ପୂଜକ ବିଶ୍ରାମ ଛତ୍ରିଆ, ସିଆଇଜଟି ସରପଂଚ କାଳିଆ ପ୍ରଧାନ, ସୁନାବେଡ଼ା ପୂର୍ବତନ ସରପଂଚ ତିଲସିଂ ଝାଙ୍କର, ବିଜୟ ଝାଙ୍କର, ଯୁବରାଜ ଛତ୍ରିଆ, ପର୍ଶୁରାମ ମାଝି ପ୍ରମୁଖ ଉପସ୍ଥିତ ଥିଲେ । ଅପରାହ୍ନରେ ସାଲେପଡ଼ା ପିଭିଟିଜି ଏଜୁକେସନ କମ୍ପ୍ଲେକ୍ସ ହାଇସ୍କୁଲ ପରିଦର୍ଶନ କରି ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଭେଟି ସମସ୍ୟା ପଚାରି ବୁଝିଥିଲେ । ସନ୍ଧ୍ୟାରେ ଦେଓଦର୍ହା ଗାଁର ଇନ୍ଦ୍ରାଣୀ ଦେବୀଙ୍କ ଦର୍ଶନ କରିବା ସହ ଗାଁରେ ବୈଠକକରି ଲୋକଙ୍କ ସହ ଆଲୋଚନା କରିଥିଲେ । ସନ୍ତୋଷ ସୂପକାର, ମହେନ୍ଦ୍ର ଦୀପ, ପୁଷ୍ପରଂଜନ ନାଗ, ସୁଶୀଳ ସୋନୀ ପ୍ରମୁଖ ଉପସ୍ଥିତ ଥିଲେ ।

ସରକାରୀ କ୍ରୀଡା ଛାତ୍ରାବାସରେ ଛାତ୍ରଛାତ୍ରୀଙ୍କ ଦାଖଲ ନିମନ୍ତେ ଅନଲାଇନ ପଞ୍ଜିକରଣ ଆରମ୍ଭ

ନୂଆପଡା, ୨୨/୧୧ (ଆ.ପ୍ର) : ଓଡିଶା ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ କ୍ରୀଡା ଛାତ୍ରାବାସରେ ଦାଖଲ ନିମିତ୍ତ ଅନଲାଇନ ପଞ୍ଜିକରଣ ଆରମ୍ଭ ହୋଇଛି । ଇଚ୍ଛୁକ ଛାତ୍ର ତଥା ଅଭିଭାବକ ମାନଙ୍କୁ ଅନୁରୋଧ ଯେ ସେମାନେ ନିଜ ବିଦ୍ୟାଳୟର କ୍ରୀଡା ଶିକ୍ଷକଙ୍କ ସହିତ ଯୋଗାଯୋଗ କରି ଅନଲାଇନରେ ନିଜ ବିଦ୍ୟାଳୟ ତଥା ନିଜ ନାମ ପଞ୍ଜିକରଣ କରିନେବେ । ପଞ୍ଜିକରଣ ନିମନ୍ତେ ଥିବା ଖେଳ ଗୁଡିକ ହେଲା ଫୁଟବଲ, ଭଲିବଲ, ଖୋ - ଖୋ, ଦୌଡ଼କୁଦ, ତିରନ୍ଦାଜ, ବାସ୍କେଟବଲ, ସାଇକ୍ଲିଙ୍ଗ, ଫେନସିଙ୍ଗ, ଜୁଡୋ, ସ୍ୱିମିଙ୍ଗ, ଓ ଜିମନାଷ୍ଟିକ । ଛାତ୍ର ଛାତ୍ରୀଙ୍କ ବୟସ ୦୮ ବର୍ଷରୁ ୧୪ ବର୍ଷ ମଧ୍ୟରେ ହୋଇଥିବା ଆବଶ୍ୟକ । ଛାତ୍ରଛାତ୍ରୀ ମାନେ ୦୧.୦୮.୨୦୧୧ରୁ ୦୧.୦୮.୨୦୧୭ ମଧ୍ୟରେ ଜନ୍ମଗ୍ରହଣ କରିଥିବା ଆବଶ୍ୟକ । ଜିମିନାଷ୍ଟିକ ଖେଳ ନିମନ୍ତେ ବୟସ ୮ରୁ ୧୧ ବର୍ଷ ହୋଇଥିବା ବିଧେୟ । (୦୧.୦୭.୨୦୧୧ ରୁ ୦୧.୦୮.୨୦୧୪ ମଧ୍ୟରେ) । ଉକ୍ତ ଚୟନ ପ୍ରକ୍ରିୟାରେ ଯେକୌଣସି ବିଦ୍ୟାଳୟର ଛାତ୍ର ଛାତ୍ରୀ ଭାଗ ନେଇପାରିବେ । ଏଥିନିମନ୍ତେ ଜିଲ୍ଲା କାର୍ଯ୍ୟାଳୟରୁ ଜିଲ୍ଲା ଶିକ୍ଷା ଅଧିକାରୀ ନୂଆପଡା, ଜିଲ୍ଲା ମଙ୍ଗଳ ଅଧିକାରୀ ନୂଆପଡାଙ୍କୁ ଅଧିକରୁ ଅଧିକ ଛାତ୍ର ଛାତ୍ରୀଙ୍କ ନାମ ପଞ୍ଜିକରଣ ନିମନ୍ତେ ବିହିତ ଅନୁରୋଧ କରାଯାଇଛି । ୨୭.୧୧.୨୯୨୫ ପଞ୍ଜିକରଣର ଶେଷ ତାରିଖ ଅଟେ । ଏଣୁ ସମସ୍ତ ଇଚ୍ଛୁକ ଛାତ୍ରଛାତ୍ରୀ ତଥା ଅଭିଭାବକ ମାନଙ୍କୁ ଅନୁରୋଧ ଯେ ସେମାନଙ୍କର ନିଜ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ କିମ୍ବା କ୍ରୀଡ଼ାଶିକ୍ଷକଙ୍କୁ ସାକ୍ଷାତ କରି ପଞ୍ଜିକରଣ କରିନିଅନ୍ତୁ ଏବଂ ଉକ୍ତ ଚୟନ ପ୍ରକ୍ରିୟାରେ ସାମିଲ ହୁଅନ୍ତୁ । ଉକ୍ତ ସୁଯୋଗ ବର୍ଷରେ କେବଳ ଥରେ ମାତ୍ର ମିଳେ । ଏହାର ସୁବିନିଯୋଗ କରନ୍ତୁ । ସମସ୍ତ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ଅନୁରୋଧ ସେମାନେ ନିଜ ବିଦ୍ୟାଳୟରେ କମିଟି ଗଠନ କରି ଉପଯୁକ୍ତ କ୍ରୀଡ଼ାବିତ ମାନଙ୍କୁ ନାମ ପଞ୍ଜିକରଣ କରିବାରେ ସାହାଯ୍ୟ କରିବେ । ପଞ୍ଜିକରଣ ନିମନ୍ତେ ପୋର୍ଟାଲ ହେଲା https://portal.sportsodisha.gov.in/Talent/LoginSchool ଆବଶ୍ୟକସ୍ଥଳେ ବ୍ଲକରେ ଅବସ୍ଥାପିତ ବ୍ଲକ ଶିକ୍ଷାଧିକାରୀ କିମ୍ବା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ । ଅଥବା ଜିଲ୍ଲା କ୍ରୀଡାଧିକାରୀଙ୍କୁ ମୋବାଇଲ ନମ୍ବର ୯୩୪୮୧୩୬୫୧୫ରେ ଯୋଗଯୋଗ କରିପାରିବେ । ଏଣୁ ସମସ୍ତ ଇଚ୍ଛୁକ ଛାତ୍ରଛାତ୍ରୀ ଏବଂ ଅଭିଭାବକ ମାନଙ୍କୁ ଯଥାଶୀଘ୍ର ନାମ ପଞ୍ଜିକରଣ ଆଗାମୀ ୨୭.୧୧.୨୦୨୫ ଆଗରୁ କରିବା ନିମନ୍ତେ ଜିଲ୍ଲା କ୍ରୀଡା ଅଧିକାରୀ ନୂଆପଡା, ରାଜେନ୍ଦ୍ର ପ୍ରସାଦ ବଡ଼ାଇ ଅନୁରୋଧ କରିଛନ୍ତି ।

ଯୁବ ସାମ୍ବାଦିକଙ୍କ ପରଲୋକ



ବଣାଇଁ,୨୨/୧୧ (ଆ.ପ୍ର) : ବଣାଇଁଗଡ଼ ସହର ସାପ୍ତାହିକ ଖବରକାଗଜ ବିଶେଷ ଖବରର ସାମ୍ବାଦିକ ଅଗସ୍ତି ନାୟକଙ୍କର ୪୮ ବର୍ଷ ବୟସରେ ଗତକାଲି ରାତି ୩ ଘଟିକା ସମୟରେ ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟଭାଷୀ, ଉଦାରଚିତ୍ତ ବ୍ୟକ୍ତିତ୍ୱ ଥିବାରୁ ସେ ସମସ୍ତଙ୍କ ପାଖରେ ପ୍ରିୟପାତ୍ର ହୋଇପାରିଥିଲେ । ସେ ଗତ କିଛିଦିନ ଧରି ଅସୁସ୍ଥ ହୋଇ ଚିକିତ୍ସିତ ହେଉଥିବା ବେଳେ ଗତ କାଲି ରାତିରେ ଭୁବନେଶ୍ୱର ସ୍ଥିତ ହାଇଟେକ ହସ୍ପିଟାଲରେ ତାଙ୍କର ପରଲୋକ ଘଟିଥିଲା । ସେ ଏକାଧାରରେ ବଣାଇଁ ବିଜୁ ଜନତା ଦଳର ବଣାଇଁଗଡ଼ ପୂର୍ବତନ ପଂଚାୟତ ସଭାପତି ଥିବା ସହିତ ଯୁବ ନେତା ଭାବେ କାର୍ଯ୍ୟ କରୁଥିଲେ । ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପିତା ସାର୍ଥକ ନାୟକ, ଧର୍ମପତ୍ନୀ, ପୁଅ, ଭାଇ, ଭାଇ ବୋହୂ, ଭଉଣୀ ଓ ବନ୍ଧୁ ବାନ୍ଧବ ପ୍ରମୁଖ ଉପସ୍ଥିତ ଥିଲେ । ତାଙ୍କ ପରଲୋକରେ ସମଗ୍ର ବଣାଇଁ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ବଣାଇଁ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ । ବଣାଇଁ ଗଡ଼ ତୀର୍ଥ ଘାଟରେ ଆଜି ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା ଏବଂ ତାଙ୍କର ଏକମାତ୍ର ପୁତ୍ର ଆୟୁଷ ନାୟକ ମୁଖାଗ୍ନି ଦେଇଥିଲେ ।

ପରିବେଶ ସୁରକ୍ଷା ଆମ ଦାୟୀତ୍ୱ

ଦଶପଲ୍ଲା, ୨୨/୧୧ (ଆ.ପ୍ର) : ମାନବ ବଂଚିବା ପାଇଁ ଗୁରୁତ୍ୱ ହୋଇଥାଏ ଏକ ସ୍ୱଚ୍ଛ ପରିବେଶ । ଏହି ପରିପ୍ରେକ୍ଷୀରେ ଆଜି ଦଶପଲ୍ଲା ବ୍ଲକ ଟାକରା ପଂଚାୟତ ଅନ୍ତର୍ଗତ ମିଟୁକୁଳି ଗ୍ରାମ ନିକଟରେ ଥିବା 'ରନ୍ଦ୍ରଗଣ୍ଡ 'ଝରଣାକୁ ଗ୍ରାମସଭା ସମୂହ, ଦଶପଲ୍ଲା ପକ୍ଷରୁ ସଭାପତି ପ୍ରମୋଦ କୁମାର ସାହୁଙ୍କ ନେତୃତ୍ୱରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାନାମ୍ବର ନାୟକ, ଲକ୍ଷ୍ମୀଧର ମୁତୁଲି ପ୍ରମୁଖ ସହଯୋଗ କରିଥିବା ବେଳେ ଟାକରା, ମିଟୁକୁଳି, ବାଙ୍କଚୈନା, ବୁଗୁଡ଼ା, ପାନାବାରୀ ଗ୍ରାମର ଜନସାଧାରଣ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରନ୍ଦ୍ରଗଣ୍ଡ ଜଳପ୍ରପାତର ସଫେଇ କରିଥିଲେ । ଗ୍ରାମସଭା ସମୂହ, ଦଶପଲ୍ଲା କମିଟିର ସଭାପତି ପ୍ରମୋଦ କୁମାର ସାହୁ କହିଛନ୍ତି କି ପ୍ରତ୍ୟକବର୍ଷ ପିକନିକ ଋତୁରେ ଏହି ପ୍ରଯ୍ୟଟନ ସ୍ଥଳୀକୁ ବୁଲିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଏହି ଜଳପ୍ରପାତର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସୁଥିବାବେଳେ ଭୋଜିଭାତ କରି ଫେରିଲା ବେଳକୁ ପ୍ଲାଷ୍ଟିକ ବୋତଲ, ଜରି, ମଦ୍ୟପାନ କରି କାଚବୋତଲକୁ ଏଣେତେଣେ ଫୋପାଡ଼ି ଦେଇଚାଲି ଯାଉଛନ୍ତି । ଫଳରେ ଅନ୍ୟପାଇଁ ଏହା ବିପଦ ସାଜୁଥିବାବେଳେ ବହୁ ସମସ୍ୟା ଘଟୁଛି । ତେଣୁ ଆମର ଏଥିପାଇଁ ଏ ପ୍ରୟାସ ଜଳପ୍ରପାତଟିକୁ ସଫାକରିବା ସହିତ ପ୍ରଚାରପ୍ରସାର, ହୋଡିଂ ଲଗାଇ ଆସୁଥିବା ପର୍ଯ୍ୟଟକଙ୍କୁ ସଚେତନତା କରିବା ମଧ୍ୟ ଆମର ମୂଳ ଲକ୍ଷ୍ୟବୋଲି କହିବା ସହ ଜଙ୍ଗଲସୁରକ୍ଷା, ପରିବେଶ ରକ୍ଷା କରିବା, ସୁନ୍ଦ ପରିବେଶ ସୃଷ୍ଟି କରିବା ମଧ୍ୟ ଆମର ଦାୟୀତ୍ୱ ବୋଲି କହିଛନ୍ତି । ଲୋକମାନଙ୍କ ମନରେ ଥିବା ନକରାତ୍ମକ ଚିନ୍ତାଧାରାକୁ ଦୂରେଇ ରନ୍ଦ୍ରଗଣ୍ଡକୁ ଆସିଲେ ଅଳିଆ, ଆବର୍ଜନା ନକରି ବରଂ ଗୋଟିଏ ଜଡ଼ରେ ରଖିବା ପାଇଁ କମିଟି ତରଫରୁ ଅନୁରୋଧ କରାଯାଇଛି ।

ଭାରତ - ଦକ୍ଷିଣ ଆଫ୍ରିକା ଟେଷ୍ଟ : ପ୍ରଥମ ଦିନରେ ଦକ୍ଷିଣ ଆଫ୍ରିକା ୨୪୭/୬

ନୂଆଦିଲ୍ଲୀ, ୨୨/୧୧(ନ୍ୟୁ.ଏ): ଆଜି ଠାରୁ ଆରମ୍ଭ ହୋଇଛି ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଦ୍ୱିତୀୟ ଟେଷ୍ଟ । ଗୁହାଟୀରେ ଖେଳା ଯାଉଥିବା ଏହି ଟେଷ୍ଟର ପ୍ରଥମ ଦିନରେ ଦୁଇ ଦଳ ମଧ୍ୟରେ ଦେଖିବାକୁ ମିଳିଛି କଡ଼ା ଟକ୍କର । ପ୍ରଥମ କିଛି ଘଂଟା ଦକ୍ଷିଣ ଆଫ୍ରିକା ନାଁରେ ରହିଥିବା ବେଳେ ପରେ ଭାରତ କମବ୍ୟାକ କରିଥିଲା । ଏହାପରେ ପୁଣି କିଛି ଘଂଟା ଦକ୍ଷିଣ ଆଫ୍ରିକା ବ୍ୟାଟର ନିଜର ଦବଦବା ଦେଖାଇଥିଲେ । ଶେଷ ଆଡ଼କୁ ଭାରତୀୟ ବୋଲର କମାଲ କରିବା ସହ ୪ ୱିକେଟ ଦଖଲ କରିଥିଲେ । ସେହିପରି ଟେଷ୍ଟ ଇତିହାସରେ କେବେ ଦେଖା ଯାଇ ନଥିବା ଘଟଣା ମଧ୍ୟ ଗୁହାଟୀରେ ଦେଖାଯାଇଛି । ଟେଷ୍ଟ ଇତିହାସରେ ପ୍ରଥମଥର ପାଇଁ କୌଣସି ଦଳର ଟପ୍ ୪ ବ୍ୟାଟର ୩୫ କିମ୍ବା ତା' ଠାରୁ ଅଧିକ ରନ କରିଥିଲେ ହେଁ ଅର୍ଦ୍ଧଶତକ ହାସଲ କରିପାରି ନାହାନ୍ତି । ଦକ୍ଷିଣ ଆଫ୍ରିକାର ଟପ ୪ ବ୍ୟାଟର ଏଡେନ ମାର୍କରମ ୩୮ ରନ, ରିୟାନ ରିକେଲଟନ ୩୫ ରନ, ଟ୍ରିଷ୍ଟାନ ଷ୍ଟବ ୪୯ ରନ ଓ ଅଧିନାୟକ ତେମ୍ବା ବଭୁମା ୪୧ ରନ କରିଛନ୍ତି । ହେଲେ ଅର୍ଦ୍ଧଶତକ ହାସଲ କରିବା ପୂର୍ବରୁ ସମସ୍ତେ ପ୍ୟାଭିଲିୟନ ଫେରି ଯାଇଛନ୍ତି । ପ୍ରଥମ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୬ ୱିକେଟ ହରାଇ ୨୪୭ ରନ କରି ନେଇଛି । ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୩ଟି ୱିକେଟ ନେଇଥିବା ବେଳେ ଦୁଇ ଦ୍ରୁତ ବୋଲର ଯଶପ୍ରୀତ ବୁମ୍ରା ଓ ମହମ୍ମଦ ସିରାଜ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି । ରବୀନ୍ଦ୍ର ଜାଡେଜାଙ୍କ ଖାତାକୁ ମଧ୍ୟ ଗୋଟିଏ ସଫଳତା ଯାଇଛି । ଭାରତୀୟ ବୋଲର ଆଜି ୮୧.୫ ଓଭର ବୋଲିଂ କରିଛନ୍ତି । ଖରାପ ଆଲୁଅ ଯୋଗୁ ପ୍ରଥମ ଦିନର ଖେଳକୁ ଅମ୍ପାୟାର ଆଗୁଆ ଶେଷ କରି ଦେଇଛନ୍ତି । ଷ୍ଟମ ଅପସାରଣ ବେଳକୁ ସେନୁରାନ ମୁଥୁସାମୀ ୨୫ ଓ କାୟେଲ ଭେରେୟନ୍ନେ ୧ ରନ କରି ଅପରାଜିତ ରହିଛନ୍ତି । ନିୟମିତ ଅଧିନାୟକ ଶୁବମନ ଗିଲଙ୍କ ବିନା ଗୁହାଟୀରେ ଦ୍ୱିତୀୟ ଟେଷ୍ଟ ଖେଳୁଥିବା ଭାରତ ଟସ୍ ହାରି ଯାଇଥିଲା । ଦକ୍ଷିଣ ଆଫ୍ରିକା ଅଧିନାୟକ ତେମ୍ବା ବଭୁମା ଟସ୍ ଜିତି ରକ୍ଷଣ ପନ୍ତଙ୍କ ଦଳକୁ ପ୍ରଥମେ ବୋଲିଂ କରିବାକୁ କହିଥିଲେ । ଏହାକୁ ଠିକ ସାବ୍ୟସ୍ତ କରି ଦଳର ଦୁଇ ଓପନର ଏଡେନ ମାର୍କରମ ଓ ରିୟାନ ରିକେଲଟନ ଦମଦାର ବ୍ୟାଟିଂ କରିଥିଲେ । ଉଭୟ ୨୭ତମ ଓଭର ଯାଏ ବ୍ୟାଟିଂ କରିବା ସହ ଦଳୀୟ ସ୍କୋରକୁ ୮୨ ରନରେ ପହଂଚାଇ ଦେଇଥିଲେ । କିନ୍ତୁ ଏହି ସମୟରେ ଯଶପ୍ରୀତ ବୁମ୍ରା ୩୮ ରନ କରିଥିବା ମାର୍କରମଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଝଟକା ଦେଇଥିଲେ । ଏହାପରେ ଟୀ' ପାନ ବିରତି ହୋଇଥିଲା । ଉତରପୂର୍ବ ଭାରତରେ ଆଗୁଆ ସୂର୍ଯ୍ୟୋଦୟ କାରଣରୁ ଏହି ଟେଷ୍ଟ ମ୍ୟାଚ୍ ପାରମ୍ପରିକ ସମୟଠାରୁ ଭିନ୍ନ ଢଙ୍ଗରେ ଖେଳା ଯାଉଛି । ପ୍ରତ୍ୟେକ ଦିନ ଖେଳ ଅଧଘଂଟା ଆଗରୁ ଆରମ୍ଭ ହେବ । ଅର୍ଥାତ ଆଜି ସକାଳ ସକାଳ ୯ରୁ ମ୍ୟାଚ୍ ଆରମ୍ଭ ହୋଇଥିଲା । ଦିନ ୧୧ଟା ଯାଏ ପ୍ରଥମ ଅଧିବେଶନ ଚାଲିଥିଲା । ଏହାପରେ ପାରମ୍ପରିକ ଢଙ୍ଗରେ ମଧ୍ୟାହ୍ନ ଭୋଜନ ବିରତି ବଦଳରେ ୨୦ ମିନିଟ ପାଇଁ ଟୀ'ପାନ ବ୍ରେକ ହୋଇଥିଲା । ଦ୍ୱିତୀୟ ଅଧିବେଶନର ଖେଳ ୧୧.୨୦ ମିନିଟ୍‌ରୁ ୧.୨୦ ମିନିଟ ଯାଏ ଚାଲିଥିଲା । ମଧ୍ୟାହ୍ନ ଭୋଜନ ବ୍ରେକ ଅପରାହ୍ନ ୧.୨୦ରୁ ୨.୦୦ ପର୍ଯ୍ୟନ୍ତ ହୋଇଥିଲା । ଟୀ' ପାନ ବ୍ରେକରୁ ଫେରିବା ପରେ କୁଲଦୀପ ଯାଦବ ୩୫ ରନ କରିଥିବା ରିକେଲଟନଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ । ଏତିକି ବେଳେ ଷ୍ଟବ୍ ଓ ବଭୁମା ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ନେଇଥିଲେ । ଉଭୟ ଧୀମା ଗତିରେ ରନ ସଂଗ୍ରହ କରିଥିଲେ ହେଁ ୱିକେଟ ଖସିବାକୁ ଦେଇ ନଥିଲେ । ଅଧିନାୟକ ପନ୍ତ ବାରମ୍ବାର ବୋଲିଂରେ ପରିବର୍ତ୍ତନ କରିଥିଲେ ହେଁ କିଛି ବି କାମ ଦେଇ ନଥିଲା । ଉଭୟ ଦଳୀୟ ସ୍କୋରକୁ ୮୨ରୁ ନେଇ ୧୬୬ ରନରେ ପହଂଚାଇ ଦେଇଥିଲେ । ଏତିକି ବେଳେ ଘଟିଥିଲା ବିପର୍ଯ୍ୟୟ । ଅଭିଜ୍ଞ ରବୀନ୍ଦ୍ର ଜାଡେଜା ପ୍ରଥମେ ସେଟ ବଭୁମା(୪୧)ଙ୍କୁ ଯଶସ୍ୱୀ ଜୈସୱାଲଙ୍କ ହାତରେ କ୍ୟାଚ ଆଉଟ କରିଥିଲେ । ଏହାପରେ କୁଲଦୀପ ଯାଦବ ପ୍ରଥମେ ଷ୍ଟବ୍ସ ଓ ପରେ ୧୩ ରନ କରିଥିବା ୱିଆନ ମୁଲଡେରଙ୍କୁ ଆଉଟ କରି ଦକ୍ଷିଣ ଆଫ୍ରିକାକୁ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲା । ଦକ୍ଷିଣ ଆଫ୍ରିକା ୨୦୧ ରନରେ ୫ ୱିକେଟ ହରାଇଥିଲା । ୬ଷ୍ଠ ୱିକେଟ ପାଇଁ ଟୋନୀ ଦେ ଜୋର୍ଜୀ ଓ ମୁଥୁସାମୀ ୪୫ ରନ ଯୋଡ଼ି ଥିଲେ । ଇତି ମଧ୍ୟରେ ଭାରତ ନୂଆ ବଲ ମଧ୍ୟ ୮୦.୨ ଓଭର ପରେ ନେଇଯାଇଥିଲା । ନୂଆ ବଲରେ କମାଲ କରିଥିଲେ ମହମ୍ମଦ ସିରାଜ । ବେଶ ସତର୍କତାର ସହ ଖେଳୁଥିବା ଜୋର୍ଜୀଙ୍କୁ ସେ ୮୨ତମ ଓଭରରେ ପ୍ୟାଭିଲିୟନ ପଠାଇ ଦେଇଥିଲେ । ସେ ଆଉଟ ହେବାର ଆଉ ୪ଟି ବଲ ପରେ ଦିନର ଖେଳକୁ ଖରାପ ଆଲୁଅ ପାଇଁ ଅମ୍ପାୟାର ବନ୍ଦ କରି ଦେଇଥିଲେ । ତେଣୁ ଭଲ ଲୟରେ ଥିବା ଜୋର୍ଜୀ ୨୮ ରନ କରି ନିରାଶ ହୋଇ ପ୍ୟାଭିଲିୟନ ଫେରିଛନ୍ତି । ପ୍ରଥମ ଦିନରେ ୬ ୱିକେଟ ହରାଇ ୨୪୭ ରନ କରିଥିବା ଦକ୍ଷିଣ ଆଫ୍ରିକା ଆସନ୍ତାକାଲି ଏହାକୁ ବଡ଼ ସ୍କୋରରେ ପରିଣତ କରିବା ଲକ୍ଷ୍ୟରେ ରହିବ । ସେହିପରି ଭାରତ ଯଥାଶୀଘ୍ର ଦକ୍ଷିଣ ଆଫ୍ରିକା ଇନଂସରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଚେଷ୍ଟା କରିବ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ; ୮୪ କୋଟିରୁ ଊର୍ଦ୍ଧ୍ୱ ମହିଳା ନିର୍ଯାତିତ

ନୂଆଦିଲ୍ଲୀ, ୨୨/୧୧(ନ୍ୟୁ.ଏ): ଭାରତରେ ୩୦ ପ୍ରତିଶତ ମହିଳା ନିଜର ଅନ୍ତରଙ୍ଗ ସାଥୀ ବା ଜୀବନସାଥୀଙ୍କ ଦ୍ୱାରା ହିଂସାର ଶିକାର ହୋଇଥାନ୍ତି । ଅର୍ଥାତ ସେମାନେ ନିଜ ସ୍ୱାମୀଙ୍କ ଦ୍ୱାରା ଶାରୀରିକ, ମାନସିକ, ଆର୍ଥିକ ଓ ଯୌନ ନିର୍ଯାତନା ଭୋଗିଥାନ୍ତି । ୧୫ ବର୍ଷରୁ ୪୯ ବର୍ଷର ପ୍ରତି ୫ ଜଣରେ ଜଣେ ମହିଳା ଏଭଳି ହିଂସାର ଶିକାର ହୋଇଥାନ୍ତି । ଏଭଳି ଭାବେ ଦେଖିଲେ ବିଶ୍ୱରେ ପ୍ରାୟ ୮୪ କୋଟିରୁ ଅଧିକ ମହିଳା ଜୀବନରେ କେବେ ନା କେବେ ଜୀବନ ସାଥୀଙ୍କ ଦ୍ୱାରା ଯୌନ ନିର୍ଯାତନା ଭୋଗିଥାନ୍ତି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ଏକଥା ଜଣାପଡିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ୨୦୦୦- ୨୦୨୩ ମଧ୍ୟରେ ୧୬୮ଟି ଦେଶକୁ ନେଇ ସର୍ଭେ କରିବା ପରେ ଏହି ରିପୋର୍ଟ ପ୍ରସ୍ତୁତ କରିଛି । ଆସନ୍ତା ନଭେମ୍ବର ୨୫ ଆନ୍ତର୍ଜାତିକ ମହିଳା ବିରୋଧୀ ହିଂସା ନିବାରଣ ଦିବସ (ଇଂଟରନ୍ୟାସନାଲ ଡେ ଫର ଏଲିମିନେସନ ଅଫ୍ ଭାୟୋଲେନ୍ସ ଏଗେନଷ୍ଟ ୱିମେନ) ପୂର୍ବରୁ ଏହି ରିପୋର୍ଟ ଜାରି କରାଯାଇଛି । ଏହି ୨୩ ବର୍ଷ ଭିତରେ ମହିଳାଙ୍କ ବିରୋଧରେ ହେଉଥିବା ହିଂସା ହ୍ରାସ କରିବାକୁ ସେଭଳି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇନାହିଁ । ତେଣୁ ୨୦୩୦ ସୁଦ୍ଧା ମହିଳା ବିରୋଧୀ ହିଂସା ସମାପ୍ତ କରିବା ଲାଗି ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ହାସଲ କରିବା କଷ୍ଟକର ହୋଇପଡିବ । ଜୀବନସାଥୀ କିମ୍ବା ସ୍ୱାମୀଙ୍କୁ ବାଦ୍ ଦେଲେ ଅନ୍ୟମାନଙ୍କ କଥା ଯଦି ଦେଖାଯିବ ତେବେ ବିଶ୍ୱରେ ୧୫ରୁ ୪୯ ବର୍ଷ ବୟସ୍କ ୮.୪ ପ୍ରତିଶତ ମହିଳା ଅନ୍ୟ ବ୍ୟକ୍ତିମାନଙ୍କ ଦ୍ୱାରା ଯୌନ ନିର୍ଯାତନାର ଶିକାର ହୋଇଥାନ୍ତି । ଭାରତରେ ଏହା ୪ ପ୍ରତିଶତ ରହିଛି । ୨୦୨୨ରେ ଗ୍ଲୋବାଲ ଡେଭେଲପମେଂଟ ରିଲିଫ ଫଣ୍ଡରୁ ମାତ୍ର ୦.୨ ପ୍ରତିଶତ ଅର୍ଥ ମହିଳା ବିରୋଧୀ ହିଂସା ରୋକିବା କାର୍ଯ୍ୟକ୍ରମ ଲାଗି ଆବଂଟନ କରାଯାଇଛି । ୨୦୨୫ରେ ଏହି ଅର୍ଥ ଆହୁରି କମ୍ ହୋଇଛି । କିନ୍ତୁ ଏହି ସମୟ ସୀମା ଭିତରେ ମାନବୀୟ ସଙ୍କଟ, ଯୁଦ୍ଧ ଓ ଜଳବାୟୁ ପରିବର୍ତ୍ତନ ଭଳି ବିପଦ ମହିଳାଙ୍କ ବିରୋଧରେ ହିଂସାକୁ ଆହୁରି ବୃଦ୍ଧି କରିଛି । ରିପୋର୍ଟରୁ ଜଣାପଡିଛି ଯେ ହିଂସା ପ୍ରଭାବିତ ମହିଳାଙ୍କୁ ଅସମୟରେ ଗର୍ଭଧାରଣ କରିବା, ଯୌନରୋଗରେ ପୀଡିତ ହେବା ଓ ମାନସିକ ଅବସାଦର ଶିକାର ହେବା ଭଳି ସମସ୍ୟାର ସାମ୍ନା କରିବାକୁ ପଡିଛି । ମହିଳା ବିରୋଧୀ ହିଂସା ସବୁ ଦେଶରେ ଘଟୁଛି । କିନ୍ତୁ କମ୍ ବିକଶିତ ଦେଶ, ସମ୍ବେଦନଶୀଳ ତଥା ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରଭାବିତ ହେଉଥିବା ଦେଶମାନଙ୍କରେ ମହିଳାମାନେ ଅଧିକ ହିଂସାର ସାମ୍ନା କରିଥାନ୍ତି । ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମହାନିର୍ଦ୍ଦେଶକ ଡକ୍ଟର ଟେଡ୍ରୋସ୍ ଅଧନୋମ ଘେବ୍ରେୟେସସ୍ କହିଛନ୍ତି ମହିଳା ବିରୋଧୀ ହିଂସା ମନୁଷ୍ୟର ସବୁଠାରୁ ପୁରୁଣା ତଥା ବଡ ଅନ୍ୟାୟ ମଧ୍ୟରୁ ଅନ୍ୟତମ । ଯେଉଁ ସମାଜର ଅଧା ଲୋକ ଭୟରେ ଜୀବନ ଜୀଇଁଥାନ୍ତି ତାହାକୁ ନିରପେକ୍ଷ, ସୁରକ୍ଷିତ ତଥା ସୁସ୍ଥ ସମାଜ ବୋଲି କୁହାଯାଇପାରିବ ନାହିଁ । ଏହା ସମ୍ମାନ, ସମାନତା ଓ ମାନବାଧିକାର ସହ ଜଡିତ ମାମଲା । ପ୍ରତିଟି ସଂଖ୍ୟା ପଛରେ ଜଣେ ମହିଳା କିମ୍ବା ଯୁବତୀ ଅଛନ୍ତି, ଯାହାଙ୍କ ଜୀବନ ସବୁଦିନ ପାଇଁ ବଦଳି ଯାଇଛି । ମହିଳା ଓ ଯୁବତୀଙ୍କୁ ସଶକ୍ତ କରିବା ଇଚ୍ଛାଧୀନ ନୁହେଁ, ବରଂ ଏହା ଶାନ୍ତି, ବିକାଶ ଓ ସୁସ୍ଥ ସମାଜ ପାଇଁ ଏକ ଜରୁରି ସର୍ତ୍ତ । ମହିଳାଙ୍କ ପାଇଁ ଦୁନିଆ ସୁରକ୍ଷିତ ରହିଲେ ତାହା ସମସ୍ତଙ୍କ ପାଇଁ ସୁରକ୍ଷିତ ରହିପାରିବ ବୋଲି ସେ କହିଛନ୍ତି ।

ଜି୨୦ : ଆମେରିକାର ବୟକଟ୍ ସତ୍ତ୍ୱେ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରସ୍ତାବ ଗୃହୀତ



ଜୋହାନ୍ସବର୍ଗ, ୨୨/୧୧(ନ୍ୟୁ.ଏ): ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଜି୨୦ ଶିଖର ସମ୍ମିଳନୀରେ ଅଂଶଗ୍ରହଣକାରୀ ଦେଶମାନେ ଜଳବାୟୁ ପରିବର୍ତ୍ତନ ଉପରେ ଏକ ଐତିହାସିକ ଘୋଷଣାନାମା ଗ୍ରହଣ କରିଛନ୍ତି । ଆମେରିକାର ବିରୋଧ ଏବଂ ବୟକଟ ସତ୍ତ୍ୱେ ଜି୨୦ ଗୋଷ୍ଠୀ ଏହି ଘୋଷଣାନାମା ଉପରେ ସର୍ବସମ୍ମତିକ୍ରମେ ସହମତ ହୋଇଛି । ଜି୨୦ ଗୋଷ୍ଠୀର ଏହି ପଦକ୍ଷେପକୁ ପରମ୍ପରାରୁ ବିମୁଖତା ଭାବରେ ବର୍ଣ୍ଣନା କରାଯାଉଛି, କାରଣ ଜି୨୦ ରେ ଅଂଶଗ୍ରହଣକାରୀ ବିଶ୍ୱ ନେତାମାନେ ଆମେରିକାର ଅନୁପସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଉପରେ ଏକ ମିଳିତ ଘୋଷଣାନାମା ପାସ୍ କରିଥିଲେ । ଆୟୋଜକ ଦକ୍ଷିଣ ଆଫ୍ରିକା ସହିତ କୂଟନୈତିକ ମତଭେଦକୁ କାରଣ ଭାବରେ ଦର୍ଶାଇ ଆମେରିକା ଜୋହାନ୍ସବର୍ଗରେ ଜି୨୦ ସମ୍ମିଳନୀକୁ ବୟକଟ କରିଥିଲା । ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା କହିଛନ୍ତି ଯେ ଆମେରିକା ମିଳିତ ଘୋଷଣାନାମାର ଶବ୍ଦାବଳୀ ଉପରେ ଆପତ୍ତି କରିଛି । ତଥାପି, ସେ ଜୋର ଦେଇ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଉପରେ ଘୋଷଣାନାମା ସଂପର୍କରେ ପୁନଃ ଆଲୋଚନା କରାଯାଇପାରିବ ନାହିଁ । ରାଷ୍ଟ୍ରପତି ରାମାଫୋସାଙ୍କ ବିବୃତି ୱାଶିଂଟନ ଏବଂ ପ୍ରିଟୋରିଆ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ବଢାଇବାର ଆଶଙ୍କା ରହିଛି । ଦକ୍ଷିଣ ଆଫ୍ରିକା ମହାଦେଶରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉଦବୋଧନ ଦେଇଥିଲେ । 'ସଂହତି, ସମାନତା, ସ୍ଥିରତା' ବିଷୟବସ୍ତୁ ଅଧୀନରେ ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱ ମଂଚରେ ଭାରତର 'ବସୁଧୈବ କୁଟୁମ୍ବକମ୍' ଦୃଷ୍ଟିକୋଣକୁ ଉପସ୍ଥାପନ କରିଥିଲେ, ଯାହାକୁ 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ମଧ୍ୟ କୁହାଯାଏ । ତାଙ୍କର ଭାଷଣ ସମାବେଶୀ ବିକାଶ, ଜଳବାୟୁ ନ୍ୟାୟ ଏବଂ ବିଶ୍ୱ ଦକ୍ଷିଣର ସ୍ୱର ଉପରେ କେନ୍ଦ୍ରିତ ଥିଲା ଏବଂ ଏହାକୁ ବ୍ୟାପକ ଭାବରେ ପ୍ରଶଂସିତ କରାଯାଇଥିଲା ।

ଦୁଇ ଦିନରେ ସରିଗଲା ପ୍ରଥମ ଆଶେସ: ବାଜି ମାରିନେଲା ଅଷ୍ଟ୍ରେଲିଆ

ନୂଆଦିଲ୍ଲୀ, ୨୨/୧୧(ନ୍ୟୁ.ଏ): ଗୋଟିଏ ଅପ୍ରତ୍ୟାଶିତ ଘଟଣାକ୍ରମରେ ଆଶେସ ସିରିଜର ପ୍ରଥମ ଟେଷ୍ଟ ମାତ୍ର ୨ ଦିନରେ ଶେଷ ହୋଇ ଯାଇଛି । ଆଶେସ ସିରିଜର କୌଣସି ମ୍ୟାଚ୍ ଦୁଇ ଦିନରେ ଶେଷ ହେବା ବିରଳ ଘଟଣା । ପ୍ରଥମ ଦିନର ୱିକେଟ ବର୍ଷା ପରେ ଦ୍ୱିତୀୟ ଦିନରେ ଅଷ୍ଟ୍ରେଲିଆ ଦେଖାଇଛି ତା'ର ଦବଦବା । ୮ ୱିକେଟରେ ଇଂଲଣ୍ଡକୁ ହରାଇ ଆଶେସ ସିରିଜରେ ୧-୦ରେ ଆଗୁଆ ହୋଇଛି ଘରୋଇ ଅଷ୍ଟ୍ରେଲିଆ । ପ୍ରଥମ ଦିନରେ ୧୯ ୱିକେଟର ପତନ ପରେ ଆଜି ପର୍ଥରେ ଆଉ ୧୩ ୱିକେଟ ଯାଇଛି । କିନ୍ତୁ ୱିକେଟର ଝଡ଼ ଭିତରେ ଟ୍ରାଭିସ ହେଡ୍ ଖେଳିଛନ୍ତି ବିସ୍ଫୋରକ ଶତକୀୟ ଇନିଂସ । ସେ ବିସ୍ଫୋରକ ୧୨୩ ରନର ଇନିଂସ ଖେଳି ଅଷ୍ଟ୍ରେଲିଆକୁ ୮ ୱିକେଟରେ ବିଜୟ ଭେଟି ଦେଇଛନ୍ତି । ଅଷ୍ଟ୍ରେଲିଆ ମ୍ୟାଚ୍ ଜିତିବାକୁ ୨୦୫ ରନର ଆବଶ୍ୟକ କରୁଥିବା ବେଳେ ହେଡଙ୍କ ବିସ୍ଫୋରଣ ଯୋଗୁ ମାତ୍ର ୨୮.୨ ଓଭରରେ ଏହାକୁ ହାସଲ କରି ନେଇଛି । ହେଡଙ୍କ ବ୍ୟାଟରୁ ବାହାରିଛି ଆଶେସ ଟେଷ୍ଟ ଇତିହାସର ଦ୍ୱିତୀୟ ଦ୍ରୁତତମ ଶତକ । ସେ ମାତ୍ର ୬୯ ବଲରେ ଶତକ ହାସଲ କରିଛନ୍ତି । ଆଶେସ ଟେଷ୍ଟ(Test Match)ରେ ଦ୍ରୁତତମ ଶତ ରେକର୍ଡ ଆଡାମ ଗିଲକ୍ରିଷ୍ଟଙ୍କ ନାଁରେ ରହିଛି । ସେ ୨୦୦୬-୦୭ ଆଶେସରେ ମାତ୍ର ୫୭ ବଲରେ ଶତକ ହାସଲ କରିଥିଲେ । ଆଜି ହେଡ ୬୯ ବଲରେ ଶତକ ମାରିଛନ୍ତି । ଏହାପରେ ହେଡ୍ ୧୨୩ ରନର ଇନିଂସ ଖେଳି ଆଉଟ ହୋଇଥିଲେ । କିନ୍ତୁ ଅଷ୍ଟ୍ରେଲିଆ ପାଇଁ ମ୍ୟାଚ୍ ଜିତିବା ଏକପ୍ରକାରର ନିଶ୍ଚିତ କରି ଦେଇଥିଲେ । ୮୩ ବଲରେ ହେଡ ୧୨୩ ରନ କରିଛନ୍ତି । ଏହି ଇନିଂସରେ ସେ ୧୬ଟି ଚୌକା ଓ ୪ଟି ବିଶାଳ ଛକା ମାରିଛନ୍ତି । ହେଡଙ୍କ ବ୍ୟତୀତ ମାର୍ନସ ଲାବୁଶେନ ୫୧ ରନ କରି ଶେଷ ଯାଏ ଅପରାଜିତ ରହିଥିଲେ । ଏହି ଦୁଇ ଜଣଙ୍କ ବ୍ୟତୀତ ଡେବ୍ୟୁଟାଂଟ ଜ୍ୟାକ ୱେଦରଲାଡ ୨୩ ଓ ଅଧିନାୟକ ଷ୍ଟିଭ ସ୍ମିଥ ଅପରାଜିତ ୨ ରନ ଖେଳିଛନ୍ତି । ପ୍ରଥମ ଇନିଂସରେ ମିଚେଲ ଷ୍ଟାର୍କଙ୍କ ଘାତକ ୭ ୱିକେଟ ଦଖଲ ଯୋଗୁ ଇଂଲଣ୍ଡ ମାତ୍ର ୧୭୨ ରନରେ ଅଲଆଉଟ ହୋଇ ଯାଇଥିଲା । ଅଷ୍ଟ୍ରେଲିଆ ମଧ୍ୟ ପ୍ରଥମ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ବେନ ଷ୍ଟୋକ୍ସଙ୍କ ୫, ବ୍ରାଏଡନ କାର୍ସେଙ୍କ ୩ ଓ ଜୋଫ୍ରା ଆର୍ଚରଙ୍କ ୨ ୱିକେଟ ସଫଳତା ଯୋଗୁ ୧୩୨ ରନରେ ଅଲଆଉଟ ହୋଇ ଯାଇଥିଲା । ଘରୋଇ ପରିବେଶରେ ଦଳ ପ୍ରଥମ ଦିନରେ ୯ ୱିକେଟ ହରାଇ ୧୨୩ ରନ କରିଥିଲା । ପ୍ରଥମ ଦିନର ଖେଳ ଶେଷ ବେଳକୁ ଅପରାଜିତ ଥିବା ଡେବ୍ୟୁଟାଂଟ ବ୍ରେଣ୍ଡନ ଡୋଗେଟ(୦) ଓ ନାଥନ ଲାୟନ(୩) ଆଜି ବେଶୀ କିଛି କରି ପାରି ନଥିଲେ । ଅଷ୍ଟ୍ରେଲିଆ ଇନିଂସ ୧୩୨ରେ ଅଟକି ଯାଇଥିଲା । ପ୍ରଥମ ଇନିଂସରେ ଇଂଲଣ୍ଡକୁ ଗୁରୁତ୍ୱପୂର୍ଣ୍ଣ ୪୦ ରନର ଲିଡ ପାଇଥିଲା । ଦ୍ୱିତୀୟ ଇନିଂସରେ ଇଂଲଣ୍ଡ ପ୍ରଥମ ଓଭରରେ ଜ୍ୟାକ କ୍ରଲୀ(୦)ଙ୍କୁ ହରାଇଥିଲେ ହେଁ ବେନ ଡକେଟ(୨୮) ଓ ଓଲି ପପ(୩୩) ଲଢ଼େଇ କରିଥିଲେ । କିନ୍ତୁ ସ୍କଟ ବୋଲାଣ୍ଡ ଉଭୟଙ୍କୁ ଆଉଟ କରିବା ପରେ ତାସର ଘର ଭଳି ଷ୍ଟାର୍କ ଇଂଲଣ୍ଡ ଇନିଂସକୁ ଛିନଛତ୍ର କରି ଦେଇଥିଲେ । ତାଙ୍କୁ ବୋଲାଣ୍ଡ ମଧ୍ୟ ସହଯୋଗ କରିଥିଲେ । ଜୋ ରୁଟ(୮), ହ୍ୟାରୀ ବ୍ରୁକ(୦), ବେନ ଷ୍ଟୋକ୍ସ(୨), ଜେମି ସ୍ମିଥ(୧୫) ରନ କରିବାକୁ ସକ୍ଷମ ହୋଇଥିଲେ । ବ୍ରାୟଡନ କାର୍ସେ ୩୭ ରନ ଓ ଗସ ଅଟକିନସନ ୨୦ ରନ କରିବାକୁ ଇଂଲଣ୍ଡର ସ୍କୋର ୧୫୦ ଅତିକ୍ରମ କରିଥିଲା । କିନ୍ତୁ ଦଳ ୧୬୪ ରନରେ ଅଲଆଉଟ ହୋଇଯିବାରୁ ଅଷ୍ଟ୍ରେଲିଆକୁ ମ୍ୟାଚ୍ ଜିତିବା ପାଇଁ ମିଳିଥିଲା ୨୦୫ ରନର ଟାର୍ଗେଟ । ଦ୍ୱିତୀୟ ଇନିଂସରେ ଷ୍ଟାର୍କ ୩ଟି ୱିକେଟ ନେଇଥିବା ବେଳେ ବୋଲାଣ୍ଡ ୫ଟି ଓ ଡେବ୍ୟୁଟାଂଟ ବ୍ରେଣ୍ଡନ ଡୋଗେଟ ୨ଟି ସଫଳତା ପାଇଛନ୍ତି । ଟୀ' ପାନ ବିରତୀ ପରେ ଅଷ୍ଟ୍ରେଲିଆ ଚେଜ ଆରମ୍ଭ କରିଥିଲା । ଦଳର ନିୟମିତ ଓପନର ଖ୍ୱାଜା ଆହତ ହୋଇଥିବାରୁ ହେଡ ଓ ୱେଦରଲାଡ ଇନଂସ ଆରମ୍ଭ କରିଥିଲେ । ପ୍ରଥମ ଇନିଂସରେ ଲାବୁଶେନ ଓପନ କରିଥିଲେ ହେଁ ଏହା ଫଳପ୍ରଦ ହୋଇ ନଥିଲା । ତେଣୁ ହେଡ୍ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିଲେ । ଏହା ଦଳକୁ ଜବରଦସ୍ତ ଫାଇଦା ଦେଇଥିଲା । ସେ ଆରମ୍ଭରୁ ଆଟାକିଂ ଶଟ ମାରି ଇଂଲଣ୍ଡ ବୋଲରଙ୍କୁ ସେଟ ହେବାକୁ ଦେଇ ନଥିଲେ । ତେବେ ୱେଦରଲାଡ ୨୩ ରନ କରି କାର୍ସେଙ୍କ ବଲରେ ଆଉଟ ହୋଇଯାଇଥିଲେ । ଏହାପରେ ହେଡ ଓ ଲାବୁଶେନ ଦଳୀୟ ସ୍କୋରକୁ ୯୨ରୁ ନେଇ ୧୯୨ରେ ପହଂଚାଇ ଦେଇଥିଲେ । ଏହା ମଧ୍ୟରେ ହେଡଙ୍କ ବ୍ୟାଟରୁ ଅନେକ ବଡ଼ବଡ଼ ଶଟ ଦେଖିବାକୁ ମିଳିଥିଲା ।୨୦୧୭ ପରେ ଅଷ୍ଟ୍ରେଲିଆ ଓପନର ଭାବେ ହେଡଙ୍କ ବ୍ୟାଟରୁ ଆଶେସର କୌଣସି ମ୍ୟାଚରେ ଶତକ ଦେଖିବାକୁ ମିଳିଥିଲା । ୨୦୧୭ରେ ଡାଭିଡ ୱାର୍ଣ୍ଣର ଶତକ ମାରିଥିଲେ । ହେଲେ କାମଚଳା ଓପନର ଭାବେ ହେଡ ଦମଦାର ଶତକ ହାସଲ କରିଛନ୍ତି । ସେ କେବଳ ଶତକ ହାସଲ କରି ନାହାନ୍ତି, ବରଂ ଅଷ୍ଟ୍ରେଲିଆକୁ ବିଜୟ ଭେଟି ଦେଇଛନ୍ତି । ତେବେ ମ୍ୟାଚ୍‌ରେ ୧୦ ୱିକେଟ(ପ୍ରଥମ ଇନିଂସରେ ୭ ଓ ଦ୍ୱିତୀୟ ଇନିଂସରେ ୩) ନେଇଥିବା ଷ୍ଟାର୍କ ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି ।

ଆରଏସଏସ ମୁଖ୍ୟଙ୍କ ବଡ଼ ଦାବି : ହିନ୍ଦୁଙ୍କ ବିନା ଦୁନିଆର ଅସ୍ତିତ୍ୱ ରହିବନି

ନୂଆଦିଲ୍ଲୀ, ୨୨/୧୧(ନ୍ୟୁ.ଏ): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବା ଆରଏସଏସ ମୁଖ୍ୟ ମୋହନ ଭାଗବତ ବଡ଼ ବୟାନ ଦେଇଛନ୍ତି । ହିନ୍ଦୁ ସମାଜ ଦୁନିଆକୁ ତିଆରି କରିବାରେ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିଥାଏ ବୋଲି ସେ ଗୁରୁତ୍ୱ ଦେଇଛନ୍ତି । ତାଙ୍କ କହିବା କଥା ଯେ ହନ୍ଦୁଙ୍କ ବିନା ଦୁନିଆର ଅସ୍ତିତ୍ୱ ହିଁ ଶେଷ ହୋଇଯିବ । ମଣିପୁର ଗସ୍ତରେ ଥିବା ଶ୍ରୀ ଭାଗବତ ଗୋଟିଏ ଜନସଭାକୁ ସମ୍ବୋଧନ କରିବା ବେଳେ ବେଶ ଗୁରୁତ୍ୱ ଦେଇ କହିଛନ୍ତି ଯେ ହିନ୍ଦୁ ସମାଜ ଅମର । ୟୁନାନ(ଗ୍ରୀସ), ମିସର(ଇଜିପ୍ଟ) ଓ ରୋମ ଭଳି ସମ୍ରାଜ୍ୟକୁ ଭାରତ ପଛରେ ପକାଇ ଦେଇଛି ବୋଲି ସେ ମତ ରଖିଛନ୍ତି । ମୋହନ ଭାଗବତ କହିଛନ୍ତି, "ବିଶ୍ୱର ପ୍ରତିଟି ଦେଶ ସବୁ ପ୍ରକାରର ପରିସ୍ଥିତିକୁ ସାମ୍ନା କରିଛନ୍ତି । ୟୁନାନ(ଗ୍ରୀସ), ମିସର(ଇଜିପ୍ଟ) ଓ ରୋମ ଭଳି ସଭ୍ୟତା ପୃଥିବୀରୁ ନିଶ୍ଚିହ୍ନ ହୋଇଯାଇଛନ୍ତି । ଆମ ସଭ୍ୟତାରେ କିଛି ତ ଅଛି ଯାହା ଫଳରେ ଆମେ ଆଜି ଏଠି ରହିଛୁ ।" ମଣିପୁରରେ ଆଦିବାସୀ ଓ ଅଣଆଦିବାସୀଙ୍କ ସଂଘର୍ଷ ପରେ ପ୍ରଥମଥର ସେଠାକୁ ଯାଇଥିବା ଆରଏସଏସ୍ ମୁଖ୍ୟ ଭାଗବତ ହିନ୍ଦୁ ସମାଜକୁ ଧର୍ମର ବୈଶ୍ୱିକ ସଂରକ୍ଷକ ଭାବେ ଉପସ୍ଥାପନ କରିଛନ୍ତି । ସେ କହିଛନ୍ତି, "ଅମର ସଭ୍ୟତାର ନାଁ ହେଉଛି ଭାରତ । ଆମ ସମାଜରେ ଆମେ ଗୋଟିଏ ନେଟୱର୍କ ତିଆରି କରିଛୁ । ଖାସ ଏହି କାରଣ ପାଇଁ ହିନ୍ଦୁ ସଂପ୍ରଦାୟ ସବୁବେଳେ ଏଠାରେ ରହିବେ । ଯଦି ହିନ୍ଦୁ ଲୋପ ପାଇଯିବେ, ତା'ହେଲେ ବିଶ୍ୱ ମଧ୍ୟ ଶେଷ ହୋଇଯିବ ।" ପୂର୍ବରୁ ଭାଗବତ କହିଥିଲେ ଯେ ଭାରତରେ କେହି ବି ଅଣ ହିନ୍ଦୁ ନୁହନ୍ତି । ମୁସଲମାନ ଓ ଖ୍ରୀଷ୍ଟିୟାନ ହେଉଛନ୍ତି ଗୋଟିଏ ପୂର୍ବପୁରୁଷଙ୍କ ବଂଶଜ । ଦେଶକୁ ମଜବୁତ କରିବା ପାଇଁ ଏହାର ଆର୍ଥିକ ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଆତ୍ମନିର୍ଭର ହେବା ଜରୁରୀ ବୋଲି ମଧ୍ୟ ଆରଏସଏସ ମୁଖ୍ୟ ମୋହନ ଭାଗବତ ନିଜର ଅଭିଭାଷଣରେ ଗୁରୁତ୍ୱ ଦେଇଛନ୍ତି । ଏହାସହ ଭାଗବତ ଏହା ମଧ୍ୟ କହିଛନ୍ତି ଯେ ରାଷ୍ଟ୍ର ନିର୍ମାଣ ପାଇଁ ସୈନ୍ୟ କ୍ଷମତା ଓ ଜ୍ଞାନ କ୍ଷମତା ସମାନ ରୂପରେ ମହତ୍ୱପୂର୍ଣ୍ଣ । ସେ କହିଛନ୍ତି, "ଗୋଟିଏ ରାଷ୍ଟ୍ରଗଠନ ପାଇଁ ପ୍ରଥମ ଆବଶ୍ୟକତା ହେଲା ଶକ୍ତି । ଶକ୍ତିର ଅର୍ଥ ଆର୍ଥିକ କ୍ଷମତା । ଶ୍ରେଷ୍ଠତା ଶବ୍ଦ ବେଳେବେଳେ ଭୁଲ ଅର୍ଥ ମଧ୍ୟ ବାହାର କରିଥାଏ । କିନ୍ତୁ ଆମର ଅର୍ଥ ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ଆତ୍ମନିର୍ଭର ହେବା ଜରୁରୀ । ଆମକୁ କାହା ଉପରେ ନିର୍ଭର କରିବା କଥା ନୁହେଁ ।" ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆକାଶ ଛୁଆଁ ଟାରିଫ ଲଗାଇଥିବାରୁ ଭାରତ ସରକାର ସ୍ୱଦେଶୀ ନାରା ଦେବା ଆରମ୍ଭ କରିଛନ୍ତି । ସରକାର ସ୍ୱଦେଶୀ କଥା କହୁଥିବା ବେଳେ ଭାଗବତଙ୍କ ଆତ୍ମନିର୍ଭର ଅର୍ଥ ବ୍ୟବସ୍ଥା ବୟାନ ସାମ୍ନାକୁ ଆସିଛି । ଭାଗବତଙ୍କ କହିବା କଥା ଯେ ଏହି ପଥ ଆଦୌ କଷ୍ଟସାଧ୍ୟ ନୁହେଁ । ଏହାର ଉଦାହରଣ ମଧ୍ୟ ସେ ଦେଇଛନ୍ତି । ନକ୍ସଲବାଦ ହ୍ରାସ ପାଇବା କଥାକୁ ଉପସ୍ଥାନ କରି ଭାଗବତ କହିଛନ୍ତି ଯେ ଏହା ଏବେ ଶେଷ ହୋଇଛି । କାରଣ ସମାଜ ଏହାକୁ ଆଉ ଗ୍ରହଣ କରିବା ମୁଡରେ ନୁହେଁ । ସେ କହିଛନ୍ତି, "ବ୍ରିଟିଶ ସାମ୍ରାଜ୍ୟରେ ସୂର୍ଯ୍ୟ କେବେ ଅସ୍ତ ହୁଏ ନାହିଁ । କିନ୍ତୁ ଭାରତରେ ସୂର୍ଯ୍ୟ ଅସ୍ତ ହେବା ଆରମ୍ଭ ହୋଇସାରିଛି । ଆମେ ୯୦ ବର୍ଷ ହେଲା ଉଦ୍ୟମ କରୁଥିଲୁ । ସ୍ୱର କେବ ଚାପି ଦେବାକୁ ଆମେ କେବେ ବି ଅନୁମତି ଦେଇ ନଥିଲୁ । ବେଳେବେଳେ ଏହା ଦୁର୍ବଳ ହୋଇଯାଏ, ବେଳେବେଳେ ଏହା ସଶକ୍ତ ହୁଏ । ହେଲେ ଏହାକୁ ଶେଷ କରିବାକୁ କେବେ ହେଲେ ଅନୁମତି ଦିଆ ଯାଇ ନଥିଲା ।"

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das